ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

୪
ଜାନୁଆରୀ ୨୦୧୭ ସଂସ୍କରଣ



ଦ୍ୱନ୍ଦ୍ୱଯୁଦ୍ଧ
ଚଡ଼ଦିନ
ନୂଆ ବରଷ
ତୁମ ପାଇଁ ମୁଁ
ପୁନର୍ଜନ୍ମ ନାହିଁ
ଏଇ ତ ଜୀବନ
ମକର, ପୁଣ୍ୟତିଥି
ଦୁର୍ଲ୍ଲଭ ମାନବ ଜନ୍ମ
ବନ୍ଦଇ ତୋର ଚରଣ
ସୁନ୍ଦର ବନିବାର କଳା
ଏକରୂପୀ ଜଗନ୍ନାଥ
ବାଘ ମାଡିଛି
ମୁଁ ଓ ମାଆ
କୃଷ୍ଣସାର ମୃଗ

ଡି.ଏନ.ରାଓ ଆଉ ନାହାନ୍ତି

କୁରୀତି ଓ ସଂସ୍କୃତି

ଭୀମ ଆପ୍ ଓ ବିମୁଦ୍ରୀକରଣ

ପ୍ରଥମ ନାଟକ - କାଞ୍ଚିକାବେରୀ

ଦ୍ୱାଦଶ ବର୍ଷ, ପ୍ରଥମ ସଂଖ୍ୟା, ଜାନୁଆରୀ ୨୦୧୭

ନବବର୍ଷର ଶୁଭକାମନା ୨୦୧୭

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

ପ୍ରତଷ୍ଠାତା - ସମ୍ପାଦକ

## ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ

ଏମ୍.ବ.ବ.ଏସ୍., ପି.ଜ.ଡ଼ି.ଏମ୍.ସି.ଏଚ୍., ପି.ଜ.ଡ଼ି.ଏଚ୍.ଏମ୍.

ବୀମା ନଗର, ଦ୍ୱତୀୟ ଗଳ, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଦୂରଭାଷ - ୯୦୪୦୯୮୫୪୬୩, ଇମେଲ୍ - aahwaan@gmail.com

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକୁ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳ ଯାଏଁ କୌଣସି ସୂଚନା ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତ ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲ ଭାବରେ ପଢ଼ନ୍ତି ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରସାର ଓ ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କର ପ୍ରତିଛବି ଗଣମାଧ୍ୟମ ବା ଇଣ୍ଟରନେଟରେ ଦେଇପାରିବେ । ଏଠାରେ ଆମେ ଅନୁରୋଧ କରିବୁ ଯେ ଯେବେ ମଧ୍ୟ ଆପଣ ପତ୍ରିକାର କୌଣସି ଅଂଶ ଇଣ୍ଟରନେଟ / ଫେସବୁକ / ଟ୍ୱିଟରରେ ପ୍ରସାର କରୁଛନ୍ତି, ଦୟାକରି ଆମ ପତ୍ରିକାର ୱେବ୍‌ସାଇଟର ନାଁ (www.aahwaan.com) ଉଲ୍ଲେଖ କରିବାକୁ ଭୁଲିବେ ନାହିଁ ।

ତାରିଖ ବଦଳିଯାଏ
ଦିନ ସବୁ ରହିଥାଏ ଯେମିତି ସେମିତି
ଆଶା ମନେ ଘର ବାନ୍ଧେ
ବଦଳେନି ଦିନ ଆଉ ଗତି ।
ନୂଆବର୍ଷ ଆଣେ ମନେ ଅଜସ୍ର ହରଷ
ଆଶା ଆଉ ଉଦ୍ଦୀପନା
ସବୁ ଦୁଃଖଭୁଲି ହସରେ ବିତାଅ
ହୋଇଯାଅ ଆନମନା ।

ଆହ୍ୱାନ ଇ-ପତ୍ରିକା ତରଫରୁ ସମସ୍ତ
ସାହିତ୍ୟିକ ଓ ପାଠକଙ୍କୁ ହାର୍ଦ୍ଦିକ
ଶୁଭକାମନା ଓ ଅଭିନନ୍ଦନ ।

# ସୂଚୀପତ୍ର

ସମ୍ପାଦକଙ୍କ ଲେଖନୀରୁ ୮

ନୂଆ ବରଷ ୧୨
ଲୀନା ମହାନ୍ତି

ହେ ନୂଆ ବର୍ଷ ୧୩
ଶମ୍ଭୂନାଥ ଦାସ

ସନ୍ତୁ ବଜବାର କଳା ୧୪
ଡା ସୌମ୍ୟରଞ୍ଜନ ମିଶ୍ର

ହାରିବାକୁ ଲୋଡ଼ା ବାହାନା ୧୬
ପ୍ରକାଶ ରଞ୍ଜନ ପରିଡ଼ା

ଦ୍ୱନ୍ଦ୍ୱଯୁଦ୍ଧ ୧୭
ମଧୁସ୍ମିତା ପଟ୍ଟନାୟକ

ଅପେକ୍ଷା ରହିଲା ମୋର ୧୯
ପ୍ରଶାନ୍ତ କୁମାର ନାଥ

ଏଇ ତ ଜୀବନ ୨୦
ପ୍ରଶାନ୍ତ କୁମାର ନାଥ

ମକର, ଏ ପୂଣ୍ୟ ତିଥି ୨୧
ଅନାମ ଚରଣ ସାହୁ

ପୁନର୍ଜନ୍ମ ନାହିଁ ୨୫
ସନାତନ ମହାକୁଡ଼

ଦୁର୍ଲଭ ମାନବ ଜନ୍ମ ୨୬
ପ୍ରବୋଧ ଚନ୍ଦ୍ର ମୁଦ୍ରା

ମୁଁ ୨୯
ପ୍ରବୋଧ ଚନ୍ଦ୍ର ମୁଦ୍ରା

ବନ୍ଦଇ ତୋର ଚରଣ ୩୨
ହିମାଂଶୁ ଶେଖର ବାରିକ

ବଡ଼ଦିନ ୩୪
ମିନତୀ ପ୍ରଧାନ

ଦୁଇଟି କ୍ଷୁଦ୍ର କବିତା ୩୬
ଅନୁପମ ବେହେରା

ତିନୋଟି ପ୍ରେମଗୀତ ୩୮
ଆଶୁତୋଷ ମେହେର

ଇୟାଡୁ ସିଆଡୁ (ସମ୍ବଲପୁରୀ) ୪୦
ଆଶୁତୋଷ ମେହେର

ଭିଉଖାଏ ଚଲିକା ୪୧
ମହେନ୍ଦ୍ର ପ୍ରତାପ ସ୍ୱାଇଁ

ଆମର ଗାଁ ୪୨
ବରୁଣ କୁମାର ଦାସ

ମୋ ଗାଁ ୪୪
ଇଂ ଶାରଦାପ୍ରସାଦ ପରିଡ଼ା

ତୁମ ପାଇଁ ମୁଁ ୪୭
ଶୁଭସ୍ମିତା ବେହେରା

ଏକରୂପୀ ଜଗନ୍ନାଥ ୪୮
ଅଖଣ୍ଡ

ତିନୋଟି ଅନାମିକା କବିତା ୪୯
ଡା ସନ୍ଧ୍ୟାରାଣୀ ତ୍ରିପାଠୀ

ବାଘ ମାତଛି ୫୩
ଦୀପକ ଷଡ଼ଙ୍ଗୀ

ମୁଁ ଓ ମାଆ ୬୦
ପାରମିତା ପାଣିଗ୍ରାହୀ

କୃଷ୍ଣସାର ମୃଗ ୬୨
ନୃସିଂହ ଚରଣ ବେହେରା

ଡି.ଏନ୍.ରାଓ ଆଉ ନାହାନ୍ତି ୬୭
ମୀନକେତନ ପଟ୍ଟନାୟକ

ଭୀମ୍ : ମୁଦ୍ରାବିହୀନ କାରବାର ୭୫
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବିମୁଦ୍ରୀକରଣ ଓ ଭାରତ ୮୨
ଅନାମ ଚରଣ ସାହୁ

କାଞ୍ଚିକାବେରୀ ଓ ରାମଶଙ୍କର ରାୟ ୯୦
ଗବେଷିକା ରଞ୍ଜିତା ପାତ୍ର

ମେଲଆପୁଛି ରାଧାଗୋବିନ୍ଦ ମନ୍ଦିର ୯୫
ଲିଙ୍ଗରାଜ ପ୍ରସାଦ ପଟ୍ଟନାୟକ

କୁରୀତି ଓ ସଂସ୍କୃତି ୧୦୦
ବାଲ୍ମୀକି ନାୟକ

ପୁସ୍ତକ ସମୀକ୍ଷା ୧୦୫
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ ଲେଖନୀରୁ



*ନୂତନ ବର୍ଷର ଶୁଭ ଅଭିନନ୍ଦନ*

ପୁଣି ବର୍ଷଟିଏ ବିତିଗଲା । ଅନେକ ସୁଖଦୁଃଖର ମୁହୂର୍ତ୍ତ, ନୂତନ ସମ୍ଭାବନା, ଅନେକ ହତାଶା ଓ ନିରାଶା ଦେଇଗଲା । ଏଇମିତି ତ ହୁଏ ! ତାରିଖ ବଦଳିଯାଏ, ହେଲେ ଦିନ ସବୁ ସେଇମିତି ଥାଏ । ହଁ, କିଛି ଦିନ ପାଇଁ ନୂତନ ଆଶା ମନରେ ସଞ୍ଚାର ହୋଇଥାଏ, ହେଲେ ଧିରେ ଧିରେ ସେ ସବୁ ଆଶା ଧୂଳିସାତ ହୋଇଯାଏ, କ୍ୟାଲେଣ୍ଡରରେ ମାସ ଓ ଦିନ ବଦଳିଯାଏ । ଏମିତି ଅନେକ ବର୍ଷ ଆସିଛି ଓ ଯାଇଛି, ସବୁବର୍ଷ ମନରେ ଆଶା ଓ ସମ୍ଭାବନାର ସ୍ୱପ୍ନ ଘର କରିଛି, କିଛି ଆଶା ପୂରଣ ହୋଇଛି ଆଉ କିଛି ଆଶାରେ ହିଁ ରହିଯାଇଛି । ଅନେକ ଦୁର୍ଘଟଣା ମନକୁ ଆଘାତ ଦେଇଛି, ଅନେକ ନୂତନ ଘଟଣା ମନକୁ ଆନନ୍ଦିତ କରିଛି । ସବୁବର୍ଷ ସେଇ ଅଭିନନ୍ଦନ ଓ ଶୁଭକାମନାର ଦିଆନିଆ କିନ୍ତୁ ସେମିତି ଚାଲିଛି । ବିଶ୍ୱରେ ଶାନ୍ତି, ସମସ୍ତଙ୍କୁ ସ୍ନେହ ଓ ସମ୍ମାନ, ସମସ୍ତଙ୍କ ପାଇଁ ଅଜସ୍ର ଖୁସିର କାମନା ସହିତ ଉପସ୍ଥାପନ କରୁଛି ଚଳିତ ବର୍ଷର ପ୍ରଥମ ସଂସ୍କରଣ ଆହ୍ୱାନ ଇ-ପତ୍ରିକା ।

ବିଗତ ସଂସ୍କରଣରେ ପ୍ରକାଶିତ କିଛି ଲେଖା ବିଷୟରେ ପାଠକୀୟ ମତାମତ ଆମର ହସ୍ତଗତ ହୋଇଛି । ମତାମତ ଯାହା ବି ହେଉନା କାହିଁକି, ଭଲ ଲାଗୁଛି ଯେ ଅନେକେ ଆହ୍ୱାନକୁ ପଢ଼ିଛନ୍ତି ଏବଂ ନିଜସ୍ୱ ମତ ଦେବାକୁ ଭୁଲିନାହାନ୍ତି । ସର୍ବାଧିକ ମତ ହେତୁବାଦୀ ଲେଖକ ବାଲ୍ମୀକି ନାୟକଙ୍କ ଦୁଇଟି ଲେଖା ବାବଦରେ ମିଳିଛି ।

ଭାରତୀୟ ପୌରାଣିକ କଥାବସ୍ତୁକୁ ହେୟଜ୍ଞାନ କରି ଏହି ସବୁ ଲେଖା ପ୍ରକାଶିତ କରିଥିବା କଥା କହି ଅନେକେ କ୍ଷୋଭ ପ୍ରକାଶ କରିଛନ୍ତି । ସମସ୍ତ ପାଠକ ପାଠିକାଙ୍କ ମତକୁ ଆମେ ସମ୍ମାନ ଦେଉଛୁ, କିନ୍ତୁ ଶ୍ରୀ ନାୟକ ଲେଖିଥିବା ଲେଖା ସମ୍ପୂର୍ଣ୍ଣତଃ ତାଙ୍କର ନିଜସ୍ୱ ମତ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ନିଜସ୍ୱ ମତ ଥାଏ, ମତ ପାର୍ଥକ୍ୟ ହେବା ସ୍ୱାଭାବିକ । ଯେମିତି ଆମେ ଅବିଶ୍ୱସ୍ୟ ଘଟଣା ମାନଙ୍କ ଉପରେ ବିଶ୍ୱାସ କରିଥାଉ, ସେମିତି ସେ ମଧ୍ୟ ବିଜ୍ଞାନ ସମ୍ମତ ଘଟଣାମାନଙ୍କୁ ହିଁ ବିଶ୍ୱାସ କରିଥାନ୍ତି । ଭୂତପ୍ରେତ କାହାଣୀ ଶୁଣି ଶୁଣି ଆମେ ବଡ଼ ହୋଇଛୁ, ତେଣୁ ଭୁତପ୍ରେତ କଥା ପଢ଼ିଲେ ଆମେ ଡରିଯାଉ, ହେଲେ ସେ ସବୁ ବିଜ୍ଞାନ ସମ୍ମତ ନୁହେଁ, ଏହାକୁ ଲେଖା ମାନଙ୍କ ମାଧ୍ୟମରେ ପ୍ରକାଶ କରିବାରେ କୌଣସି ଆପତ୍ତି ନାହିଁ । ଆହ୍ୱାନ ଇ-ପତ୍ରିକା ସବୁପ୍ରକାର ଚିନ୍ତାଧାରାକୁ ସମ୍ମାନ ଜଣାଏ ଏବଂ ଲେଖା ପ୍ରକାଶିତ କରିଥାଏ । ସମ୍ପାଦକୀୟ ତ୍ରୁଟି ଯୋଗୁଁ ବିଗତ ସଂସ୍କରଣରେ ଅନେକ ଲେଖକଙ୍କ ଠିକଣା ଆମେ ପ୍ରକାଶିତ କରିପାରି ନଥିଲୁ, ଏହି ସଂସ୍କରଣରେ ସେହି ତ୍ରୁଟି ବିଷୟରେ ବିଶେଷ ଧ୍ୟାନ ଦିଆଯାଇଛି । ଆପଣଙ୍କ ମତାମତ ଆପଣ ଲେଖକଙ୍କ ସହ ସିଧାସଳଖ ସଂପର୍କ କରି ଜଣାଇପାରିବେ ଏବଂ ଆଲୋଚନା କରିପାରିବେ ।

*ବିମୁଦ୍ରୀକରଣର ପରିଣାମ*

ନଭେମ୍ବର ଆଠତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ୫୦୦ ଏବଂ ୧୦୦୦ ଟଙ୍କା ମୁଦ୍ରା ସମ୍ପୂର୍ଣ୍ଣ ଭାବେ ଅଚଳ କରିଦିଆ ଯାଇଥିଲା । ସେତେବେଳେ ଶ୍ରୀ ମୋଦୀ ସୂଚନା ଦେଇଥିଲେ ଯେ ୫୦ ଦିନରେ ସେ ପୁଣିଥରେ ଅର୍ଥନୀତିକୁ ସଚଳ କରାଇଦେବେ । ବିଗତ ବର୍ଷ ଡିସେମ୍ବର ୩୧ ତାରିଖରେ ସେ ମିଆଦ ଶେଷ ହୋଇଗଲା । ବ୍ୟାଙ୍କ ମାନଙ୍କ ସମ୍ମୁଖରେ ଲମ୍ବା ଧାଡ଼ି ଆଉ ଦେଖିବାକୁ ମିଳୁନି ସତ, ହେଲେ ଏଟିଏମ୍‌ରୁ ଏବେ ମଧ୍ୟ ଟଙ୍କା ବାହାର କରିବା

ଏକ କଷ୍ଟକର ବ୍ୟାପାର ହୋଇଯାଇଛି । ପ୍ରାୟ ସମସ୍ତ ଏଟିଏମ୍‌ରୁ କେବଳ ୨ ହଜାର ଟଙ୍କିଆ ନୂଆ ନୋଟ୍ ବାହାରୁଛି, ଯାହା ଖୁଚୁରା ବ୍ୟାପାରକୁ କଷ୍ଟକର କରିଛି । ଅବଶ୍ୟ ନୂତନବର୍ଷରୁ ଏଟିଏମ୍‌ରୁ ଟଙ୍କା ବାହାର କରିବା କୋହଳ କରାଯାଇ ୪୫୦୦ କରାଯାଇଛି ଏବଂ ଅନେକ ଏଟିଏମ୍‌ରେ ନୂଆ ୫୦୦ ଟଙ୍କିଆ ନୋଟ୍ ବାହାରୁଛି ତଥାପି ଅନେକ ସ୍ଥାନରେ ଅଚଳାବସ୍ଥା ଜାରୀ ରହିଥିବା କଥା ଗଣମାଧ୍ୟମରେ ପ୍ରକାଶିତ ହୋଇଛି । ହୁଏତ ଆଉ ମାସେ ଦୁଇମାସ ଭିତରେ ସବୁକିଛି ପୂର୍ବପରି ହୋଇପାରିବ । ଆମେ ସରକାରଙ୍କ ଏହି ପଦକ୍ଷେପକୁ ପୂର୍ଣ୍ଣ ସମର୍ଥନ କରୁଛୁ ।

ବିମୁଦ୍ରୀକରଣର ପଚାଶ ଦିନ ସମାପ୍ତ ହେବାପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କ୍ୟାସଲେସ୍ ଟ୍ରାନ୍‌ଜେକ୍ସନ୍ (ମୁଦ୍ରାବିହୀନ ବ୍ୟାପାର)କୁ ପ୍ରୋତ୍ସାହନ ଦେବାପାଇଁ ସରକାରୀ ଭାବରେ ଏକ ମୋବାଇଲ୍ ଆପ୍ (BHIM) ଦେଶବାସୀଙ୍କୁ ଉପହାର ଦେଇଛନ୍ତି । ଏହି ଆପ୍ ମାଧ୍ୟମରେ ଆପଣ ସହଜରେ ଟଙ୍କା ଦେଣନେଣ କରିପାରିବେ । ଏହା ଦ୍ୱାରା ଲୋକମାନେ ଆଉ ଏଟିଏମ୍‌ର ଧାଡ଼ିରେ ଛିଡ଼ା ହେବାକୁ ପଡ଼ିବ ନାହିଁ । ଅବଶ୍ୟ ଏହାପୂର୍ବରୁ ଅନେକ ମୋବାଇଲ୍ ଆପ୍ ସେହିପରି ସେବା ଯୋଗାଇ ଆସୁଥିଲେ, ତଥାପି ଅନେକ ବ୍ୟାପାରୀ / ବ୍ୟବସାୟୀ ଏହି ସବୁ ମାଧ୍ୟମରେ ଟଙ୍କା ଦେଣନେଣକୁ ଅସ୍ୱୀକାର କରୁଛନ୍ତି । ସେମାନେ ଏହା କାହିଁକି କରୁଛନ୍ତି ସେହି ବିଷୟରେ ଏକ ଆଲେଖ୍ୟ ଚଳିତ ସଂସ୍କରଣରେ ପ୍ରକାଶିତ ହୋଇଛି । ଆମେ ସମସ୍ତେ ଯଦି ମୁଦ୍ରାବିହୀନ ଦେଣଦେଣ କରିବା ଏହା ଦ୍ୱାରା ଦେଶକୁ ଅନେକ ପ୍ରକାର ଲାଭ ମିଳିପାରିବ । ସେ ସବୁ ବିଷୟରେ ବିଶେଷ ଆଲେଖ୍ୟ ନିଶ୍ଚୟ ପଢ଼ନ୍ତୁ । ସେ ଯାହେଉ, ସରକାରଙ୍କ ଦ୍ୱାରା ପ୍ରସ୍ତାବିତ BHIM ଆପ୍ ନିଶ୍ଚୟ ନିଜ ମୋବାଇଲରେ ରଖନ୍ତୁ କାରଣ ସରକାର ମୋବାଇଲ୍

ମାଧ୍ୟମରେ ଟଙ୍କାଦେଣନେଣ କରୁଥିବା ବ୍ୟକ୍ତିଙ୍କୁ ପୁରସ୍କୃତ କରିବେ ବୋଲି ଘୋଷଣା କରିଛନ୍ତି ଏବଂ ସର୍ବାଧିକ ଏକ କୋଟି ଟଙ୍କାର ପୁରସ୍କାର ମଧ୍ୟ ଘୋଷଣା ହୋଇଛି । କିଏ ଜାଣେ, ନୂଆ ବର୍ଷ ଆପଣଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଦେବନି ତ ?

ଆପଣମାନଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇ ଉପସ୍ଥାପନ କରୁଛି ଆହ୍ୱାନ ଇ-ପତ୍ରିକାର ଚଳିତ ବର୍ଷର ପ୍ରଥମ ସଂସ୍କରଣ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



# ନୂଆ ବରଷ



ଲୀନା ମହାନ୍ତ

ନୂଆ ବରଷରେ ପାଦ ଦେଇ ଆଜ
ଲାଗେ ମୋତେ ନୂଆ ନୂଆ,
ନୂଆ ସକାଳର ସୁନେଲି କିରଣ
କରିଛି ମୋତେ କମିଆ ।

ନୂଆ ନୂଆ ଲାଗେ ସାରା ଦୁନିଆଟା
ଖୁସିରେ ଭରିଛି ସାରା ସହର
ନୂଆ ଜୀବନଟେ ଡାକେ ହାତ ଠାରି
ପାଦ ଦେବାପାଇଁ ଜୀବନେ ତାର ।

ନୂଆ ରୂପ ତାର ନୂଆ ରଙ୍ଗ ତାର
ରହିବ ବରଷେ ସାଥେ
ପୁରୁଣା ଦିନକୁ ଦେଉଛି ବିଦାୟ
ସମୟ ନୁହେଁ କା ହାତେ ।

କିଛି ଦୁଃଖ କିଛି ସୁଖର ମୁହୂର୍ତ୍ତ
ସାଥେ ନେଇଯିବ ଗ୍ଭଲି
ଆଣି ଦେବ ପୁଣି କିଛି ନୂଆ ଆଶା
ଦେବ ହୃଦୟରେ ଭରି ।

ଜଗତସିଂହପୁର

# ହେ ନୂଆବର୍ଷ



ଶମ୍ଭୁନାଥ ଦାସ

ହେ ନୂଆବର୍ଷ !
ପ୍ରୀତିର ସୁରଭି ହୃଦୟରେ ଭରି
ପୃଥିବୀକୁ ତୁମେ କର ପ୍ରବେଶ ।୧ ।
ହାତରେ ଧରିଛୁ କେତେ ରଙ୍ଗଫୁଲ
ଓଠରେ ଭରିଛୁ ପୁଲକ ହସ,
ସଜାଡ଼ି ରଖିଛୁ ମକର ଗୁଡ଼ଲ
ଚଖେଇବୁ ଆମେ ହୋଇ ହରଷ;
ହେ ନୂଆ ବର୍ଷ ।୨ ।
ପୁରୁଣା ବର୍ଷର କଳା ଇତିହାସ
ଧଳା ଗୁଦରରେ କରିବୁ ନାଶ
ଫୁଲର ରଙ୍ଗରେ ଅତର ଢାଳିଛୁ
ତୁମପାଇଁ ଯାହା ପ୍ରୀତିର ଫାଶ;
ହେ ନୂଆ ବର୍ଷ ।୩ ।
ମା' ବୀଣାପାଣି ପାଶେ ଆମ ଅଳି
ନୂଆ ବରଷର ନୂଆ ସନ୍ଦେଶ
ଶାନ୍ତି - ମୈତ୍ରୀ - ପ୍ରୀତି ଭାବରେ ସମାଜ
ପୁଲକିତ ହେଉ ଜନମାନସ ।୪ ।

ମୁଖ୍ୟ ସମ୍ପାଦକ, 'ଅଭିଯାନ'
୧୭୫ - ଏ/୧, ବଶ୍ରୀଲକ୍ଷ୍ମୀ ତାଲ ରୋଡ଼
କୋଲକାତା - ୭୦୦୦୬୦
ଦୂରଭାଷ - ୯୦୩୮୩୯୭୧୩୫

# ସନ୍ଥ ବନବାର କଳା



ଡା ସୌମ୍ୟରଞ୍ଜନ ମିଶ୍ର

ନାଗୁଣୀର ମଣି କଏ ପ୍ରାପ୍ତହେବ

ବ୍ରହ୍ମ ରକ୍ଷାସ କେଉଁ ରୂପନେଇ ପ୍ରତଶୋଧ ନେବ

ର୍ତ ପାହ ହେଲେ ଫର୍ଚ୍ଚା

ଘରେ ଘରେ ବକ୍‌ବାସ ଚର୍ଚ୍ଚା

ଧାର୍‌ବାହକର ପ୍ରବହମାନ ଧାର୍‌ରେ ଅବଗାହନ କର

ଶାଶୁ ବୋହୁ ସଭଏଁ ପୁଲ୍କତ ।

ଦେହ ପା’ ଭଲ ହେବବୋଲ

ଚେଙ୍ଗ ଖୋଇ

ଗୃଷପାଇଁ ପୋଢ଼ବଳ ଦେଇ

ବଚର୍‌ ସରଳ ବଶ୍ୱାସୀ ମଣିଷର

ଅଧାଲୁଗ୍ର ଇଜ୍ଜତ ଲୁଣ୍ଠିତ ।

ଏଠି ସନ୍ଥ ହେବାକୁ ହେଲେ

ପ୍ରମାଣ ରଖିବାକୁ ହେବ ଚମତ୍କାରର

ଆର୍ଥ୍ର ଆର୍ଥ୍ର ଲୋକ ପରଖନ୍ତି ତାକୁ

ହୃଦବୋଧ ହେଲେ ସନ୍ଥ ବୋଲ କରନ୍ତି ଘୋଷଣା ।

ମନ ସଫା ମଣିଷର ବୋଧକୁ ସମ୍ମତ

କେଉଁ ଯେ ସଭ୍ୟତାର ପାଠ ପଢ଼ାନ୍ତି

ତାହା ତାଙ୍କୁ ହିଁ ଜଣା

ସନ୍ଥ ବଳବାର କଳା ଆମକୁ ମାଲୁମ ଅଛି ଯେ

ଆମେ କିନ୍ତୁ ସବୁ ଜାଣିକି ଅଜଣା ।

ମଧଖଣ୍ଡୀ, ଶ୍ରୀବଳଦେବ ଜୀଉ

କେନ୍ଦ୍ରାପଡ଼ା - ୭୫୪୨୧୨

ଦୂରଭାଷ : ୯୯୩୭୩୭୪୩୪୨

ଇମେଲ୍ - dr.srmishra@gmail.com

ଦ୍ୱାଦଶ ବର୍ଷ, ପ୍ରଥମ ସଂଖ୍ୟା, ଜାନୁଆରୀ ୨୦୧୭


# ହାରିବାକୁ ଲୋଡ଼ା ବାହାନା



ପ୍ରକାଶ ରଞ୍ଜନ ପରିଡ଼ା

ଭାଙ୍ଗି ଭାଙ୍ଗି ଯାଉଥିବା ଘରକୁ ସଜାଡ଼ିବା
ସତରେ ଭାରି କଷ୍ଟ,
ମନେ ମନେ ଯେତେ ସଜାଡ଼ିଲେ ବି
କେଉଁଠି ନା କେଉଁଠି ରହିଯାଏ ବିଷମଞ୍ଜି
ଗୁପ୍ତ ରହିଯାଏ ଶତ୍ରୁର ଠିକଣା ।
ଫଟା କାନ୍ଥକୁ ଯୋଡ଼ୁ ଯୋଡ଼ୁ ବଢ଼ିଯାଏ
ଭେଦୁଅର ଚିଁ ଚିଁ ଖରାବେଳ
ପାଇଯାଏ ପୌଷର ଲମ୍ବା ରାତ,
ଆତ୍ମୀୟତାର ରଙ୍ଗରେ ଚକ୍‌ମିକ୍ କରୁଥିବା
ମୁହଁ ମାନଙ୍କ ଆଢୁଆଳରେ
ଯୁଦ୍ଧର ନକ୍ସା ଆଙ୍କୁଥାଏ ନିଷ୍ଠୁର,
ଭିନ୍ନ ହେଲାଭାଇ ଓ ବାହାହେଲା ଭଉଣୀଙ୍କ
କୃତ୍ରିମ ଆଶ୍ୱାସନାରେ
ଚଟାଣରେ ଲୋଟୁଥାଏ ତାଳପକା ସଂପର୍କ ।
ନିର୍ମୂଳୀ ଲତାକୁ ଗଛ ଗଣ୍ଠି ଖାଇବାକୁ
ସୁଯୋଗ ଦେବାଠାରୁ ଢେର୍ ଭଲ...
ଆସୁ ପ୍ରଳୟ, ଆସୁ ଗୋଟେ ନିର୍ମମ ଝଡ଼
ମାଟିରେ ମିଶିଯାଉ ଘର,
ଅନ୍ତତଃ ନଥିବା ଘରକୁ ଖୋଜୁ ଖୋଜୁ
ସଭିଏଁ ଭାବିବେ
ଦିନେ ଏଇଠି ଥିଲା ଆମ ଘର
ଆମେ ସବୁ ଗୋଟିଏ ଘରର ମଣିଷ ।

ନିଶିପ୍ରଦୀପ, ଅଶୋକନଗର, ବାତୋ, କେନ୍ଦୁଝର

# ଦ୍ୱନ୍ଦ୍ୱଯୁଦ୍ଧ



ମଧୁସ୍ମିତା ପଟ୍ଟନାୟକ

କାହିଁକି ଏ ମନ ସହ ଚାଲିଛି ମୋର ଅହରହ ଦ୍ୱନ୍ଦ୍ୱଯୁଦ୍ଧ
ହତାଶ ହତାଶ ଭାବ ଚତୁଃପାର୍ଶ୍ୱେ କାହିଁକି ରହିଛି ?
ସବୁ ଥାଇ କିଛି ନଥିଲା ପରି କାହିଁକି ଲାଗୁଛି ?
ଏଇ ଅଛି... ଏଇ ନାହିଁର ଉଠାପକା ଖେଳ ଏ ମନେ କାହିଁକି ଚାଲିଛି ?
ମରୁଭୂମିର ମରୀଚିକା ପରି ସବୁକିଛି ପ୍ରହେଳିକାମୟ କାହିଁକି ଲାଗୁଛି ?
ସମସ୍ତଙ୍କ ଚକ୍ଷୁଶୂଳ ଆଜି ମୁଁ ଯେ କାହିଁକି ହୋଇଛି ?
ଆପଣାର ଭାବି ନିଃସ୍ୱାର୍ଥ ଭାବରେ କର୍ମ ତ କରିଲି...
କାହିଁକି ତା ହେଲେ କିଛି କହିଗଲେ ମୁଁ ଯେ ସବୁ ସ୍ୱାର୍ଥପାଇଁ ଏ ସବୁ କରିଛି... ?
ଯାହା ମୋ ସାମର୍ଥ୍ୟ ମଧ୍ୟରେ ଥିଲା ସେ ସବୁତ କରିଲି...
ତା'ହେଲେ ମନରେ ସେମାନଙ୍କ ସନ୍ଦେହର ବୀଜ କାହିଁକି ଭରିଛି ?
ତଥାପି ସବୁ ଭୁଲି ସୁଖ ଟିକେ ନିଜ ପାଇଁ ମୁଠାରେ ଧରି ରଖିଥିଲି...
ଆଶାଥିଲା ନିଶ୍ଚିତ ବଦଳିବ ଦିନେ ଏ ବତାସର ଦିଗ
ହେଲେ ସେ ତ ଥିଲା ଖାଲି ଏକ ମିଥ୍ୟା ପ୍ରବଞ୍ଚନା
ବତାସର ଦିଗ ତ ନିୟନ୍ତ୍ରିତ ହେଉଥିଲା ଅନ୍ୟର ନିର୍ଦ୍ଦେଶେ !

କାହିଁକି ? କାହିଁକି... ? ର ଏ ଚକ୍ରବ୍ୟୁହର ଚକାଭଉଁରୀ ଖେଳରେ

ଖୋଜି ବୁଲେ ଆଜି ମୋର ସ୍ଥିତି ଅଛି କେଉଁଠାରେ...

ପାଉନାହିଁ କୂଳ କି କିନାର ଅବା କୁଟାଖିଅ ସୂତେ ।

ଜାଣିଛି ମୁଁ ତୁମ ସଭିଙ୍କ ମନ ଗହନର କଥା

ଭଦ୍ରଲୋକର ମୁଖା ପିନ୍ଧି ସମସ୍ତେ ଯେ କରୁଛ ଛଳନା !

ତେଣୁ ନିଜ ମନକୁ ଶେଷରେ ବୁଝାଇ କହିଲି

ସବୁ ଦୋଷ ଅବଗୁଣ ବୋଧେ ତା'ଠାରେ ହିଁ ଅଛି ।

ତୁ ବୋଧେ ସେମାନଙ୍କୁ ଭଲରେ ବୁଝି ହିଁ ପାରିନୁ

ଏଠି ପ୍ରତିବାଦ କରିବା ନାହିଁ ତୋ ସାଧରେ....

ସେ ସ୍ୱରକୁ ଦମନ କରିବାଉ ଚତୁଃପାର୍ଶ୍ୱେ ଅଛନ୍ତି ଯେ ଅନେକ ରାକ୍ଷସ

ହାହାକାର କରିଉଠେ ଏହି ଅନ୍ତର୍ମନ...

ଏ ମନ ସହ ଚାଲିଛି ମୋର ଅହରହ ଦ୍ୱନ୍ଦଯୁଦ୍ଧ...

ଅହରହ ଦ୍ୱନ୍ଦଯୁଦ୍ଧ....

ବ୍ରହ୍ମେଶ୍ୱର ବାଗ, ଭୁବନେଶ୍ୱର

# ଅପେକ୍ଷା ରହିଲି ମୋର



ପ୍ରଶାନ୍ତ କୁମାର ନାଥ

ଅପେକ୍ଷା ରହିଲି ମୋର
ତୋ ପାଇଁ କେତେମୁଁ କବିତା ଲେଖିଛି
ରାତି ଉଜାଗର ରହି
ମନ କାଗଜରେ ସାଇତି ରଖିଛି
କହିନାହିଁ ତାକୁ ବହି ।
କେବେତୁ ପଢ଼ିବୁ ମୋ ମନ କବିତା
ସେକଥା ମୁଁ ଜାଣି ନାହିଁ
ଅତି ଯତନରେ ସାଇତି ରଖିଛି
ପ୍ରିୟାତୋ ପଢ଼ିବା ପାଇଁ ।
ପଢ଼ିଦେଲେ କାଳେ ମନଟା ତୋହର
ମୋପାଇଁ ବଦଳିଯିବ
ମୋପ୍ରେମର ସେହି କବିତାର ଧାଡ଼ି
ତୋତେ କାଳେ କିଣି ନେବ ।
ସେପାଇଁ ପ୍ରିୟାଲୋ ଲେଖିମୁଁ ଗୁଲିଛି
ପ୍ରେମର କବିତା ନିତି
ଅପେକ୍ଷା କରିକି ଗୁହିଁମୁଁ ରହିଛି
ହେବା ପାଇଁ ତୋର ସାଥୀ ।

ସୁନ୍ଦରପୁର, ଉତ୍ତରକୂଳ ହାଟ୍,
ପ୍ରୀତିପୁର, ଯାଜପୁର

# ଏଇ ତ ଜୀବନ



ପ୍ରଶାନ୍ତ କୁମାର ନାଥ

ଦୁଃଖରେ ଥିଲେତ ଅବୁଝା ଆଖିରୁ
ଦୁଇ ଟୋପା ଲୁହ ଝରେ
ସୁଖରେ ଥିଲେତ ଗୋଲାପୀ ଓଠରୁ
ହସର ମୁକୁତା ଝରେ ।
ମନ ଯଦ ଥରେ ଭାଙ୍ଗିଯାଏ କେବେ
ଗ୍ଲତରେ ଭରଇ କୋହ
ହସିବାକୁ ଯେତେ ଚେଷ୍ଟା କଲେ ମଧ
ଶୁଖିଲା ଦଶଇ ମୁହଁ ।
ହସ ହସ ଥିବା ଖୁସିରେ ମୁହୂର୍ତ୍ତ
ବେଳେ ବେଳେ ଧୋକା ଦଏ
ଖୁସି ସମୟରେ ପହଞ୍ଚାଏ ଆଣି
ଦୁଃଖର ପାହାଡ଼ ଟିଏ ।
ସୁଖ ଦୁଃଖ ଆଉ ହସ ଲୁହ ପର
ଜୀବନର ଅନ୍ୟ ନାମ
ଆମର ସାଥିରେ ସାଥେ ରହବାଟା
ଅଟେ ପର ତାଙ୍କ କାମ ।
ସମୟ ସାଥିରେ ତାଳ ଦେଇ ଆମେ
ଗ୍ଲଲବା ଜୀବନ ଯାକ
ସୁଖରେ ହସିବା ଦୁଃଖରେ କାନ୍ଦିବା
ସାଥେ ଥିବ ସୁଖ ଦୁଃଖ ।

ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତପୁର,ଯାଜପୁର, ଦୂରଭାଷ - ୦୮୯୭୩୦୧୧୪୩

# ମକର, ଏ ପୂଣ୍ୟତଥି



ଅନାମ ଚରଣ ସାହୁ

ମକର ସଂକ୍ରାନ୍ତି ଅଟେ ପୂଣ୍ୟତଥି
ଦେଶପାଇଁ ଆମ ଶୁଭଙ୍କର
ପୁରାଣ ପୋଥିରେ ଏହାର ମହତ୍ତ୍ୱ
ଲେଖାହୋଇଅଛି ଭରପୂର ।୧
ସାଂଖ୍ୟ ଯୋଗତତ୍ତ୍ୱ ପ୍ରଣୟନକାରୀ
କପିଳମୁନୀରେ ଭାରତର
ଗୀତାଜ୍ଞାନ ମଧ୍ୟେ କୁହେ ଯୋଗେଶ୍ୱର
'ମୁନୀଙ୍କ ମଧ୍ୟରେ ସିଏ ସାର' ।୨
ପାତାଳ ଗରଭେ ତପସ୍ୟାରେ ରତ
ବିଷ୍ଣୁରୂପ ସଦା ଧ୍ୟାନେ ଥାଇ
ଜଗତମଙ୍ଗଳ ହିତକାମନାରେ
ଆନ ଆଉ କିଛି ନ ଭାବଇ ।୩
ସୁଷମାରେ ପୂର୍ଣ୍ଣ ତାଙ୍କର ଆଶ୍ରମ
ଦେଖୁଥିଲେ ମନ ନ ଛାଡ଼ଇ
ଭାଗବତପ୍ରେମ ମନରେ ଉଦ୍ରେକ
ପାପତାପ ଯେତେ ନାଶଯାଇ ।୪
କାମ, କ୍ରୋଧ, ଲୋଭ ମନେ ନ ଆସଇ
ଦୟାରେ ହୃଦୟ ଭରପୂର
ଭାଗବତ ଗୁଣ ଚିତ୍ତରେ ବିକଶେ
ଏହି ସେହି ଭୂମି ଭାରତର ।୫
ସୂର୍ଯ୍ୟବଂଶୀ ରାଜା ମହାନ ସାଗର
ଷାଠିଏ ସହସ୍ର ପୁତ୍ର ତା'ର
ବଳେ ବଳୀୟାନ ଏକରୁ ଆରେକ

ଯୁବକସୁଲଭ ଭାବ ଘୋର ।୬
ପାବନ ଅଯୋଧ୍ୟା ଲାଗେ ସତେ ଅଧା
ଜିଣିବାକୁ ଏହି ମହୀପୁର
ସାଗର କୁମର ଗଲେ ପାପେ ଭିଜ
ମଦମତ୍ତ ଗର୍ବ ଅହଂକାର ।୭
କେତେ ନରପତି ଦେଲେ ମଥାପାତି
ବଶତା ସ୍ୱୀକାର ଅଯୋଧ୍ୟାର
ଥୋକାଏ ଲଢ଼ିଲେ ସ୍ୱାଭିମାନ ଘେନି
ଧରିବକ୍ଷ ହେଲି ଛାରଖାର ।୮
ଜାଣି ଶଚୀପତି ମନେ ପାଇ ଭୀତ
ଦେବତାଙ୍କୁ ଡାକି କଲେ ପାଞ୍ଚ
ସଗରପୁତ୍ରଙ୍କ ବିଜୟ ରଥକୁ
ରୋକି କେ ପାରିବ ଦେଇ ଆଞ୍ଚ ।୯
ଶେଷେ ସୁରପତି ଦେଇ ନିଜ ମତି
କପଟରେ ଯୁଦ୍ଧ ଜିଣିବାକୁ
ଯଜ୍ଞ ଅଶ୍ୱଟିକୁ ଚୋରାଇ ରଖିଲେ
କପିଳ ଆଶ୍ରମେ ନେଇ ତାକୁ ।୧୦
କପଟି ଇନ୍ଦ୍ରଙ୍କ ଇନ୍ଦ୍ରଜାଲେ ପଡ଼ି
ଯଜ୍ଞ ଅଶ୍ୱ ଗୋଟି ଖୋଜି ଖୋଜି
ପାତାଳ ଆଶ୍ରମେ ପ୍ରବେଶ ହୋଇଲେ
କ୍ରୋଧାଗ୍ନିରେ ସବୁ ଭିଜି ଭିଜି ।୧୧
ଅଜ୍ଞାନେ ବାଧିର ହୋଇ ସୁରବୀର
ମାୟା ଅଭିଭୂତେ ଜ୍ଞାନ ନଷ୍ଟ
ଅପମାନ ଦେଲେ କପିଳ ମୁନୀଙ୍କୁ
ଭାରତରେ ଯିଏ ମୁନୀ ଶ୍ରେଷ୍ଠ ।୧୨
ସହି ନ ପାରିଲେ ନିଜ ଅପମାନ

ଘୋର ଅଭିଶାପ ଦେଲେ ସେହି
ସଗର କୁମର ହେଲେ ନାରଖାର
ପାଉଁଶ ସମାନ ଗଲେ ହୋଇ ।୧୩
କିଏ ସୁପୁରୁଷ ବଂଶେ ହେବ ଜାତ
ମୁକତି ଦେବ ଏ କୁମରଙ୍କୁ
ସୂର୍ଯ୍ୟବଂଶ ପୁତ୍ର ହୋଇବେ ଉଦ୍ଧାର
ରଖିବେ ବଂଶର ସମ୍ମାନକୁ ।୧୪
ପବିତ୍ର ସମୟ ହେବ ଉପନୀତ
କଳାଦାଗ ନିଷ୍ଟେ ଯିବ ଧୋଇ
ପାପପୂଣ୍ୟ ଏହି ମରତେ ମିଳଇ
ହିସକାବ ଦିଏ ଏହି ମହୀ ।୧୫
ପାବନ ସମୟ ହେଲା ଉପନୀତ
ସୂର୍ଯ୍ୟବଂଶେ ଜନ୍ମ ଭଗୀରଥ
ପିତୃପୁରୁଷଙ୍କୁ କରିବେ ଉଦ୍ଧାର
ଭକ୍ତିପଣେ କଲେ ସେ ଶପଥ ।୧୬
ଗଙ୍ଗାମାତା ତାଙ୍କ ଭକତି ବଳରେ
ରାଜି ହେଲେ ଧରା ଚୁମିବାକୁ
ପ୍ରଖରତା ଭରା ମନ୍ଦାକିନୀ ଧାରା
କିଏ ସେ ସମର୍ଥ ରୋକିବାକୁ ? ।୧୭
ଜାହ୍ନବୀର ଧାରା ପଡ଼ି ଧରାପରେ
ତନୁକୁ ତାହାର ଦେବ ନାଶି
ଧରିତ୍ରୀ ମାତାର ମନେ କଷ୍ଟ ହେବ
ରକ୍ଷାକର ପ୍ରଭୁ ଅବିନାଶି ।୧୮
ଦେବଙ୍କର ଦେବ ପ୍ରଭୁ ମହାଦେବ
ଆଶୁତୋଷ ନାମ ରକ୍ଷାକର
ଜଟାଜୁଟ ମଧ୍ୟେ ଗଙ୍ଗାଙ୍କୁ ଧାରଣ

କରିବାକୁ ଦେଲେ ସନ୍ନମତି ।୧୯
ଜାହ୍ନବୀ ମାତାଙ୍କ ପ୍ରଖର ପ୍ରବାହ
ଶୀତଳ ତାଙ୍କର ଜଳଧାର
ମହାଦେବଙ୍କର ମଥାନରେ ପଡ଼ି
ଧିର ଗତି କଲେ ସେ ସାକାର ।୨୦
ହିମାଳୟ ଗିରି ବକ୍ଷ ଚିରି ଚିରି
ପବିତ୍ର କରିଲେ ଆର୍ଯ୍ୟଭୂମି
ଭଗୀରଥ ପଛେ ଆଗକୁ ବଢ଼ିଲେ
ବଣ ଜଙ୍ଗଲକୁ ଅତିକ୍ରମି ।୨୧
କପିଳ ଆଶ୍ରମେ ରହିଥିଲା ଭସ୍ମ
ସଗର ରାଜାଙ୍କ ପୁତ୍ରଙ୍କର
ପବିତ୍ର ପାବନୀ ଗଙ୍ଗାଧାର ଲାଗି
ମୁକତି ଲଭିଲେ ସେ କୁମର ।୨୨
ପବିତ୍ରତମା ଏ ଜାହ୍ନବୀର ଧାରେ
ମୁକତି ପାଇବା ଆଶା ନେଇ
ଧରମ ପୂଜାରୀ ଯେତେ ନରନାରୀ
ଗଙ୍ଗାସାଗରରେ ଠୁଳ ହୋଇ ।୨୩

ବଭୁତିପୁର, କାକଟପୁର, ପୁରୀ
ଦୂରଭାଷ : ୯୯୩୭୨୧୦୨୬୦

# ପୁନର୍ଜନ୍ମ ନାହିଁ



ସନାତନ ମହାକୁଡ଼

ମୂଳ ରଚନା (ବଙ୍ଗଳା) : ଅଞ୍ଜନ ବର୍ମନ
ଓଡ଼ିଆ ଭଷାନ୍ତର : ସନାତନ ମହାକୁଡ଼

ଏଠି ଗୁଲବା ଆରମ୍ଭ ହୁଏ
ଏଠି ହିଁ ପାଦେ ପାଦେ ରାସ୍ତା
ପୃଥିବୀର ଭଲପାଇବା ବୋଳ ହୋଇ
ନେଉ ଆମେ ଶପଥ

ଏଠି ହିଁ ଏକାନ୍ତ ହରଣ
ଫେର ଯାଇଛ ଜ୍ୟୋତ୍ସ୍ନାର ଡାକେ
ଆକାଶ ଫିଙ୍ଗି ଦେଇଥିବା ଜଳ
ସ୍ମୃତ ତର୍ପଣ ରହଯାଏ

ହୃଦୟ ନିଃସ୍ୱ ହୋଇଗଲେ
ଏଠି ଫେରଆସି ବସେ
ଏଇ ମାଟି, ଚଟାକାଠ ଛୁଏଁ
ହୋଇଉଠେ ପୁଣି ସାହସୀ
ଏଠି ପୁନର୍ଜନ୍ମ ନାହିଁ
ନଦ ଭଙ୍ଗି ଜାଗିଉଠ ଏଇ ଅଗଣାରେ...

ଗ୍ରା/ପୋ : ବେରୁଆଁବାଡ଼ି
ନୟାଗଡ଼ ଜଲ୍ଲା, ଓଡ଼ିଶା
ପିନ୍ : ୭୫୨୦୮୨
ଦୂରଭାଷ : ୦୯୩୩୯୬୨୦୧୬୮
ଇମେଲ୍ : sanmahakud@gmail.com
ୱେବ୍‌ସାଇଟ୍ : www.sanatanmahakud.in

# ଦୁର୍ଲଭ ମାନବ ଜନ୍ମ



ପ୍ରବୋଧ ଚନ୍ଦ୍ର ମୁଦ୍ରା

ସ୍ରଷ୍ଟାଙ୍କର ସୃଷ୍ଟି ଅତୀବ ବଚିତ୍ର ବଶ୍ୱ ଅତ ମନୋରମ ।
ସିନ୍ଧୁ-ନଦୀ - ଗିର ଅନନ୍ତ ଆକାଶ ଦୃଶ୍ୟ ଦବ୍ୟ ଅନୁପମ ।୧ ।
ସବୁଜ - ବନାନୀ ଲତା ଓ ପାଦପ ପଶୁ - ପକ୍ଷୀ ସର୍ବ ପ୍ରାଣୀ ।
ବଧିଙ୍କ ନର୍ଦ୍ଦେଶେ ହୋଇଥାନ୍ତି ସୃଷ୍ଟି ଆପଣାର କର୍ମ ଘେନି।୨ ।
ବଧିର ବଧାନ ନ ହୋଇବ ଆନ ଏ ତ ସଂସାର ନୟମ ।
ନୟତର ଆଜ୍ଞା ଅବଜ୍ଞା ହୋଇଲେ ସୃଷ୍ଟି ଚକ୍ର ହେବ ଭ୍ରମ ।୩ ।
ସଜୀବ - ନର୍ଜୀବ ଚରାଚର ବଶ୍ୱ ବଧାତାଙ୍କ ବରଦାନ ।
ତାଙ୍କର ଇଙ୍ଗିତେ ହୋଇ ସଞ୍ଚାଳତ କରନ୍ତି କାର୍ଯ୍ୟ ସାଧନ ।୪ ।
ସକଳ ପ୍ରାଣୀଠୁ ମନୁଷ୍ୟ ଅଟଇ ସଂସାରର ଶ୍ରେଷ୍ଠ ଜୀବ ।
ପ୍ରାରବ୍ଧ କର୍ମରୁ ହୁଅନ୍ତି ଜନମ ଏ ଭବେହୁଏ ସମ୍ଭବ ।୫ ।
ପୂର୍ବାର୍ଜିତ ପୁଣ୍ୟ ସୁକୃତ କର୍ମରୁ ଦବ୍ୟ ଜନ୍ମ ନଏ ନର ।
ଦେବ ସୁଲଭତା ଗୁଣେ ବଭୂଷିତ ଜଗତେ ଅଟେ ସେ ସାର ।୬ ।
ମାନବ ଜନମ ଅଟଇ ଦୁର୍ଲଭ ବହୁ ତପସ୍ୟାର ଫଳ ।
କର୍ତ୍ତବ୍ୟ - ଦାୟିତ୍ୱେ ହୋଇ ଦୃଢବ୍ରତ ଲଭଇ ଯଶ ବରଳ ।୭ ।
ଇତର ପ୍ରାଣୀଠୁ ଅଟେ ସର୍ବୋତ୍ତମ ମର୍ତ୍ତ୍ୟରେ ମନୁଷ୍ୟ ଜନ୍ମ ।
ଅକ୍ଷୟ କୀର୍ତ୍ତିର ହୁଏ ଅଧିକାରୀ କରିଣ ଉତ୍ତମ କର୍ମ ।୮ ।

ଆହାର ଓ ନିଦ୍ରା ଭୟ ଓ ମୈଥୁନ ନିତ୍ୟ - ନୈମିତ୍ତିକ କର୍ମ ।
ପଶୁ ଓ ମାନବ ଅଭିନ୍ନ କର୍ମକୁ କରୁଥାନ୍ତି ସମ୍ପାଦନ ।୯ ।

ବିବେକ - ବୁଦ୍ଧିରେ ବ୍ୟକ୍ତି ହୁଏ ଜ୍ଞାନୀ ପାଳଇ ସ୍ୱକୀୟ ଧର୍ମ ।
ପଶୁ - ଦାନବଠୁ ହୁଅଇ ମହାନ ପାଳି ସଦାଗ୍ରହ ଜ୍ଞାନ ।୧୦ ।

ମାନବ ଧରମ ଅଟଇ କେବଳ ପର ସେବା - ଉପକାର ।
ସତ୍ୟ - ଆଦର୍ଶରେ କର୍ତ୍ତବ୍ୟ ନିଷ୍ଠାରେ ହୁଏ ସଭିଙ୍କ ନିଜର ।୧୧ ।

ବଡ଼ଲୋକ ପୁଣି ଭଲଲୋକ ମଧ୍ୟେ ପ୍ରଭେଦ ଅଛି ଅନେକ ।
ବିଦ୍ୟା ଓ ବୁଦ୍ଧିରେ ଧନ ଉପାର୍ଜିଣ ହୋଇଥାନ୍ତି ବଡ଼ଲୋକ ।୧୨ ।

ଆପଣା ସୌଭାଗ୍ୟେ ନିଜ ପ୍ରଚେଷ୍ଟାରେ ବଡ଼ଲୋକ ହୁଏ ନର ।
ସଂକୀର୍ଣ୍ଣ ସ୍ୱାର୍ଥରେ ହୋଇ ନୀଚ ମନା ହୁଏ ସେ ପାତ୍ର ଘୃଣାର ।୧୩ ।

ଭଲଲୋକ ହେବା ଅତୀବ ଦୁଃସାଧ୍ୟ ବହୁ କଠିନ ସାଧନା ।
ତ୍ୟାଗ ଓ ନିଷ୍ଠାରେ କରିଣ ସତ୍କର୍ମ ହୁଅଇ ଉଦାରମନା ।୧୪ ।

ଭଲଲୋକରୁ ସେ ହୁଏ ସେ ମହାତ୍ମା ଶ୍ରେଷ୍ଠ ଅଟେ ସଂସାରରେ ।
ନିଃସ୍ୱାର୍ଥ ଭାବରେ କରି ସେବାକାର୍ଯ୍ୟ ଯଶ ଲଭଇ ମହୀରେ ।୧୫ ।

ବଡ ଲୋକଆରେ ମଣିଷ ପଣିଆ ନ ଥାଏ କେବେ କାହାର ।
ବାକ୍ୟବୀର ହୋଇ ଲୋକପ୍ରିୟ ପାଇଁ କରେ ସେ ଆତ୍ମପ୍ରଗ୍ରହ ।୧୬ ।

ସ୍ନେହ - ଶ୍ରଦ୍ଧା - ଭକ୍ତି ଭାବ ଓ ବିଶ୍ୱାସ ଦୟା - କ୍ଷମା ଶ୍ରେଷ୍ଠ ଗୁଣ ।
ଶାନ୍ତି ଓ ମୈତ୍ରୀରେ କରିଣ ଆବଦ୍ଧ ମଣିଷ ହୁଏ ମହାନ ।୧୭ ।

ହିଂସା - ରାଗ - ଦ୍ୱେଷ ମିଥ୍ୟା - ଅହମିକା କପଟ - ଛଳନାମାନ ।

ଦୁର୍ଗୁଣ ଗୁଡ଼ିକୁ କରିଲେ ବର୍ଜନ ନର ହୁଏ ସାଧୁଜନ ।୧୮ ।

କାମ - କ୍ରୋଧ - ଲୋଭ - ମୋହ - ମଦମତ୍ତା ଷଡ଼ରିପୁ ଯେ ମତ୍ସର ।

ଆତ୍ମସଞ୍ଜମରେ ହେଲେ ନିୟନ୍ତ୍ରଣ ଦେବତା ହୁଅଇ ନର ।୧୯ ।

ମାନବ ମନରେ ରାକ୍ଷସ ପ୍ରବୃତ୍ତି ଅହର୍ନିଶ କରେ ବାସ ।

ଆଳସ୍ୟତା ପୁଣି ତା' ମହାମିତ୍ର ମନୁଷ୍ୟକୁ କରେ ନାଶ ।୨୦ ।

ଝଡ଼ - ଝଞ୍ଜା ପୁଣି ଘାତ ପ୍ରତଘାତ ସହନ୍ତି ମହାମାନବ ।

ବିଶ୍ୱ ସମୂହର କରିଣ କଲ୍ୟାଣ ହୁଅନ୍ତି ମହାନୁଭବ ।୨୧ ।

ପର ଉପକାର ପୁଣ୍ୟମୟ ବ୍ରତ ପାଳନ୍ତି ମହତ ଜନ ।

ଦେବଦୂତ ରୂପେ ହୋଇ ଆବିର୍ଭୂତ ଦିଅନ୍ତି ଅମୃତ ଜ୍ଞାନ ।୨୩ ।

ପର - ଆପଣାର ଭେଦାଭେଦ ଭୁଲି ସ୍ନେହେ ହୋଇଲେ ବନ୍ଧନ ।

ଏହି ବସୁଧାଟି ହେବ ସ୍ୱର୍ଗ ସମ ଅବଶ୍ୟ ସତ୍ୟ ବଚନ ।୨୪।

ରଚୟିତା-ପ୍ରବୋଧ ଚନ୍ଦ୍ର ମୁଦ୍ରା, ସାଙ୍କୁଡା, ଗଞ୍ଜାମ

# ମୁଁ



ପ୍ରବୋଧ ଚନ୍ଦ୍ର ମୁଦ୍ରା

ଏକାକ୍ଷର ଶବ୍ଦୁ ଉପୃତ ନାମ ଅଟେ “ମୁଁ” କାର ।

ଶବ୍ଦ ଉଚ୍ଚାରଣ ମାତ୍ରକେ ଲାଗେ ଗୁରୁ - ଗମ୍ଭୀର ।।

ପ୍ରଥମ ପୁରୁଷ ଅଟଇ ବ୍ୟାକରଣ ଶାସ୍ତ୍ରର ।

କର୍ତ୍ତା ରୂପେ ବାକ୍ୟେ ପ୍ରୟୋଗ ହୁଏ ମୁଁ ନିରନ୍ତର ।।

ମୁଁ କାର ଶବ୍ଦଟି ସର୍ବଦା ଅହଂଭାବ ପ୍ରତୀକ ।

ଗର୍ବ ଅହଂକାରେ ମନୁଷ୍ୟ ହୁଅଇ ଅବିବେକ ।।

କର୍ତ୍ତା ମୁହିଁ ବୋଲି ନିଜକୁ କରେ ବୃଥାଭିମାନ ।

ମଦମତ୍ତ ହୋଇ ସଭିଙ୍କୁ କରେ ସେ ଅପମାନ ।।

ଅସହିଷ୍ଣୁ - ଆତ୍ମବଡ଼ିମା - ପରଶ୍ରୀକାତରତା ।

ମୁଁକାର ଶବ୍ଦର ଅଟନ୍ତି ଏମାନେ ଜନ୍ମଦାତା ।।

ଅନର୍ଥ ଶବ୍ଦଟି ମୁଁକାର ସେ ମହାଭୟଙ୍କର ।

ଧନ-ଯୌବନ-ପ୍ରଭୁତ୍ୱ ଏ ସବୁ ତା’ ସହୋଦର ।।

ମୁଁକାର ରୁ ମହାଭାରତ - ରାମାୟଣର ସୃଷ୍ଟି ।

ଗର୍ବଗାରିମାରେ ରାବଣ ହେଲା ତ୍ରିଲୋକପତି ।।

ମହାମାନୀ ଦୁର୍ଯୋଧନ ଯେ ହେଲେ ହସ୍ତିନାପତି ।

ମୁଁ କାର ପଣରୁ ଉଭୟେ ହୋଇଗଲେ ଯେ ଇତି ।।

ପ୍ରବଳପ୍ରତାପୀ କଂସର ଥିଲା ମୁଁ କାର ଭାବ ।
ଦର୍ପ - ଔଦ୍ଧତ୍ୟକୁ ବିନାଶ କରିଲେ ବାସୁଦେବ ।।
ବିଶ୍ୱାମିତ୍ର ଅହମିକାକୁ ଧ୍ୱଂସ କଲେ ବଶିଷ୍ଠ ।
ଶାନ୍ତ ଓ ଉଦାର ଗୁଣରେ ଯଶ କଲେ ସ୍ଥାପିତ ।।
ଅହମିକା ସହ ମମତ୍ୱ ଭାବ ଅଟେ ନିକୃଷ୍ଟ ।
ସଙ୍କୀର୍ଣ୍ଣତା ଥାଏ ମମତ୍ୱେ ବୁଦ୍ଧି ହୁଏ ବିନଷ୍ଟ ।।
ସ୍ୱେଚ୍ଛାଚାରୀର ଅଟେ ଜନକ ଗର୍ବ - ଅହଙ୍କାରର ।
ଗୁରୁ - ଗୁରୁଜନ ସଭିଙ୍କୁ କରେ ସେ ହତାଦର ।।
ମୁଁ କାର ଭାବଟି ବ୍ୟକ୍ତିର ଅଟଇ ତାମସିକ ।
ନୀଚ - ଘୃଣ୍ୟ କାର୍ଯ୍ୟ କରିଣ ହୁଏ ଅସାମାଜିକ ।।
ସାଧୁତା ଗୁଣଟି ସର୍ବଦା ଅଟେ ମୁଁ କାର ଶୂନ୍ୟ ।
ମାନବରୁ ହୁଏ ମହାତ୍ମା ସର୍ବେ ଦିଅନ୍ତି ଧ୍ୟାନ ।।
ଗର୍ବୀ - ଅହଙ୍କାରୀ ମନୁଷ୍ୟ ଅଟେ ମହାନାସ୍ତିକ ।
ନ ରଖି ଈଶ୍ୱରେ ବିଶ୍ୱାସ କରେ ପାପ ଅନେକ ।।
ଅର୍ଜୁନଙ୍କ ଅହଂ ଭାବକୁ ପ୍ରଭୁ କରିଲେ କ୍ଷମା ।
"ମୁଁ" ନ ମଲେ ଅର୍ଜୁନ ! ମୋତେ ତୁ ନ ପାଇବୁ ଜମା ।।
ଅହଙ୍କାରୀ ହିଟଲରର ଥିଲା ସ୍ୱେଚ୍ଛାଶାସନ ।
ନରହନ୍ତା ରୂପେ ବିଶ୍ୱରେ ହେଲା ପରିଗଣନ ।।
ହିଟଲରର ଅହଂଦୁର୍ଗଟି ହେଲା ଅଧୋପତନ ।

ତା' ସାମ୍ରାଜ୍ୟ ହେଲା ବିଧ୍ୱଂସ ନିଜେ ହୋଇଲା ଚୂର୍ଣ୍ଣ । ।

ରବି - ଶଶୀ - ତାରା ଊର୍ଦ୍ଧ୍ୱରେ ସଦା ବିରାଜୁଥାନ୍ତି ।

ନିରହଂକାରେ ସଭିଙ୍କୁ ଜ୍ୟୋତି ପ୍ରକାଶୁଥାନ୍ତି । ।

ମୁଁ କାରର ପରିଭାଷା ଯେ ଅଟଇ ନିର୍ବୋଧିତା ।

ଏହି ଦୁର୍ଗୁଣକୁ ତ୍ୟଜିଲେ ନର ହୁଏ ସାଧୁତା । ।

ଅହଂ - ମମତ୍ୱର ଚିନ୍ତାରୁ ହୁଏ ଯିଏ ମୁକତ ।

ମହାତ୍ମା ଭାବରେ ଏ ଭବେ ସେହି ହୁଏ ପୂଜିତ । ।

ମୁଁ କାରର ସ୍ରଷ୍ଟା ଅଟଇ ଷଡ଼ରିପୁ ନରର ।

ମହାବ୍ୟାଧି ହୋଇ ତାହାକୁ ନାଶ କରେ ସତ୍ୱର । ।

ମୁଁ କାରକୁ ତ୍ୟଜି ଉଦାର ଯେବେ ହୋଇବ ନର ।

ଈଶ୍ୱର କୃପାରେ ମହାନ ହେବ ସେ ନିରନ୍ତର । ।

ସମାପ୍ତ

ଗ୍ରା/ପୋ - ସାଙ୍କୁଡ଼ା, ଭାୟା-ସୁମଣ୍ଡଳ, ଜିଲ୍ଲା-ଗଞ୍ଜାମ,

ଭ୍ରାମ୍ୟଭାଷ - ୭୮୯୪୯୧୭୧୩୧

# ବନ୍ଦଇ ତୋର ଚରଣ



ହିମାଂଶୁ ଶେଖର ବାରିକ

ବୀର ପ୍ରସବିନୀ ଭାରତ ଜନନୀ
ବନ୍ଦଇ ତୋର ଚରଣ
ତୋର ଗୌରବପାଶ ପ୍ରକୃତ ପ୍ରକର୍ଷ
କରେ ନିତ୍ୟ ଗୁଣଗାନ
ଦକ୍ଷିଣେ ଜଳଧି କରେ ପଦ ଧୌତ
ଉଦୀଚୀରେ ହିମଗିରି ତୋ ମୁକୁଟ
ପୂର୍ବେ ମହୋଦଧି ପ୍ରତୀଚୀ ବାରିଧି
କରେ ସଦା କୁହୁତାନ ।।
ଗାଏ ଇତିହାସ କୀର୍ତ୍ତି ତୋହର
ସନାତନ ଧର୍ମ ସହନଶୀଳର
ଜାତି ବର୍ଣ୍ଣ ଧର୍ମ ନ କରି ବିଭେଦ
କଲୁ ସର୍ବେ ଆଲିଙ୍ଗନ ।।
ମୋଗଲ ଶାସକ କଲେ ଆକ୍ରମଣ
ଧନ ବଇଭବ କରିଲେ ଲୁଣ୍ଠନ
କେତେକ ଯବନ ହୋଇ ଆକର୍ଷଣ
କଲେ ଏଠି ବାସସ୍ଥାନ ।।

ବାଣିଜ୍ୟ ଆଶାରେ ଆସିଲେ ଇଂରେଜ

ଚତୁରେ ହରଲେ ଆମର ଗଇଜ

ବଦେଶୀ ସଂସ୍କୃତ ଶାସନର ନୀତ

ଦେଇ କରଲେ ପ୍ରସ୍ଥାନ ॥

ସର୍ବ ଧର୍ମ ସମନ୍ୱୟ ସଂଘଟିତ

ସରବେ ରହନ୍ତୁ ହୋଇ ହରଷିତ

ଆଜ ତୋର କୋଳ ନରପଦ ସ୍ଥଳ

ମଣ୍ଡୁଛନ୍ତ ବଶ୍ୱଜନ ॥

ତୋହର ମହମା ବଶ୍ୱେ ପ୍ରଶଂସିତ

ସଂସ୍କୃତ ତୋହର ଅଟଇ ଶାଶ୍ୱତ

କେତେ କେତେ ଦେଶ ହୋଇଲେ ବନାଶ

ଅଛୁ ତୁହ ଚରନ୍ତନ ॥

ବରଷ୍ଠ ଅଡ଼ିଟ୍ ଅଧିକାରୀ

କ୍ୱାର୍ଟର ନଂ ଟାଇପ୍ ୩ - ୨୦୧

ନୂଆ ଏଜ କଲୋନୀ

ନୂଆପଲ୍ଲୀ

ଭୁବନେଶ୍ୱର - ୭୫୧୦୧୨

# ବଡ଼ ଦିନ



ମିନତି ପ୍ରଧାନ

ପିଲାଦିନେ, ବଡ଼ଦିନ ମାନେ ଛୁଟି
ବଣଭୋଜି, ସାଙ୍ଗସାଥି ମେଳ
ଆଉ ହସ ଖୁସି ର ପସରା।

ସେଦିନର ବଣଭୋଜି
ପାଲଟିଛି ଆଜିର ଏ କ୍ରିସମାସ ପାର୍ଟି
ଆଲୋକ ଓ ଉପହାର
ତା ସାଙ୍ଗରେ ନକଲି ହସର ସମ୍ଭାର
ସବୁ କିଛି ଲାଗେ କୃତ୍ରିମ କୃତ୍ରିମ।

ସାଜସଜ୍ଜା ଆଖିଝଲସିଆ, ମନଲୋଭା
ଇନ୍ଦ୍ରପୁରୀ ପରି, ମାତ୍ର ଗୀର୍ଜାର
ଆଗ ପଛ ପୁଲିସ ବିଗୁଲ ଆଉ ସାଇରନ ଶବ୍ଦ ।
ଗୁପ୍ତଆଡ଼େ ସତର୍କର ବାଣୀ ।
ଆଖିବନ୍ଦ ହେଲେ ନିମିଷକେ ଛୁଟି ଯିବ
ରକ୍ତର ବନ୍ୟା ।

ଏ ନୁହେଁ କନ୍ତ ସେ କଂସର  କାରା, ଏଠି

ଜନ୍ମ ନେବେ ଶିଶୁ ଯୀଶୁ ଆଜ ।

କାହିଁକ ଏ ଆଡମ୍ବର  ?

କାହିଁକ ଏ ଦେଖାଣିଆ ସ୍ନେହ,

କୃତ୍ରମ ପୀରତ ?

ଅନ୍ତରରେ ଭର୍ ଯଦ ବଭତ୍ସ କୀରତ  !

ତାକୁ କାଢ଼ି ଫୋପାଡ଼ିଲେ

ନର୍ଭୟରେ  ଯେଉଁଦନ

ପାଳହେବ ସମସ୍ତ ପରବ

ନରଖ୍ ଶୃଙ୍ଖଳାକୁ ସାକ୍ଷୀ ।

ସେଇଦନ ଅସଲରେ ହେବ

ବଡ଼ଦନ ମଣିଷ ଜାତର ।

# ଦୁଇଟି କ୍ଷୁଦ୍ରକବିତା



ଅନୁପମ ବେହେରା

## *ହଜାରେ ଟଙ୍କିଆ ବଡ଼ା*

ମୁଁ ହଜାରେ ଟଙ୍କିଆ ନୋଟ୍ ବଡ଼ା
କାଲି ଥିଲି ସବୁରି ଅତି ପ୍ରିୟ ମୁଁ
ଆଜି କିନ୍ତୁ ହେଲି ଅଲୋଡ଼ା ॥

ମୁଁ ହଜାରେ ଟଙ୍କିଆ ନୋଟ୍ ବଡ଼ା
ରଖିଥିଲେ ସମସ୍ତେ ମୋତେ ଅତି ଯତନରେ
ଆଜି ମୁଁ ଖାଉଛି ସବୁଠି ତଡ଼ା ॥

ମୁଁ ହଜାରେ ଟଙ୍କିଆ ନୋଟ୍ ବଡ଼ା
କାଲି ମୋ ପାଇଁ ହସ ଖେଳୁଥିଲା ଓଠରେ
ଆଜି ମୋ ପାଇଁ ହୁଏ ଝଗଡ଼ା ॥

ମୁଁ ହଜାରେ ଟଙ୍କିଆ ନୋଟ୍ ବଡ଼ା
କାଲି ମୁଁ ଥିଲି ବହୁତ ମୂଲ୍ୟବାନ
ଆଜି ମୁଁ ଡଷ୍ଟବିନ୍‌ର କଚଡ଼ା ॥

ମୁଁ ହଜାରେ ଟଙ୍କିଆ ନୋଟ୍ ବଡ଼ା

## ପୃଥ୍ୱୀ

ଅନନ୍ତ ଯୋଜନବ୍ୟାପୀ ଅନ୍ଧକାର ଏକ ମୂଳକରେ ,
ନୀଳ ବର୍ଣ୍ଣର ଏକ ବିଶାଳ ଗ୍ୱନ୍ଦୁଆ ତଳେ
ଦୋଳାୟମାନ ଅବସ୍ଥାରେ ହୁତ୍‌ହୁତ୍ ହୋଇ ଜଳୁଥାଏ
ବର୍ତ୍ତୁଳାକାର ଏକ ଅଗ୍ନିପିଣ୍ଡ ।
କ୍ରମାଗତଭାବେ ଅଗ୍ନି ନିର୍ବାପିତ କରି ଯେବେ
ଏହା ବିଶ୍ରାମ ନିଏ ବିଶାଳ ପର୍ବତମାଳାର ବକ୍ଷଦେଶରେ,
ସମଗ୍ର ନୀଳ ଗ୍ୱନ୍ଦୁଆଟି ସଜେଇ ହୋଇଯାଏ
ଅଗଣିତ କୁନି କୁନି ହୀରକ ଖଣ୍ଡରେ ।

ଶୁଭ୍ର ବସ୍ତ୍ର ପରିହିତା ଦୁଗ୍ଧବର୍ଣ୍ଣର ଅପରୂପା ସୁନ୍ଦରୀ ତରୁଣୀର ଘଟେ ଆବିର୍ଭାବ
ତା ପ୍ରେମବୋଳା କୋମଳ ଶୀତଳ ପରଶରେ
ଭାସି ହୋଇଯାଏ ପୃଥ୍ୱୀର ଆଖିପତାଦ୍ୱୟ
ସେଇ ଗ୍ୱନ୍ଦୁଆତଳେ ସ୍ୱଚ୍ଛ ଧବଳ ପୁଷ୍ପଗୁଚ୍ଛ ମେଳରେ ଲୁଚକାଳି ଖେଳୁ ଖେଳୁ,
ସେ ବି ଲୁଚିଯାଏ ନୀଳ ସାଗର ଗର୍ଭରେ...
ଯେବେ ପୂର୍ବ ଦିଶାରେ ଲୋହିତ ବର୍ଣ୍ଣର ଗୋଲକ ପିଣ୍ଡଟିଏ
ସୁନେଲି ଆଲୋକ ବିଚ୍ଛୁରିତ କରି
ନିଜ ଉପସ୍ଥିତ ଜାହିର୍ କରେ ନୀଳ ଗ୍ୱନ୍ଦୁଆ ତଳେ ।

# ତନୋଟି ପ୍ରେମଗୀତ



ଆଶୁତୋଷ ମେହେର

(୧) ଗହନ କଥା

ଆଖିରେ ଭରଛ ହରଣୀ ଛଟକ
କହେ, ମନର ଗହନ କଥା
ଦେଖିଲ୍ ଲୋକର ମନ ଲଖିଯାଏ
ସେ ଯେ, ଟାଣି ନଏ ମନବ୍ୟଥା ।
ଓଠରେ ଭରଛ ହସର ଫୁଆର୍
ସେ ତ, ମଧୁରୁ ମଧୁରତର
ପାଇଲ୍ ଲୋକର ଜୀବନ ଭରବ
ସତେ, ସରଗ ଅମୃତଧାର !!

(୨) ମାଦକ ଆଖି

ମାଦକତା ଭର୍ ଆଖି ଦୁଇଟାରେ
ଭରଅଛ କେଉଁ ରସ ?
ଦେଖିଲ୍ ଲୋକ ଯେ ବମୋହତ ଭର୍
ନମିଷକେ ହୁଏ ବଶ ।
ଆଖିର ନଶାଣ ହୃଦଭେଦୀ ଯାଏ
ବହେନା ରୁଧିର ଧାର

ବହିଯାଏ ଯାହା ମନ ତା' ଜାଣଇ

ପ୍ରେମ ସେ, ଅପାର ପାର ।

(୩) ମନ ଦଆନିଆ

ଗାଗର୍‌ ଧରି ନଇ ତଟେ ବସି

ଅନାଇ ରହିଛି ବାଟ,

ଗୁହିଁଗୁହିଁ ଗଲା ଓଳିଏ ସମୟ

ନ ଆସିଲେ କାହିଁ ନଟ ? ?

ଗୁହିଁବାରେ ପରା ମାଦକତା ଅଛି

ଅନାଇ ରହିବା ମଜା,

ମନ ଦଆ ନିଆ ଦୁନିଆଁର ଧାରା

କେମିତ ସେ ହେବ ସଜା ? ?

୫୪, ଆର୍ଯ୍ୟପଲ୍ଲୀ
କଟ୍‌ ଛକ, ପଟିଆ
ଭୁବନେଶ୍ୱର - ୨୪
ଦୂରଭାଷ - ୯୪୩୭୦୮୫୩୯୬

# ଇଆଡୁ ସିଆଡୁ



ଆଶୁତୋଷ ମେହେର

[ ସମ୍ବଲପୁରୀ ଭଷାରେ ଗୀତ ]
ଝର୍ ଝର୍ କର ବହେସି ଝରନା
ଖଲ୍ ଖଲସି ପାନ
ମନର୍ ଭିତରେ ଦରଦ୍ ଟେ ହେଲେ
କହେସି ଆଖିର୍ ଠାନ ।
ସର୍ ସର୍ କର ବୁହେଲେ୍ ଧୁକା
ହଲସି ଗଛ୍ ପତର୍
ମନର୍ ଭିତରେ ଦୁଃଖ୍ ଭରଲେ
ଗୁସିଆଁ ଯାନସି ମାତର୍ ।
ଫୁଲେ ବସିଥିଲେ୍ ପରଜାପତ
ଦଶସି ସୁନ୍ଦର୍ କେତେ
କମ୍ ଥାଇ ବ ଦାନ୍ କରଲେ୍
ବଢେ ଜଗତର ମତେ !!
ବଗ୍ ବଗାନୁ ଫୁଟଲେ କୁରେ
ମହକ୍ ଯାଏସି ଖେଲ,
ଭଲ କାମ୍ ଯେଭେ କରସି ମୁନୁଷ୍
ସାବାସ୍ ହାତ ମେଲ ॥
ଆଏନ୍ କାମ୍ ଅଏନ୍ କଥା
ଭଲ୍ କହେବେ ସଭେଁ
ମରଲା ଗତେ ମନୁଷ୍ ଜଇଁସି
ଭଲ୍ କାମର୍ ନାମେ ॥

# ଭଉଖାଏ ଚଲକା



ମହେନ୍ଦ୍ର ପ୍ରତାପ ସ୍ୱାଇଁ

କଳା ଧଳା କଳବକ ବଗ୍‌ଜ, ସୌନ୍ଦର୍ଯ୍ୟପ୍ରଭା କରେ ମୁଗ୍ଧ ଗ୍‌ଜ

ଚଲକା ନୁହେଁ ସେ ରଜାର ଗ୍‌ଇ, ମନ୍ମଥର କୃଷ୍ଣ ପାଇଁ କ ବାଇ ।

ପାଠକ ଶଲ୍ଲେଇ ପାଇଁ ତା'ଭ୍‌ଉ, ନମନ୍ତ୍ରକ ସାଜ ଭ୍‌ଉ କ ମଉ

ଉଡ଼େ ସୁଶିଳ ପବନର ବାସ,  କ୍ଲେଷ ମଧ୍ୟରେ ବରଜବ ରସ ।

ବଚକ୍ଷଣାତ୍ୱରେ ପାରଙ୍ଗମିତା, ନହେବ ସର ତା ପର ସରତା

ନବଲ୍ଲୋକନ ତାର ରୂପକାଠି, ବାଇ ଏ ଜଗତ ପାଇଁ ଏ ତାଠି ।

ଧରତ୍ରୀବାସି ଜାଣନ୍ତୁ ଏ ସୁର, କ କେ ନୁହେଁ ଏ ଜଗତେ ତା'ପର

ଚଲକା ପର ଏ ଭ୍‌ଉକୁ ଗୁଡ଼ିଣ, ଏ ଦେଶ ମାଟିକୁ କର ସଙ୍ଗିଣ ।

ବଡ଼ବଢ଼ିଆଙ୍କ ସମୁହ ଜର, ଲ୍ଲଳସା ତାଙ୍କରୀ ରୂପେ ବର୍ଣ୍ଣର

ଏ ମହୟସୀ ରୂପୀ ଚଲକା, ପ୍ରତ୍ନତତ୍ତ୍ୱର ଅମେଧ କଳକା ।

ସ୍ନାତକୋତ୍ତର ଛାତ୍ର,

ଗେଲଣ୍ଡ ଫାର୍ମାସୀ କଲେଜ, ବ୍ରହ୍ମପୁର

# ଆମର ଗାଁ



ବରୁଣ କୁମାର ଦାସ

ମଥା ଉପରର ଶକ୍ତ ଛାତ
ପକ୍କା ପାଚେରୀ ଆଉ
ଆଧୁନିକ ଉପାଦାନର
ସମାହାରରେ ସଂକୁଚିତ ସମ୍ପର୍କ ।

ଅଭାବ ସହ ସ୍ୱଭାବ
ଭୁଲିଛି ରାସ୍ତା ବହୁଦିନରୁ,
ଆନ୍ତରିକତା ଆଉ ଟାଣପଣ
ପରିତ୍ୟକ୍ତ ଡାକବାକ୍ସରେ
ଲୁଚକାଳି ଖେଳୁଛି
ପବନ ସହ ।

ଚିଠି, ଟେଲିଗ୍ରାମର
କବର ଉପରେ
ଖେଳୁଛି ଭିଡ଼ିଓ କଲ୍‌ର ତରଙ୍ଗ ।

ବୀମା, ସଂଚୟ ଆଉ
ବିବିଧ ପ୍ରକଳ୍ପର ସୁଫଳ
ଭାଗବତ ଟୁଙ୍ଗୀର ଧର୍ମବାଣୀ
ସ୍ୱାର୍ଥ ଆଉ ଅର୍ଥ
ବଞ୍ଚିବାର ମୂଳମନ୍ତ୍ର ।

ପଥଭ୍ରଷ୍ଟ ଯୁବଶ୍ରେଣୀ

ହାତରେ ଶାସନଭାର
ଗଜନୀତ କରୁଥାଏ
ସାର୍ଥକ ବଗ୍ଧର
ନୋଟ୍ ଆଉ ରଙ୍ଗୀନ ଜଳ
ସବୁ କଣ୍ଠର ମୂଳ ।

କଳା ହୁଏ ଧଳା
ଅପାରଗ ସାଜେ
ମହାପୁରୁଷ
ଅନ୍ଧମାନଙ୍କ ପାଇଁ
ଉପହାରରେ ମିଳୁଛି
ସୁନ୍ଦର ଆଇନା ।

ଶିକ୍ଷା ଦୀକ୍ଷାର ଦର୍କାର ନାହିଁ
ଶସ୍ତା ବ କନ୍ତ
ମୁର୍ଖ ଏଠି ମହାପଣ୍ଡିତ
ପେଟ ପୁର୍ ଖାଇ ବ
ଖାଲ୍ ଭେକ ଆଉ ଭେକ ।
ଯାହା ଏଠି କାନ୍ଦିବା ମନା ।

ଇମେଲ୍ - barunkumardas1@gmail.com
ଦୂରଭାଷ - ୯୯୩୨୯୨୪୬୬୧

# ମୋ ଗାଁ



ଇଂ ଶାରଦାପ୍ରସାଦ ପରଡ଼ା

ଏଇ ଦେଖ ଯେଉଁ ଲମ୍ବି ଯାଇଛି
ଶଗଡ଼ ସଅ
ଦଣ୍ଡା ଦାଢ଼େ ଦାଢ଼େ
ଠିକ ତା ଶେଷ ମୁଣ୍ଡରେ
ଯେଉଁ ବୁଢ଼ା ବରଗଛ
ମଶାଣୀକୁ ଲାଗି
ସେଇଠୁ ଆରମ୍ଭ
ମୋ ଗାଁ ର ମାହାଲ ।
ତା ଆଗକୁ ଦେଖିବ
ଖଜୁରୀ ଗଛର ବୁଦା
ତା ଉପରେ ମାଡ଼ି ବସିଥିବ
ଅନାବନା ଅରମା ଲଟା
ତଳେ ଭଙ୍ଗା କାଚର ଗଦା
ପିଶାଚୁଣୀର ଭଙ୍ଗା ପଣାହାଣ୍ଡି
ମୋ ଗାଁ ଅନ୍ତୁଡ଼ି ବୁଦାରେ
ଯେଉଁଠୁ ଆରମ୍ଭ ହୁଏ ଆତ୍ମୀୟତା, ଭୟ
ପୂର୍ବ ପୁରୁଷର ସ୍ମୃତ ସହ ।
ତା ପରେ ଦେଖିବ
ମୋ ଗାଁ ପୋଖରୀ ;
ଯେଉଁଠି ଗାଧୋଉଥିବ
ମୋ ଗାଁର କୁଆଁରୀ
ମେଳ ହୋଇ,
କେଉଁ ରଜାପୁଅର

ସୁନ୍ଦର କଳ୍ପନାରେ,
ବାଣ୍ଟି କୁଣ୍ଟି ହସ
ଥଟାରେ ମଜାରେ
କେତେ ଟାହ୍ ଟାପରରେ ।
ଆଉ ତୁଠରେ ଥିବେ
ପୁରୁଖା ମୁରବୀ;
ଗୁଳିଥିବ କେତେ
ଆଲୋଚନା, ପର୍ଯ୍ୟାଲୋଚନା
ଧାନ କ୍ଷେତରୁ ଯୁଦ୍ଧକ୍ଷେତ୍ର ଯାଏ ।
ସେଇ ପୋଖରୀକୁ ଲାଗି
ଦେଖିବ ବୁଢ଼ା ଅଶ୍ୱତଥ୍ ଗଛ
ତା ତଳେ ବସିଛି
ମୋ ଗାଁର ତ୍ରାଣକର୍ତ୍ତା,
ଗାଦ ମହାପୁର;
ସେଇ ଦରଭଙ୍ଗା
ନୂଆଣିଆ ମଣ୍ଡେଇର ତଳେ
ଟେକ ଦେଇ
ଆଶୀର୍ବାଦର ହାତ
ଯେମିତ ସେମିତ ବସିଛି
ପୀଢ଼ି ସର ପୀଢ଼ି
କେଜାଣି କେଉଁ ସୃଷ୍ଟିର ଆଦ୍ୟକାଳୁ ।
ମୋ ଗୋସେଇଁର ଘର ଠାରୁ
ଲମ୍ବିଯାଇଥିବ
ଦାଣ୍ଡି ଦାଣ୍ଡି ନୂଆଣିଆ ଗୁଳଘର,
ଲଗା ଲଗି ହୋଇ
ଓଳ ସହ ଓଳ;

ଠିକ ଯେମିତ,
ମୋ ଗାଁରେ ଲଗାଲଗି ସମ୍ପର୍କ
ରକ୍ତରେ, ଚନ୍ଦ୍ରରେ, ସୂର୍ଯ୍ୟରେ ।
ସେଇଠି ପରଖିବ,
ଆତ୍ମୀୟତା,
ସମ୍ପତ୍ତିର ତୁଚ୍ଛପଣ;
ଯାହାକୁ କେବେ କଣି ପାରିବନି
ମୁଠା ମୁଠା ଟଙ୍କା ବଦଳରେ
ତମ ସହରରେ ।
ଏବେ କିନ୍ତୁ ବଦଳୁଛି ଗାଁ
ଯେଉଁଠି ଆତ୍ମୀୟତା
ବୋଧେ ପଡ଼ିଯାଏ ଫିକା
ସମ୍ପର୍କ ଉପରେ ମାଡ଼ି ମାଡ଼ି ବସେ
ସ୍ୱାର୍ଥ ଆଉ ସ୍ୱେଚ୍ଛାଗ୍ରହ
ଭଣ ଭଣ ଟଙ୍କା ଗନ୍ଧରେ
ଲିଭି ଲିଭି ଆସେ ନିଜପଣ
ସମ୍ପର୍କରେ ,
ଠିକ
କେବେଠୁ ଲିଭିଯାଇଥିବା
ପାଦଚଲା ଶଗଡ଼ ସିର ପରି ।

ଅଧ୍ୟାପକ, ମେକାନିକାଲ ଇଂଜିନିୟରିଂ,
କୋଣାର୍କ ବିଜ୍ଞାନ ଏବଂ ବୈଷୟିକ ମହାବିଦ୍ୟାଳୟ , ଖୋର୍ଦ୍ଧା

# ତୁମ ପାଇଁ... ମୁଁ



ଶୁଭସ୍ମିତା ବେହେରା

ତୁମେ...
ମୋ ପ୍ରେରଣା
ମୋ ପ୍ରତଟି ଶବ୍ଦର ଗହଣା
ମୋ କବତାର ପରକଳ୍ପନା
ମୋ ଏକାନ୍ତ ମୂହୁର୍ତ୍ତର ଆଶ୍ୱାସନା ।

ତୁମ ପାଇଁ...
ମୁଁ ଆଜ ଅଜଣା ପଥିକଟିଏ
ପାସୋର୍ ସ୍ୱପ୍ନର ଘଟଣାଟିଏ
ଅତୀତର ଠିକଣାହଜା ଚଠିଟିଏ
ଭବଷ୍ୟତର ଅଟ୍ଟହାସ୍ୟର ଆଲୋଚନାଟିଏ ।

ତୁମ ବନା...
ମୁଁ ତୃଷାର୍ତ୍ତ ଗୃତକ
ଲକ୍ଷ୍ୟହୀନ ପରବ୍ରାଜକ
ଚକ୍ଷୁବସର୍ଜିତ ଲୋତକ
କନ୍ତୁ ସର୍ବଦା ମୁଁ ତୁମ ଶୁଭଚନ୍ତକ ।

ବଘିଆପଡ଼ା, ବୌଦ୍ଧ
୭୬୨୦୨୬

# ଏକରୂପୀ ଜଗନ୍ନାଥ



ଅଖଣ୍ଡ

ଏକରୂପୀ ଏକ ପ୍ରଭୁ ଜଗନ୍ନାଥ
ମହୀଧର ରୂପ ତପମୂର୍ତୀ ଶାନ୍ତ ।
ଦେବାଦେବ ଗଣ ଈଶ୍ୱର ବଭୂତ
ପ୍ରଭୁ ପଦ୍ମ ପଦ ନୀତ ଗତ ମତ ।୧
ସର୍ବଭୂତେ ସମଭାବ ଦୃଶ୍ୟମାନ
ଅସଲ ଭଗତ ଭାବେ ଭଗବାନ ।
ଶାନ୍ତମୈତ୍ରୀ ଭାବ ସଦା ଅନୁଭବ
ନାମ ଜଗନ୍ନାଥ ଶ୍ରୀରାମ ମାଧବ ।୨
ଦେଶକାଳପାତ୍ର ପ୍ରଭୁ ଜଗନ୍ନାଥ
କୋଟିତୀର୍ଥ ପଦ ଅନନ୍ତ ଅଚ୍ୟୁତ ।
ବାୟୁ ଅଗ୍ନିରୂପ ଅଥଳ ସାଗର
ଭକ୍ତ ପ୍ରାଣ ଧନ ସଂସାର ଠାକୁର ।୩
ସ୍ୱଭାବେ ଅଜନ୍ମା ଅବ୍ୟୟ ଅକ୍ଷୟ
ପ୍ରଭୁ ଜଗନ୍ନାଥ କାଳେ କାଳେ ଜୟ ।
ଯୁଗେ ଯୁଗେ ଜନ୍ମ ମାୟାରୂପ ଧାରୀ
ଅଖଣ୍ଡ ପ୍ରଣାମ ରାମ କୃଷ୍ଣ ହରି ।୪

ପୁରୀ - ୭୫୨୧୦୪

# ତନୋଟି ଅନାମିକା କବତା



ଡା ସନ୍ଧ୍ୟାରଣୀ ପାଣିଗ୍ରାହୀ

ବରଷା ନହେଲେ ନଦୀ କ ଉଭେଇ ଯାଏ

ତୁମେ କୁହ ଥରେ ଦେଖା ନ ହେଲେ

କ ପ୍ରେମ କରବା କମି ଯାଏ

ଫୁଲର ବାସନା ଫୁଲ ହିଁ ଜାଣେ

ଦେଖାହେଲେ ପଗ୍ବର ଥରେ

ଥର ଥର ଓଠରେ ଗୀତଟା ସତେ

ହସୁଥାଏ ଝରଯାଏ ସେମିତ ବାସନା ଭର

ଭୁଲ କ ହୁଏ ସତେ ଦୂରକୁ ଗ୍ବଲ ଗଲେ

ସତ କଥା କହବ ଏଥର

ମନରେ ରଖିଛ ଯେତକ କଥା

ଅକୁହା ଯେତେ ମନର ବ୍ୟଥା

କହବ କହବ ବୋଲ କେତେ ଯେ

ଗଲାଣି ବତ ସମୟ ଜାଣି ପାରେ ମୁଁ

ହସରେ କାନ୍ଦରେ ଲେଖିବା ଗପର ନାମ

ସେ ନାମ ନ ଥାଉ ପଛେ ନାୟକ ନାୟିକା

ଏ ଅଭୁଲା ଅନୁଭୂତ

ଏ ଅପାସୋର ସ୍ମୃତ

(୨)

ବରଷା ବରଷି ଗଲେ

ଭିଜିଯାଅ ଥରେ

କିଛି ଲୁହ ଅଜାଣତେ

ବହି ଯାଉ ଏକାଧାରେ

ଏକାକାର ହୋଇଯାଉ

ଲୁହ ଆଉ ଲହୁର ବନ୍ୟା

ଅପରାହ୍ନରେ ହଜିଯାଉ

ଏମନର ମଲାଜହ୍ନ ଟା

ଆକାଶର ଏବାରିଧାରରେ

ଭିଜି ଭିଜି ତୁମକୁ ହଜାଇ ଭୁଲିବାରେ

ଏଥର ତୁମକୁ ମୁଁ ନିଶ୍ଚୟ ଭୁଲିବି

ସେ କମା ଡଟ୍ ପାଖରେ

ଆଉ ନ ଅଟକିବି

ଏ ଅମାନିଆ ମନଟାକୁ ସମ୍ଭାଳିବ

ଅଝଟ ହେଲ୍ ବୋଲି କାହାକୁ ନ କହିବ

(୩)

ଅତୀତ ଏବେ ହୋଇବ ତୁମେ

ଆଉ ଟିକିଏ ପରେ

ଆସିବ ଫଗୁଣ ହୋଇ

ରଙ୍ଗ ଭରି ଏ ମନରେ

ମୁଁ ବି ଆସିବି

ପୁଣି ଅତୀତର ସ୍ମୃତି ନେଇ

ଅତୀତ ରହିବ ଅତୀତ ହୋଇ

ନୂଆ ବର୍ଷ ସତର ବାର୍ତ୍ତା

ସୃଜନାତ୍ମକ ଏକା ଏକା

ଗୁଦ୍ଧିମନ୍ତ..

ବକୁଳ ବନର ସୁବାସ ଆଣି

ସୌନ୍ଦର୍ଯ୍ୟ ସର୍ବ ସ୍ୱର୍ଣ୍ଣାଭ ଠାଣି

ଅତୀତ ଇତିହାସ ଅତୀତରେ

ଭୁଲ ଯିବେ କଣ ସତରେ

ମୋ ପାଇଁ ତୋ ତୁ

କେମିତ ଭୂଲବ ମୋ କୁହୁ

କୁହୁକ ଛୁଆଁ ଏ ବେଳାରେ

କମିଆ କରଛ ଭବଷ୍ୟ ସତରେ

ନୂଆ ବର୍ଷର ଅଭନନ୍ଦନ.. ବଦାୟ ଏ ବେଳାରେ

ଡା ସନ୍ଧ୍ୟାରଣୀ ପାଣିଗ୍ରାହୀ

ବରଷ୍ଠ ସ୍ତ୍ରୀ ଓ ପ୍ରସୂତ ବଶେଷଜ୍ଞା, ବ୍ରହ୍ମପୁର, ଓଡ଼ିଶା

# ବାଘ ମାଡ଼ିଛି



ଦୀପକ ଷଡ଼ଙ୍ଗୀ

ସୋମବାର ସକାଳର ଖବର କାଗଜଟାକୁ ଦେଖୁ ଦେଖୁ ଆଖିରେ ପଡ଼ିଗଲା ମୋର ବକ୍ସ ଭିତରେ ହାଇଲାଇଟ୍ ହୋଇଥିବା ଖବର ଉପରେ । 'ନନ୍ଦନ କାନନର ୫ ନମ୍ବର ଖୁଆଡ଼ରୁ ବାଘ ଫେରାର୍' । ଗତ ରାତିରେ ହୋଇଥିବା ବର୍ଷା ପବନରେ ଗୋଟିଏ ମହାବଳ ବାଘ ଖୁଆଡ଼ ଡେଇଁ କେଉଁଆଡ଼େ ଚାଲିଯାଇଛି । ଖବରରେ ଆହୁରି ମଧ୍ୟ ଉଲ୍ଲେଖ କରାଯାଇଛି ଯେ ତିନିବର୍ଷ ତଳେ ଏହି ବାଘ ଖୁଆଡ଼ ଭିତରେ ତା'କୁ ଖାଇବାକୁ ଦେବାକୁ ଯାଇଥିବା କର୍ମଚାରୀକୁ ଆକ୍ରମଣ କରି ନିହତ କରି ଖାଇଦେଇଥିଲା । ସେଥିପାଇଁ ଭୁବନେଶ୍ୱର ଏବଂ ଆଖାପାଖ ଅଞ୍ଚଳର ଲୋକମାନଙ୍କୁ ବିଶେଷ ସୁରକ୍ଷା ଓ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଖବରଟା ପଢ଼ିଦେଇ ମନଟା କିପରି ଗୋଟିଏ ଭୟାତୁର ହୋଇପଡ଼ିଲା ଓ କିଛି ସମୟ ପାଇଁ ମୁଁ ଅନ୍ୟମନସ୍କ ହୋଇଗଲି । ସେଥିମଧ୍ୟରେ କେତେବେଳେ ମୋ ଧର୍ମପତ୍ନୀ ଜ୍ୟୋତି ପାଖକୁ ଆସି ଚା କପଟା ମୋ ହାତକୁ ବଢ଼େଇ ଦେଉ ଦେଉ ପଚାରିଲେ - କଣ ହେଲା କି ? ଏତେ ଗମ୍ଭୀର ଚିନ୍ତାରେ ବସିଛ ? ଧର୍ମପତ୍ନୀଙ୍କ ଆବେଗର ଅନ୍ତ କରିବାକୁ ଯାଇ କହିଲି, "ଭୁବନେଶ୍ୱରରେ ବାଘ ମାଡ଼ିଛି ବୋଲି ସାବଧାନ ରହିବା ପାଇଁ ବଣ୍ୟବିଭାଗ ଖବର କାଗଜ ମାଧ୍ୟମରେ ସମସ୍ତ ସହରବାସୀଙ୍କୁ ସତର୍କ କରିଛନ୍ତି ।"

ଧର୍ମପତ୍ନୀ ମୋର ଟିକେ ସ୍ମିତହାସ୍ୟ ଦେଇ କହିଲେ,

"ସହରରେ ଯେଉଁ ଦୁଇଗୋଡ଼ିଆ ପଶୁ ସାରା ରାଜ୍ୟଟାକୁ ହୁଲସ୍ଥୁଲ କରି ରଖିଛନ୍ତି, ସେମାନଙ୍କ ପାଇଁ କାହାକୁ ସତର୍କ କରାଯାଉନାହିଁ ତ ? ମାତ୍ର ଏଇ ସାମାନ୍ୟ ନିର୍ବୋଧ ପଶୁଟେ ପାଇଁ ଏତେ ହୋ ହଲ୍ଲା ! କଣ ପାଇଁ ?" ତାଙ୍କର ଏ ପ୍ରକାରର ମନ୍ତବ୍ୟ ଶୁଣି ମୁଁ ନିଶ୍ଚିତ ହୋଇ ସାରିଥିଲି ଯେ ତାଙ୍କର ଏ କ୍ଷୋଭର ପରୋକ୍ଷ ଇଶାରା ନିକଟରେ ହୋଇଥିବା ସାରଥୀବାବା କେଲେଙ୍କାରୀକୁ ବୁଝାଉଥିଲା । ବାବା ଓ ତାଙ୍କର ସହଯୋଗୀମାନେ ନିକଟ ଅତୀତରେ ଯେପରି ସାରା ରାଜ୍ୟଟାକୁ ହୁଲସ୍ଥୁଲ କଲେ ଏବଂ ବାବାଙ୍କର ମଣିଷମାଂସ ଲୋଭୀ ଯୌନ ପିପାସା ଯେ ଗୋଟେ ଭୟଙ୍କର ବାଘଠାରୁ ମଧ୍ୟ ଅଧିକ ମାରାତ୍ମକ ତାହା ରାଜ୍ୟବାସୀ ସଠିକ୍ ବୁଝିପାରିଥିଲେ ।

ଘଣ୍ଟାର ସମୟ ୯ଟା ହେବା ଦେଖି ମୁଁ ବାହାରି ପଡ଼ିଲି, ମୋର କର୍ମମୟ ଜୀବନର ଆଉ ଗୋଟେ ଦିନକୁ ସ୍ୱାଗତ କରିବା ପାଇଁ । ମୋର ନିତ୍ୟକର୍ମ ସାରିଦେଇ ଟିଫିନ୍ ବକ୍ସ ସାଥିରେ ଧରି ବାହାରି ପଡ଼ିଲି ମୋଟର ସାଇକେଲ୍ ଷ୍ଟାର୍ଟ୍ କରି ଅଫିସ ଯିବାପାଇଁ । ମୋବାଇଲ୍‌ରେ ବାଲାନ୍‌ସ କମ ଥିଲାବୋଲି ଘରଠୁ ଅଳ୍ପ ଦୂରରେ ଅଜୁ ଭାଇ ଦୋକାନରେ ପହଞ୍ଚିଲି । ସେ ମୋବାଇଲ୍ ରିଚାର୍ଜ୍ କରୁ କରୁ କହିଲା, "ଜାଣିଛ ଦୀପୁଭାଇ, କାଲି ସାରା ଭୁବନେଶ୍ୱର ବନ୍ଦ ହଉଛି ।" ମୋ ମୁହଁରେ ପ୍ରଶ୍ନ ଦେଖି କହିଲା, "ଭାଇ ସକାଳୁ ଖବର କାଗଜ ପଢ଼ିନ କି ? ଆରେ ହେ, ଭୁବନେଶ୍ୱରରେ ପରା ବାଘ ମାରିଛି ! ବିରୋଧିଦଳ ମାନେ ଏହାର ପ୍ରତିବାଦରେ ସବୁ ସ୍କୁଲ, କଲେଜ, ଅଫିସ, ଦୋକାନ, ବଜାର ବନ୍ଦ କରୁଛନ୍ତି ।" ମୁଁ ଆବେଗଭରା ସ୍ୱରରେ ପଚାରିଲି, "ଆଉ ତୁମ ଦୋକାନ ବନ୍ଦ ହେବ ନା ନାଇଁ ?" ସେ ଆକ୍ରୋଶର ସହିତ କହିଲା, "ମାସରେ ଯଦି ପନ୍ଦରଦିନ ଦୋକାନ ବନ୍ଦ କରିବୁ, ଆମେ ଚଳିବୁ କେମିତି ଦୀପୁଭାଇ, ତୁମେ ନିଜ କୁହ ତ ? ଗୋଟେ ମାସରେ କେଉଁ ଦିନ ଓଡ଼ିଶା ବନ୍ଦ ତ କେଉଁଦିନ ଭାରତ ବନ୍ଦ, ପୁଣି କେଉଁଦିନ ପେଟ୍ରୋଲ୍ ଦର ବଢ଼ିଲା ଦାବିରେ ତ କେଉଁ ଦିନ ଭଣ୍ଡବାବାଙ୍କ ଭଣ୍ଡାମୀ ପାଇଁ ବନ୍ଦ !! ଏମିତି ବନ୍ଦ ଚାଲିଲେ ଆମେ

କେମିତି ଚଳିବୁ ?"

ମୋ ପାଖରେ ତା ପ୍ରଶ୍ନର ଉତ୍ତର ନଥିଲା, ମୁଁ ଟିକେ ହସିଦେଇ ତାକୁ ପଇସା ଦେଇ ଚାଲିଲି ଅଫିସକୁ । ଅଫିସ ଭିତରେ ବି ସେଇ ଗୋଟିଏ ଚର୍ଚ୍ଚା । ବାଘ ସତରେ ଗଲା କୁଆଡ଼େ ? ମୁଁ ଦେଖେ ତ ସବୁଠାରୁ ଅଧିକ ଚିନ୍ତାଗ୍ରସ୍ତ ଦେଖାଯାଉଥାନ୍ତି ମିଶ୍ରବାବୁ । କାରଣ ତାଙ୍କ ଘର ନନ୍ଦନକାନନ ପାଖାପାଖି ଅଞ୍ଚଳରେ । ମୁଁ ତାଙ୍କର ଚିନ୍ତାଗ୍ରସ୍ତ ମୁହଁକୁ ଦେଖି ପଚାରିଲି, "ମିଶ୍ରବାବୁ ! ସତରେ ବାଘଟା ଗଲା ସତେ କୁଆଡ଼େ ?" ସେ ଚମକି ପଡ଼ି କହିଲେ, "ଦୀପକ୍ ବାବୁ, ବାଘ ଯୁଆଡ଼େ ଯାଉ ପଛେ, ଆମ ଘର ଆଡ଼କୁ ଯେମିତି ନ ଆସୁ । ନୂଆ ଘର ଟେକିଛି, ଘର ଚାରିପାଖ କାନ୍ଥଗୁଡ଼ାକ ଏତେ ଉଚ୍ଚ ବି ହୋଇନି । ସେଇଥିପାଇଁ ଭୟରେ ରାତିରେ ଶୋଇପାରୁନି । କାଳେ ବାଘଟା ପାଚେରୀ ଡେଇଁ ପଶିଆସିବ !" ମିଶ୍ରବାବୁଙ୍କ ଏ କଥା ଶୁଣି ମୋତେ ହସ ଲାଗିଲା, କିନ୍ତୁ ହସକୁ ମନରେ ଚାପିଦେଇ ମିଶ୍ରବାବୁଙ୍କୁ ଆଶ୍ୱାସନା ଦେଇ ଆସିଲି । ପରଦିନ ଭୁବନେଶ୍ୱର ବନ୍ଦ ଖବର ଶୁଣି ଦରକାରୀ କାମ ଗୁଡ଼ାକ ତରବରରେ ସାରିଦେଲି । ଠିକ୍ ଅଫିସ ଛୁଟି ହେଲା ବେଳକୁ ନୋଟିସ୍ ଆସିଲା, ଯେ ଆସନ୍ତା କାଲି ବନ୍ଦ ହେଲେ ସୁଦ୍ଧା ସମସ୍ତଙ୍କୁ ଅଫିସ ଆସିବାକୁ ପଡ଼ିବ ଏବଂ ଯିଏ ନ ଆସିବ ଆଗାମୀ ପାଞ୍ଚଦିନର ଦରମା କାଟି ଦିଆଯିବ । ନୋଟିସ୍ ପଢ଼ି ସମସ୍ତଙ୍କ ମନ ଆମ୍ବିଳା ହୋଇଗଲା । ଗୁଣୁ ଗୁଣୁ ହୋଇ ସବୁ କୁହାକୁହି ହେଉଥିଲେ, ଯେ ବସ୍ କାଳେ ସରକାରଙ୍କ ସମର୍ଥକ ତେଣୁ ସେ ବନ୍ଦକୁ ସମର୍ଥନ କରୁନାହାନ୍ତି ।

ସନ୍ଧ୍ୟା ଛଅଟାରେ ଘରକୁ ଫେରି ଟିକେ ଫ୍ରେସ୍ ହୋଇ ୭ଟାରେ ଟିଭି ସାମନାରେ ବସିଗଲି । ସନ୍ଧ୍ୟାର ଖବର ଦେଖିବା ବେଳକୁ ସବୁ ଖବର ଚ୍ୟାନେଲରେ ସେଇ ଗୋଟିଏ ଖବର, ଭୁବନେଶ୍ୱରରେ ବାଘ ମାତିଛି । ବାଘକୁ ନେଇ ଭଳିକି ଭଳି ଚର୍ଚ୍ଚା ଆଉ ସରକାରୀ ଓ ବିରୋଧୀଦଳଙ୍କ ମଧ୍ୟରେ ବାକ୍

ବିତଣ୍ଡା । ସାମ୍ବାଦିକମାନେ ନନ୍ଦନକାନନର ୫ ନମ୍ବର ଖୁଆଡ଼ରୁ ସିଧା ପ୍ରସାରଣ କରିବାରେ ବ୍ୟସ୍ତ । ବିରକ୍ତ ହୋଇ ଟିଭିକୁ ବନ୍ଦ କରିଦେଲି ।

ଧର୍ମପତ୍ନୀ ମୋର ଗ୍ରୀ କପଟା ହାତକୁ ଦେଉ ଦେଉ କହିଲେ, "କଣ ହେଲା ? ଟିଭିଟା କାହିଁକି ବନ୍ଦ କରିଦେଲ ?" ବିରକ୍ତ ହୋଇ କହିଲି, "ଏ ଟିଭିବାଲାଙ୍କୁ ଆଉ କିଛି ଖବର ମିଳୁନାହିଁ ନା କଣ ? ଦିନସାରା ସେଇ ଗୋଟିଏ ଖବର, ବାଘ ମାତିଛି ।" ଧର୍ମପତ୍ନୀ କହିଲେ, "ସେଇଥି ପାଇଁ ତ କାଲି ଭୁବନେଶ୍ୱର ବନ୍ଦ ।" ମୁଁ ପୁଣି ବିରକ୍ତିଭାବ ଦେଖାଇ କହିଲି, "ଜାଣିଛ, ଯେ ଆମକୁ ନିସ୍ତାର ନାହିଁ । ଆମକୁ କାଲି ସକାଳୁ ଅଫିସ ଯିବାକୁ ବାଧ୍ୟତା ମୂଳକ ନୋଟିସ ଦିଆଯାଇଛି । ନ ଗଲେ, ପାଞ୍ଚଦିନର ଦରମା ବନ୍ଦ ।" ମୋ କଥା ଶୁଣି ଧର୍ମପତ୍ନୀ ଶଙ୍କିଗଲେ ଓ କହିଲେ, "ହେଲେ ତମେ ଯିବ କେମିତି ? ବାଟଘାଟରେ ତ ସବୁଠି ଗଣ୍ଡଗୋଳ ହେଉଥିବ ! ଜଳାପୋଡ଼ା କରୁଥିବେ ।" ମୁଁ ଚିନ୍ତାରେ ଥାଇ କହିଲି, "ହୁଁ, ସେଇଥିପାଇଁ ଭାବୁଛି ସକାଳୁ ସକାଳୁ ବାହାରିଯିବି । ବନ୍ଦ କରିବା ଲୋକ ଦଶଟା ପରେ ଗହଳି କରିବେ, ତା ଆଗରୁ ମୁଁ ଅଫିସରେ ପହଞ୍ଚି ଯାଇନଥିବି ନା !" ତାଙ୍କୁ କଥାରେ ବୁଝେଇଦେଲି ସତ କିନ୍ତୁ ମୋ ଚିନ୍ତା ଦୂର ହେଲାନି । ମୋ ଘରଠାରୁ ଅଫିସ ପାଞ୍ଚ କିଲୋମିଟର ବାଟ, ସେ ଭିତରେ ଆଚାର୍ଯ୍ୟ ବିହାର, ବାଣୀବିହାର, ଜୟଦେବ ବିହାର ମେନ୍ ଗେଟ୍ ସବୁ ରହିଛି । ଏମିତି ସବୁ ଚିନ୍ତା କରି କରି କେତେବେଳେ ଶୋଇଗଲି ଜାଣିପାରିଲି ନାହିଁ ।

ସକାଳ ଛଅଟାରେ ପତ୍ନୀ ଡାକିବାରୁ ମୋ ନିଦ ଭାଙ୍ଗିଲା । ହେଲେ ସେ ଦିନ ଆଉ ଜଗିଂ କରିବାକୁ ଯିବାର ଇଚ୍ଛା ନଥିଲା । ଶୀଘ୍ର ଶୀଘ୍ର ନିତ୍ୟକର୍ମ ସାରିଦେଇ ଅଫିସ ବାହାରି ପଡ଼ିଲି । ତଥାପି ଘରୁ ବାହାରିବା ବେଳକୁ ଆଠଟା ବାଜି ସାରିଥିଲା । ମୋଟର ସାଇକେଲ୍‌ରେ ଅଫିସ ଆଡ଼କୁ ଯାଉଥିଲି ସତ ହେଲେ ମନେ ମନେ ଠାକୁରଙ୍କୁ ସ୍ମରଣ କରିଚାଲିଥିଲି ।

ସେଦିନ ମୋ ଗାଡ଼ିର ଗତି ଟିକେ ଅଧିକ ଥିଲା । ଯେତେ ଶୀଘ୍ର ଅଫିସରେ ପହଞ୍ଚିଯିବି ସେତେ ଭଲ, ପରେ ରାସ୍ତାରେ ଯେ ଯାହା ଜଳାପୋଡ଼ା କରୁଛି କରୁଥାଉ, ମୋର ସେଥିରେ ଯାଏଆସେ କେତେ ! ବାଣୀବିହାର ଛକ ଦେଇ ଯାଉଥିବା ବେଳେ ହଠାତ୍ ଜଣେ ଯୁବକ ମୋ ଗାଡ଼ିକୁ ପଛରୁ ଧରି ପକାଇଲା । ମୁଁ ଦେଖିଲି ତା ହାତରେ ଗୋଟେ ବଡ଼ ଦଳୀୟ ଚିହ୍ନଥିବା ପତାକା । ମୁଣ୍ଡରେ ବି ଗୋଟିଏ ଦଳୀୟ ଚିହ୍ନଥିବା ଟୋପି ଆଉ ନିଜେ ବି ପିନ୍ଧିଛି ଗୋଟେ ଦଳୀୟ ଚିହ୍ନ ଥିବା ସାର୍ଟ । ମୋ ସାମନାକୁ ମାଡ଼ିଆସି ଧମକ ଦେଲାଭଳି କହିଲା, “ଆବେ ଜାଣିନୁ, ଆଜି ସବୁ ବନ୍ଦ ବୋଲି ?” ତା ମୁହଁର ଗନ୍ଧରୁ ସ୍ପଷ୍ଟ ବାରି ହେଉଥିଲା ଯେ ସକାଳୁ ସକାଳୁ ସେ ଗୋଟେ ପୁରା ବୋତଲ ପକେଇ ଦେଇଛି । ସେ ମୋତେ ଧରିଛି କି ନାହିଁ, ସେ ପଟୁ ଆଉ ଚାରିପାଞ୍ଚଜଣ ତା ଭଳିଆ ମାଡ଼ି ଆସିଲେ ଓ ମୋତେ ଗାଡ଼ିରୁ ଟାଣି ନେଇ ଗୋଟେ ପଟକୁ ନେଇ ଘରକୁ ଫେରିଯିବାକୁ ଧମକ ଦେଲେ । ଆଉ ଦୁଇଜଣ ଲୋକ ମୋର ଗାଡ଼ିର ଲାଇଟକୁ ଭାଙ୍ଗିବାର ଚେଷ୍ଟା କରୁଥିଲା ବେଳେ ସେ ପଟରୁ ଜଣେ ବୟସ୍କ ବ୍ୟକ୍ତି ତାକୁ ଧରିପକାଇଲେ, ତାଙ୍କୁ ଦେଖି ମନେ ହେଉଥିଲା ସେ କୌଣସି ଦଳର ଜଣେ ମୁଖ୍ୟ ବ୍ୟକ୍ତି, ମୋତେ ସେମାନଙ୍କ କବଳରୁ ମୁକୁଳେଇ କର୍ମୀମାନଙ୍କର ଅସଦାଚରଣ ପାଇଁ କ୍ଷମାମାଗିଲେ । କର୍ମୀ ମାନଙ୍କୁ ଗାଳି ଦେଇ କହିଲେ, “ତୁମେ ମାନେ କଣ ଜାଣିନ, ଆମର ଏ ବନ୍ଦ କେବଳ ଶାନ୍ତିପାଇଁ, ରାଜଧାନୀବାସୀଙ୍କ ହିତ ପାଇଁ”, ସେ କଥା କହିଲା ବେଳକୁ ରାସ୍ତାର ଅନ୍ୟ ପାର୍ଶ୍ୱରେ ଗୋଟେ କାରର କାଚ, ଗୋଟେ ବସର ଆଗ କାଚ ଭଙ୍ଗା ସରିଲାଣି ଓ ଗୋଟେ ଟ୍ରକ ଉପରେ କର୍ମୀମାନେ ଚଢ଼ିଯାଇ ନିଆଁ ଲଗାଇବାକୁ ଉଦ୍ୟତ ହେଲେଣି । ରାସ୍ତା ସାରା ଟାୟାର ଜଳାପୋଡ଼ା ହେଉଥିଲା । ମୁଖ୍ୟମନ୍ତ୍ରୀ ଓ ଶାସକ ଦଳର ନେତାମାନଙ୍କର କୁଶପୁତ୍ତଳିକାମାନ ଦାହ କରିଯାଇ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଯାଉଥାଏ । ସେପଟେ ନ୍ୟୁଜ ଚ୍ୟାନେଲର ଟିଆର୍‌ପି ବଢ଼େଇବା ପାଇଁ ସବୁ ଭଙ୍ଗାଭଙ୍ଗି ଦୃଶ୍ୟକୁ ନିଜ କ୍ୟାମେରାରେ ନେବା ପାଇଁ ଉଦ୍ୟମ ଚାଲିଥାଏ । ଏ ସବୁ

ଦେଖି ମୁଁ ଭାବୁଥାଏ ପ୍ରକୃତରେ ଏହାକୁ ହିଁ କୁହନ୍ତି ଶାନ୍ତିପୂର୍ଣ୍ଣ ବନ୍ଦ ।

ସେ ଯା ହେଉ ମୁଁ ଏ ସବୁ ଭିତରେ ଆମ ଅଫିସରେ ପହଞ୍ଚି ଯାଇଥିଲି । ଅଫିସରେ ଆଉ ଚାରିପାଞ୍ଚଜଣ କର୍ମଚାରୀ ସମେତ ଆମ ବସ୍ ମଧ୍ୟ ପହଞ୍ଚି ସାରିଥାନ୍ତି । ତାଙ୍କର ଅବସ୍ଥା ମଧ୍ୟ ମୋ ପରି ହୋଇଥାଏ । ଆଜି ବସ୍ ଉପସ୍ଥାନ ଖାତାଟିକୁ ତାଙ୍କ କ୍ୟାବିନ୍ ଭିତରେ ରଖିଥାନ୍ତି । ସେ ଦେଖିବାକୁ ଚାହୁଁଥିଲେ, ଅଫିସର କେତେଜଣ କର୍ମଚାରୀ ଏହି ବନ୍ଦକୁ ସମର୍ଥନ କରୁଛନ୍ତି । ଦିନ ପ୍ରାୟ ବାରଟା ହୋଇଗଲା, ଆଉ କେହି ଅଫିସ ଆସିଲେ ନାହିଁ । ଆମେ ଓ ଆମ ବସ୍‌ଙ୍କୁ ମିଶେଇ ସମୁଦାୟ ପାଞ୍ଚଜଣ ଅଫିସରେ ଥାଉ । ଦିନ ଗୋଟାଏ ବେଳକୁ ଆମ ଅଫିସ ଆଗରେ କିଛି ଯୁବକ ଆସି ବିକ୍ଷୋଭ ପ୍ରଦର୍ଶନ କଲେ । ସେଥିପାଇଁ ପିଉନ୍ ଆମ ଅଫିସକୁ ଭିତରପଟୁ ବନ୍ଦ କରିଦେଇଥାଏ । କିଛି ଷ୍ଟାଫ୍ ଆମର ବସ୍‌ଙ୍କୁ ନ ଆସିବାର କାରଣ ଦର୍ଶାଇ ଫୋନ କରିଥାନ୍ତି । କିନ୍ତୁ ଆମ ବସ୍ କିଛି ଶୁଣିବା ଅବସ୍ଥାରେ ନଥାନ୍ତି । ଏକା ଜିଦ୍ ପାଞ୍ଚିଦିନର ଦରମା କଟାଯିବ । ସେଦିନ ଆଉ ଚିରାଚରିତ ସନ୍ଧ୍ୟା ଛଅଟାରେ ଘରକୁ ନ ଫେରି ପ୍ରାୟ ରାତି ନଅଟା ବେଳକୁ ଘରକୁ ଫେରିଲି । ଫ୍ରେଶ ହୋଇ ଟିଭି ପାଖରେ ବସିଲା ବେଳକୁ ଆଜି ଦିନର ଦୃଶ୍ୟସବୁ ପ୍ରସାରଣ ଚାଲୁଥାଏ ।

କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖବର ଥିଲା ଯେ ଯେଉଁ ବାଘପାଇଁ ଏତେ ସବୁ କାଣ୍ଡ ଘଟି ଯାଇଥିଲା, ସେ ବାଘଟା ନନ୍ଦନକାନନର ଖୁଆଡ଼ରୁ ଆସି କିଛି ଦୂରରେ ଥିବା ଏକ ଆବର୍ଜନାପୂର୍ଣ୍ଣ ଗଭୀର କୂଅ ଭିତରେ ପଡ଼ି ମରିଯାଇଛି । ବାଘ ଖସିବାର ୪୮ ଘଣ୍ଟାପରେ ମଧ୍ୟ ସଂପୃକ୍ତ କର୍ମଚାରୀମାନଙ୍କ ପାଖରେ ଏ ବିଷୟରେ କୌଣସି ଖବର ନଥିଲା । ନିକଟରେ ଥିବା ଏକ ଗ୍ରାମର ଗ୍ରାମବାସୀ କୂଅ ଭିତରୁ ଆସୁଥିବା ଶବ୍ଦକୁ ଶୁଣି ନିକଟସ୍ଥ ଥାନାରେ ଖବର ଦେଇଥିଲେ । ଖବର ମିଳିବା ପରେ ଜଙ୍ଗଲ କର୍ମଚାରୀ ଓ ପୋଲିସ ଆସି ସେଠାରେ ପହଞ୍ଚିଲା ବେଳକୁ କୂଅ ଭିତରେ ଶ୍ୱାସରୁଦ୍ଧ

ହୋଇ ବାଘଟି ମୃତ୍ୟୁବରଣ କରି ସାରିଥିଲା ।

ହାତରେ କିଛି ବିସ୍କୁଟ୍ ଆଉ ପାଣି ଧରି ଧର୍ମପତ୍ନୀ ମୋ ପାଖରେ ବସି ଆଜି ଦିନର ବନ୍ଦିର ଅନୁଭୂତ ବିଷୟରେ ମୋତେ ପଚାରି ଚାଲିଥିଲେ । ମାତ୍ର ମୁଁ ତାଙ୍କ କଥାକୁ ବିଶେଷ ଧ୍ୟାନ ଦେଇ ପାରିନଥିଲି ବରଂ ଭାବି ଚାଲିଥିଲି ସ୍ୱାଧୀନତା ସଂଗ୍ରାମ ସମୟର ଜାଲିଆନାୱାଲା ବାଗ୍ ଘଟଣା କଥା, ସେତେବେଳେ ଯେମିତି ନିରୀହ ଜନତାଙ୍କୁ ହଠାତ୍ ଇଂରେଜମାନେ ଗୁଳିଚାଳନା କରିବା ଫଳରେ ଲୋକମାନେ ଉପାୟଶୂନ୍ୟ ହୋଇ ପ୍ରାଣବିକଳରେ ଏକ ଅନ୍ଧକୂପ ଭିତରକୁ ନିଜକୁ ନିକ୍ଷେପ କରିଦେଇଥିଲେ ଓ ପ୍ରାଣତ୍ୟାଗ କରିଥିଲେ, ସେପରି ଏହି ମହାବଳ ବାଘ ମଧ୍ୟ ଆଜିର ସମାଜର ନିଷ୍ଠୁର ମଣିଷମାନଙ୍କର ଅତ୍ୟାଚାର ସହିନପାରି କୂଅକୁ ଡେଇଁ ନିଜର ପ୍ରାଣର ଜଳାଞ୍ଜଳି ଦେଇଛି !

ଘଣ୍ଟାରେ ବାଜି ସାରିଥିଲା ରାତି ଦଶଟା, ରାତ୍ରୀ ଭୋଜନ ପ୍ରସ୍ତୁତ ହୋଇ ସାରିଥିଲା । ଟିଭିରେ ଚାଲିଥିଲା, ପର୍ଯ୍ୟାୟ କ୍ରମେ ବାଘର ମୃତ୍ୟୁକୁ ନେଇ ଆଲୋଚନା ଓ ସମାଲୋଚନା ।

ଆଉ କିଛି ବିରୋଧିଦଳ ନେତାମାନେ କହି ଚାଲିଥିଲେ, ରାଜ୍ୟରେ ବ୍ୟାଘ୍ର ବଂଶର ହ୍ରାସରେ ଏହି ସରକାର ହିଁ ଦାୟୀ, ତେଣୁ ଆଗାମୀ ସପ୍ତାହରେ ବ୍ୟାଘ୍ରବଂଶର ସୁରକ୍ଷାଲାଗି ହେବ ରାଜ୍ୟବ୍ୟାପୀ ଆନ୍ଦୋଳନ, ବିକ୍ଷୋଭ, ଗଣଧାରଣା ଏବଂ ପୁଣି ଏକ ଓଡ଼ିଶା ବନ୍ଦ ।

କାଜିଡ଼ିହି, ମଧୁପାଟଣା
କଟକ, ୧୦

# ମୁଁ ଓ ମାଆ



ପାରମିତା ପାଣିଗ୍ରାହୀ

ପିଲ୍ବେଳର କଥା । ସବୁଦନ ପର ସ୍କୁଲକୁ ବାହାରଥିଲୁ ମୁଁ ଆଉ ମୋ ସାନ ଭଉଣୀ । ଆମେ ଦୁହେଁ ଘରେ କେବଳ ମାଆର ହିଁ ନକଟତର । ମା ଆମକୁ ଭର ଆଦର କରେ, ହେଲେ ଆଜ ତା'ର କଣ ହେଇଛ କେଜାଣି ! ଘରେ ଝିଅମାନଙ୍କୁ କେହ ଖାସ୍ ପସନ୍ଦ କରନ୍ତନ, ଏମିତକ ବାପା ବ ଆମକୁ ଅଣଦେଖା କରଦଅନ୍ତ । ମୋ ମା'ର ସେମିତ କଛ ସମ୍ମାନ ନଥିଲ୍ ଘରେ । ତେଣୁ ଭଲମନ୍ଦ ଖାଇବା ପିଇବା, ପିନ୍ଧିବା ଆମ ପାଇଁ ଏକ ସ୍ୱପ୍ନ ପର । କନ୍ତୁ ତଥାପି ମୋ ମା ଏ ସବୁ ମଧରେ ରହ ମଧ ଆମ ପାଇଁ ଟିକଏ ଖୁସି ଆଣିଦଏ । ଆଉ ଆମେ ପିଲ୍ମାନେ ସେଇଥିରେ ଖୁସି ହେଇଯାଉ ଆଉ ବେଳେ ବେଳେ ବରେଧ କର ମା'କୁ ଦୁଃଖୀ ବ କରଦେଉ । ସେ ଯାହା ହେଉ ଆଜ ମା'କୁ କଣ ହୋଇଛ ଆମେ ବୁଝି ପାରୁନଥିଲୁ । ସକାଳୁ ସବୁ କାମ ତ କରୁଛ ଖାଲ ଆମ ପାଇଁ କଛ ଭଲ ରନ୍ଧନ । ଏତେ ବେଳ ହେଲ୍ଣି, ମାଗି ମାଗି ବାପାଠୁ ଗାଳ ବ ଶୁଣିଲୁଣି । ଭର ରାଗ ମାଡୁଥିଲ୍ ମା ଉପରେ । ଶୁଖିଲ୍ ପଖାଳ ମୁଠାଏ ବାଢ଼ିଦେଲ୍ ଆମ ଲ୍ଗି । ଆଖି ଛଳ ଛଳ କର ରାଗରେ ମା'କୁ ଚାହିଁଲ । ବାପାଙ୍କୁ ବାହାରକୁ ଯିବାର ଦେଖି ମା ତା କାନରୁ ଟଙ୍କାଟିଏ ବାହାର କର ଥିର କର ମୋ ହାତରେ ଖେଞ୍ଚିଦେଇ କହଲ୍ କଣ କଣିକ ଖାଇଦେବ ତମେ ଦ'ଜଣ । ମୋ ମା'ଟା ପର୍ ଏବେ ଯାଇଥା, ଆସିଲେ ଯାହା କହବୁ କରକ ଦେବ । ରାଗିକ ମୁଁ ଚାଲ ଆସିଥିଲ । ଆଉ କଛ ସମୟ ପରେ ସବୁ କଥା ବ ଭୁଲଯାଇଥିଲ ।

ସନ୍ଧ୍ୟାରେ ଘରକୁ ଫେରିଲା ବେଳେ ଆମ ଘରେ ସାହିର ସ୍ତ୍ରୀ ଲୋକମାନଙ୍କୁ ଦେଖିଲି । ଆମେ ଦୁହେଁ ଜଳଦି ଘର ଭିତରକୁ ଗଲୁ ତ ଜେଜେ ମାଆ କହିଲେ ଦେଖିବୁ ଯା' ତୋର ଭାଇ ଆସିଛି । ଖୁସିରେ ଗୋଡ଼ ତଳେ ଲାଗୁନଥିଲା । ରକେଟ୍ ପରି ମାଆ ପାଖରେ ପହଞ୍ଚି ଯାଇଥିଲୁ ଆମେ ଦୁଇଜଣ । ସକାଳର ରାଗ କୁଆଡ଼େ ଉଭେଇ ଯାଇଥିଲା । ଆମ ଘର ଅଗଣା ସେପାଖର ଗମ୍ଭୀରା ଘର ଭିତରେ ମା' ମୋର ସଦ୍ୟ ଜନ୍ମିତ ଭାଇକୁ ଧରି ବସିଥିଲା । ମୋତେ ଦେଖି ତା ଆଖି ଚମକି ଉଠିଲା, ସେ ପଚାରିଲା "ଧରିବୁ ଭାଇକୁ ?"

ଆଜ କୋଡ଼ିଏ ବର୍ଷପରେ ଯେତେବେଳେ ମୁଁ ମେଡ଼ିକାଲ୍ ବେଡ଼ରେ ପଡ଼ି ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିଲି ମୋ ପାଖରେ ମୋ ମା' ମୋ ହାତ ଧରି ବସିଥିଲା । ମୋ ସ୍ୱାମୀ ଏବଂ ଅନ୍ୟ ପରିବାର ଲୋକ ମୋ ପାଖେ ପାଖେ ଥିଲେ । ମୋର ସେତେବେଳେ ମା'ର ଗର୍ଭାବସ୍ଥା କଥା ମନେ ପଡ଼ିଯାଉଥିଲା । ସେ ଯା'ହେଉ ବହୁତ ସମୟର କଷ୍ଟ ପରେ ଆମର ଝିଅଟିଏ ହେଲା । ଘରେ ସମସ୍ତଙ୍କ ଖୁସି କହିଲେ ନ ସରେ । ସବୁ କାର୍ଯ୍ୟର ସମାପ୍ତିପରେ ମୁଁ ମାଆକୁ ପଚାରିଲି, "ମା, କେମିତି ତୁ ଗାଁର ସେଇ ଗମ୍ଭୀରାଘରେ, ବିନା କାହାର ସାହାଯ୍ୟ ସହାୟତାରେ ଆମକୁ ଜନ୍ମ ଦେଇଥିଲୁ ? ଏତେ କଷ୍ଟ କେମିତି ସହିଥିଲୁ ?"

ମୋ ଝିଅକୁ କୋଳରେ ଧରି ତା ମଥାକୁ ଚୁମା ଦେଉ ଦେଉ ମା' କହିଲା, "ଏକା କୋଉଠି ଥିଲି, ତୁମେ ସବୁ ଥିଲ ନା ମୋ ପାଖରେ ।"

ତା କଥା ଶୁଣିଲା ପରେ ମୋ ଭିତରର କଷ୍ଟ କିଛି କମିଗଲା ପରି ଲାଗୁଥିଲା ।

ଲାଇବ୍ରେରୀ ଏବଂ ସୂଚନା ବିଜ୍ଞାନରେ ସ୍ନାତକ
ବାଙ୍ଗାଲୁରୁ - ୪୭

# କୃଷ୍ଣସାର ମୃଗ



ନୃସିଂହ ଚରଣ ବେହେରା

ସୁଲେଖା ଆଜ ଦଶବର୍ଷ ପରେ ବଦ୍ୟାଳୟର ବାର୍ଷିକ ଉତ୍ସବରେ ସୁକୁମାର ପଟ୍ଟନାୟକଙ୍କୁ ମୁଖ୍ୟ ଅତଥି ରୂପେ ଦେଖି ଚମକ ପଡ଼ିଲା । ଦଶବର୍ଷ ତଳର ଘଟଣାମାନ ତା ସାମ୍ନାରେ ଚଳଚ୍ଚିତ୍ରର ଦୃଶ୍ୟପଟ୍ଟ ପର ଜୀବନ୍ତ ହୋଇ ଉଠିଲା । ଅତୀତର ଦୃଶ୍ୟାବଳୀ ସବୁ ତା'ର ମନକୁ କ୍ଷତ ବକ୍ଷତ କରଦେଲା ।

ସୁଲେଖା ବହୁତ ବ୍ୟସ୍ତ ବବ୍ରତ ହୋଇପଡ଼ିଲା । ସେ ଗୋଟିଏ କଣରେ ପଡ଼ିଥିବା ଚୌକିରେ ବସିପଡ଼ିଲା । ତା'ର ମନ ଅତୀତକୁ ଫେରଗଲା । ସେ ପୁରୁଣା କଥା ସବୁ ବସି ବସି ଭାବବାକୁ ଲାଗିଲା । ସେ ତା' ପରବାରର ସବୁଠାରୁ ଗେହ୍ଲା ଝିଅ ଥିଲା । ତା'ର ପରବାରରେ ବାପା, ମାଆ ଓ ଭାଇ ସହତ ଖୁସିରେ ତା ସମୟ କଟିଯାଉଥିଲା । ତା'ର ବ.ଏ. ପାଠ ପଢ଼ା ସରଲାପରେ ତା' ବାପା ତା'ର ବାହାଘର ପାଇଁ ବ୍ୟସ୍ତ ହେବାକୁ ଲାଗିଲେ । ଭଲ ଘର ଓ ଭଲ ବର ଦେଖି କାମ ସାରଦେଲେ ତାଙ୍କ ଦାୟିତ୍ୱ ସରଯିବ । ମା ମଧ୍ୟ ତା' ବାହାଘର ପାଇଁ ବେଶ୍ ଚନ୍ତିତ ଥିଲେ । ତାଙ୍କ ଝିଅ କେମିତ ବାହାସାହା ହେଇ ଘର ସଂସାର କରବ ଏହ ଚନ୍ତାରେ ବାପା ମା' ପୁର ଫୁଲ୍ ଦମରେ ଲାଗିପଡ଼ିଥିଲେ । ଦନଥିଲା ଯେତେବେଳେ ବାପା, ମା, ଭାଇ, ବନ୍ଧୁବାନ୍ଧବ ମାନେ ଦେଖା ଚାହାଁ କର ଝିଅଟିଏ ପସନ୍ଦ କରୁଥିଲେ । ହେଲେ ଏବେ ତ ସେ ସମୟ ଆଉ ନାହିଁ । ଏବେ ସମୟ ବଦଳ ଯାଇଛ । ବାପା, ମା, ବନ୍ଧୁବାନ୍ଧବଙ୍କ କଥା ଭନ୍ନ, ବରର ପସନ୍ଦ ନ ହେଲେ କନ୍ୟା ନର୍ବାଚନ ମୂଲ୍ୟହୀନ ।

ସୁଲେଖା ବା ଏହ କନ୍ୟା ନର୍ବାଚନ ଭଳ ସାମାଜକ ପ୍ରଥାରୁ ବାଦ୍ ଯିବ କେମିତ ? ଜଣ ଜଣ କର ପାଞ୍ଚଜଣ ବରପ୍ରାର୍ଥୀ ନଜ ବାପା ମା ଓ ବନ୍ଧୁବାନ୍ଧବ ସ୍ମେତ ମଧ୍ୟସ୍ଥିଙ୍କ ସହତ ତାକୁ ଦେଖିବାକୁ

ଆସିଥିଲେ । ହେଲେ ସମସ୍ତେ ତାକୁ ନାପସନ୍ଦ କରି ଯାଇଛନ୍ତି । ସେତେବେଳେ ସୁଲେଖାକୁ କେତେ ବା ବୟସ ହେଇଥିଲା । ୨୨-୨୩ ବର୍ଷର ଯୁବତୀ ସୁଲେଖା ଦେଖିବାକୁ ସୁନ୍ଦର ଥିଲା । ହେଲେ ତା'ଦେହର ରଙ୍ଗ ତୋଫା ଗୋରି ନୁହେଁ କି କଳା ନୁହଁ, ଶ୍ୟାମଳ ବର୍ଣ୍ଣ । ତା' ଗଠନ ଭଲ ଆଉ ବ୍ୟବହାର ବେଶ ମାର୍ଜିତ । ସେ ବି ତା ବାହାଘରର ସୁନେଲି ସ୍ୱପ୍ନ ଦେଖୁଥିଲା । ଯେତେ ବରପ୍ରାର୍ଥୀ ଦେଖିବାକୁ ଆସିଥିଲେ ସେମାନଙ୍କ ଚର୍ଚ୍ଚାରେ କୌଣସି ପ୍ରକାରର କିଛି ତ୍ରୁଟି ହୋଇନଥିଲା । ତେବେ ସେମାନେ ତାକୁ ନାପସନ୍ଦ କଲେ କାହିଁକି ? ଏହି ଗୋଟିଏ ପ୍ରଶ୍ନ ସବୁବେଳେ ତା' ମନକୁ ଆନ୍ଦୋଳିତ କରୁଥାଏ । ବାରମ୍ବାର ପ୍ରତ୍ୟାଖ୍ୟାନ ଶୁଣି ଶୁଣି ସେ ଦେଖିଥିବା ସୁନେଲି ସ୍ୱପ୍ନ ସବୁ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଗଲା । ବିବାହ ପୂର୍ବରୁ ଏହି ସାମାଜିକ ପ୍ରଥା ପ୍ରତି ତା'ମନରେ ବିଦ୍ରୋହ ଉଠିବାକୁ ଲାଗିଲା । ତା' ଅନ୍ତର୍ମନ ଚିତ୍କାର କରିବାକୁ ଲାଗିଲା । ତେଣୁ ସେ ମନେ ମନେ ନିଜ ଗୋଡ଼ରେ ଠିଆ ହେବାର ଦୃଢ଼ ସିଦ୍ଧାନ୍ତ ନେଲା । ସେ ଜୀବନରେ କେବେ ବି ବିବାହ କରିବ ନାହିଁ ସଂକଳ୍ପ ନେଲା । ସେ ନିଜ ସିଦ୍ଧାନ୍ତ ବିଷୟରେ ତା ବାପାମା'ଙ୍କୁ ଯାଇ କହିଲା । ସେ ତା ବାପା ମାଆଙ୍କୁ ଯାଇ କହିଲା, ସେ ଆଗକୁ ଆହୁରି ପଢ଼ିବାକୁ ଚାହୁଁଛି, ଆଉ ସେ କେବେ ବି ବିବାହ କରିବ ନାହିଁ । ଘରେ ବାପା ମା, ଭାଇ ବନ୍ଧୁ ଯେତେ ବୁଝେଇଲେ ମଧ୍ୟ ସେ ତା ଜିଦରେ ଅଟଳ ରହିଲା । ତେଣୁ ବାଧ୍ୟହୋଇ ବାପା ତା'ର ବି ଏଡ୍‌ରେ ନାମ ଲେଖାଇ ଦେଇଥିଲେ । ବି ଏଡ୍ ପ୍ରଶିକ୍ଷଣ ସରିବାପରେ ସେ ଗୋଟିଏ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବରେ ଚାକିରୀଟେ ପାଇଗଲା ।

ସୁଲେଖାର ଆଜି ପର୍ଯ୍ୟନ୍ତ ଯେଉଁମାନେ ତାକୁ ଦେଖିବାକୁ ଆସିଥିଲେ, ତାଙ୍କ ସହିତ ହୋଇଥିବା ସାକ୍ଷାତକାରର ପ୍ରତ୍ୟେକ କଥା ମନେ ଅଛି । ସେ ସେମାନଙ୍କ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେବା ସତ୍ତ୍ୱେ ସେମାନେ ସମସ୍ତେ ତାକୁ ନାପସନ୍ଦ କରିଥିଲେ । ସମସ୍ତଙ୍କର ମନା କରିବାର ଗୋଟିଏ ବାହାନା, "ଝିଅ ଆମର ପସନ୍ଦ ନୁହେଁ ।" ବାରମ୍ବାର ପ୍ରତ୍ୟାଖ୍ୟାନ ତା'ର ମନୋବଳକୁ ଭାଙ୍ଗି ଦେଇଥିଲା । ତଥାପି ସେ ନିଜ ମନକୁ ଦୃଢ଼ କରି ଆଜି ସମ୍ମାନର ସହ ବଞ୍ଚିଛି । ଯେତେ ବରପିତା କିମ୍ବା ଅନ୍ୟ ଗୁରୁଜନ ଆସିଥିଲେ ସେମାନଙ୍କର ପ୍ରଶ୍ନ ପ୍ରାୟତ୍ଵ ଏକାପରି;

- ତୁମ ନାଁ କଣ ?

- କେଉଁ ଯାଏଁ ପାଠ ପଢ଼ିଛ ?

- ଆଗକୁ ଆଉ ପଢ଼ିବାର ଇଚ୍ଛା ଅଛି କି ନାହିଁ ?

- ତୁମେ ଘରକରଣା ଜାଣିଛ ?

- ତୁମର ରୁଚି କଣ ? ଇତ୍ୟାଦି ।

ସୁଲେଖା ସୁନା ଝିଅଟି ପରି ସବୁ ପ୍ରଶ୍ନର ଉତ୍ତର ଦେଇଛି । ତା'ର ଉତ୍ତରରେ ବରପିତା ଓ ଅନ୍ୟମାନେ ସନ୍ତୁଷ୍ଟ ହୋଇଛନ୍ତି, ତା' ପରେ ବରପାତ୍ରର ପାଳି ।

ପ୍ରଥମ ପ୍ରାର୍ଥୀ - ତୁମେ ସ୍ପଷ୍ଟବାଦୀ । ରକ୍ଷଣଶୀଳ ପରିବାରରେ ଏହା ଆଦୌ ଗ୍ରହଣଯୋଗ୍ୟ ନୁହେଁ ।

ସୁଲେଖା - ମୁଁ ମିଛ କିମ୍ବା ବୁଲେଇ ବଙ୍କେଇ କଥା କହିବାକୁ କିମ୍ବା ଶୁଣିବାକୁ ଜମା ପସନ୍ଦ କରେ ନାହିଁ ।

ଦ୍ୱିତୀୟ ପ୍ରାର୍ଥୀ - ତୁମକୁ ଗୀତ ଆସେ ? ତୁମେ ଗୋଟିଏ ଗୀତ ଗାଇପାରିବ ?

ସୁଲେଖା - ହଁ ।

ଦ୍ୱିତୀୟ ପ୍ରାର୍ଥୀ - ତା'ହେଲେ ଗୋଟିଏ ଗୀତ ଗାଇ ଶୁଣେଇ ପାରିବ କି ?

ସୁଲେଖା - ଗୀତ ଗାଇବା ପାଇଁ ଉପଯୁକ୍ତ ପରିବେଶ ଦରକାର । ସୁତରାଂ ଏବେ ଗୀତ ଗାଇବା ସମ୍ଭବ ନୁହେଁ ।

ଦ୍ୱିତୀୟ ପ୍ରାର୍ଥୀ - ତମେ ଖବର କାଗଜ ପଢ଼ ?

ସୁଲେଖା - ହଁ ।

ତୃତୀୟ ପ୍ରାର୍ଥୀ - ତୁମେ କ'ଣ କବିତା, ଗଳ୍ପ, ଉପନ୍ୟାସ ଇତ୍ୟାଦି ଲେଖାଲେଖି କର ?

ସୁଲେଖା - ନା ।

ତୃତୀୟ ପ୍ରାର୍ଥୀ - ତେବେ ତୁମ ନାଁ ସୁଲେଖା କାହିଁକି ଦିଆଯାଇଛି ?

ସୁଲେଖା - ମୁଁ ଜାଣେ ନାହିଁ । କାରଣ ନାଁ ଟା ପରିଚୟ ପାଇଁ ଏକ ସାଙ୍କେତିକ ଚିହ୍ନ । ମୋ ନାଁ କାହିଁକି ସୁଲେଖା ହେଲା ସେ ବିଷୟରେ ଆପଣ ମୋ ବାପାମା'ଙ୍କୁ ପଚାରିପାରିବେ । କାରଣ ମୋର ନାମକରଣ ସେମାନେ କରିଥିଲେ ।

ଚତୁର୍ଥ ପ୍ରାର୍ଥୀ - ଆମ ଗାଁରେ ମାଟି କାନ୍ଥ ଘାସଘର । ତୁମେ ସେଠାରେ ଚଳିପାରିବ ତ ?

ସୁଲେଖା - ଆପଣ ଯଦ ଚଳ ପାରୁଛନ୍ତ, ମୁଁ କାହିଁକ ଚଳପାରବ ନାହିଁ ?

ଚତୁର୍ଥ ପ୍ରାର୍ଥୀ - ନା, ସେ କଥା ନୁହେଁ । ଗାଁରେ ଘରଦ୍ୱାର ଲପାପୋଚ୍ଛ କରବାକୁ ପଡ଼ିବ । ଘର, ଦାଣ୍ଡ ଅଗଣା ଓଳେଇବାକୁ ହେବ । ଗାଇଗୁହାଳ ମଧ ସଫା କରବାକୁ ପଡ଼ିବ ।

ସୁଲେଖା - ଆପଣ ମୋତେ ନଜର ସ୍ତ୍ରୀ କର ନେବାକୁ ଚାହାନ୍ତ ନା ଚାକରାଣୀ କରବାକୁ ଚାହାନ୍ତ ।

ପଞ୍ଚମ ପ୍ରାର୍ଥୀ - (ସୁଲେଖାକୁ ସାଧାସିଧା ପୋଷାକରେ ଦେଖି) ଆମେ ଆସିବୁ ବୋଲ ଆଗରୁ ଖବର ଦେଇଥିଲୁ । ତଥାପି ତୁମେ ସାଧାରଣ ପୋଷାକ ପରଧାନ କରଛ ?

ସୁଲେଖା - ମୁଁ ଆବଶ୍ୟକତାଠାରୁ ଅଧିକ ଆଡ଼ମ୍ବରକୁ ପସନ୍ଦ କରେନାହିଁ ।

ଆପଣଙ୍କ ପୂର୍ବରୁ ଚାରଜଣ ମୋତେ ନାପସନ୍ଦ କରଯାଇଛନ୍ତ । ଆପଣ ମୋତେ ପସନ୍ଦ କରବେ ନା ନାହିଁ ମୁଁ ଜାଣେନାହିଁ ।

ତା' ପରର ଘଟଣା ସହତ ସୁଲେଖା ଅତ ପରଚତ । ଯେଉଁମାନେ ତାକୁ ଦେଖିବାକୁ ଆସିଥିଲେ ସେମାନେ ସମସ୍ତେ ତା ଗୁଣ ଅପେକ୍ଷା ତା ରୂପକୁ ପ୍ରାଧାନ୍ୟ ଦେଇ ତାକୁ ନାପସନ୍ଦ କରଥିଲେ । ତା'ର ଶ୍ୟାମଳବର୍ଣ୍ଣ ଆଗରେ ତା ଗୁଣ ଫିକା ପଡ଼ିଗଲା । ଆଜକାଲର ବବାହ ବଜାରରେ ବରପ୍ରାର୍ଥୀଙ୍କର ତୋଫା ଗୋରି ଝିଅ ଦରକାର । ଗୋରି ରଙ୍ଗ ଆଗରେ ଶିକ୍ଷା ଓ ଗୁଣର କଛ ମହତ୍ତ୍ୱ ନାହିଁ । ତା'ଛଡ଼ା ଯୌତୁକର ଲୋଭ । ଯୌତୁକ ବଷୟରେ ଖୋଲ କହବାକୁ ବରପିତାଙ୍କର ସାହାସ ନାହିଁ । କନ୍ୟାପକ୍ଷଙ୍କ ମୁହଁରୁ ଶୁଣି ସାରବା ପରେ ମୂଲଚାଲ କରନ୍ତ ।

ବଗତ ଦଶବର୍ଷ ଭତରେ ସେ ତା'ର ଶିକ୍ଷୟିତ୍ରୀ ଜୀବନରେ ଅନେକ ଝଡ଼ଝଞ୍ଜାର ସାମନା କରଛ । ଏହା ଭତରେ ତା' ବାପା ମା' ଆରପାରକୁ ଚାଲଗଲେଣି । ଭାଇଭାଉଜ ତାଙ୍କ ସଂସାରରେ ବ୍ୟସ୍ତ । ସୁଲେଖା ଯେଉଁ ବାଳକା ଉଚ୍ଚବଦ୍ୟାଳୟରେ ଚାକରୀ କରେ, ସେଇଠି ଏବେ ସେ ଛାତ୍ରୀଆବାସର ମୁଖ୍ୟା । ଛାତ୍ରୀ ମାନଙ୍କ ସହତ ତା'ର ସମୟ ବହୁତ ଭଲରେ ବତଯାଏ । ଆଜ ବଦ୍ୟାଳୟର ବାର୍ଷିକ ଉତ୍ସବରେ ସୁକୁମାର ପଟ୍ଟନାୟକଙ୍କୁ (ଯିଏ ତାକୁ ପ୍ରଥମେ ଦେଖିବାକୁ ଆସିଥିଲେ) ଦେଖି ସୁଲେଖା ନଜ ଅତୀତକୁ ଫେର ଯାଇଥିଲା । ଆଜ ସୁଲେଖାକୁ

ବହୁତ ହସ ମାଡୁଥିଲା । ତା'ର ଆଜ ଏତେ ଦିନପରେ ମନଖୋଲି ହସିବାକୁ ଇଚ୍ଛା ହେଉଥିଲା । କାରଣ ଶ୍ରୀ ପଟ୍ଟନାୟକ ତାଙ୍କ ଭାଷଣ ପ୍ରସଙ୍ଗରେ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ, "ଜୀବନରେ ତୁମେମାନେ ସ୍ପଷ୍ଟବାଦୀ ହେବା ଉଚିତ ।" ସୁଲେଖା ସ୍ପଷ୍ଟବାଦୀ ଥିଲା ବୋଲି ତାକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ । ସତରେ, କେତେ ବିଚିତ୍ର ଏ ମଣିଷ । ସୁଲେଖା ଅନ୍ୟ ବରପାତ୍ରମାନଙ୍କର ମଧ ଖବର ରଖିଛି ।

ଦ୍ୱିତୀୟ ପାତ୍ର ଯିଏ ଗୀତ ଗାଇବାକୁ କହିଥିଲେ ସେ ଯୌତୁକ ଲୋଭରେ ଗୋଟିଏ ଖଣ୍ଡ ଝିଅକୁ ବାହା ହୋଇଛନ୍ତି । ଯୌତୁକରେ ସେ ଗୋଟିଏ କାର୍ ଉପହାର ସ୍ୱରୂପ ପାଇଛନ୍ତି । ତୃତୀୟ ବରପାତ୍ର ଯିଏ ସୁଲେଖାର ନାମକୁ ନେଇ ଆକ୍ଷେପ କରିଥିଲେ, ସେ ସୁଲୋଚନା ନାମ୍ନୀ ଝିଅକୁ ବାହା ହୋଇଛନ୍ତି । ଏ ନାଁଟା ତାଙ୍କର ନିଶ୍ଚୟ ପସନ୍ଦ ହୋଇଥିବ । ଚତୁର୍ଥ ବରପାତ୍ର ଯିଏ ଚାହୁଁଥିଲେ ବାହାଘର ପରେ ସୁଲେଖା ଗୁହାଳ ସଫା କରିଥାନ୍ତା, ମାଟିକାନ୍ଥ ଲିପିଥାନ୍ତା, ତାଙ୍କ ସ୍ତ୍ରୀ ଅଷ୍ଟମଙ୍ଗଳା ପରଠୁଁ ନିଜ ବାପଘରେ । ଶାଶୁଘରେ ପାଦଦେବାର ନାଁ ଧରୁନାହାନ୍ତି । ଆଉ ଗୁହାଳ ପୋଛିବା ତ ଦୂରର କଥା । ପଞ୍ଚମ ବରପାତ୍ର ଯିଏ ତାର ସାଧାସିଧା ପୋଷାକକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ, ସେ ଯାହାକୁ ବାହା ହୋଇଛନ୍ତି ସେ ଝିଅଟି ରଙ୍ଗରେ ସିନା ଗୋରି ହେଲେ ପୋଷାକ ପତ୍ର ପ୍ରତି ତାର କୌଣସି ରୁଚି ନାହିଁ ।

ସୁଲେଖା ଆଜ ଅତୀତକୁ ମନେ ପକାଇ ବସି ବସି ଭାବୁଛି । ସତରେ କି ବିଚିତ୍ର ଏ ଦୁନିଆ । କୃଷ୍ଣସାର ମୃଗ ଯେପରି ନିଜ କସ୍ତୁରୀ ବିଷୟରେ ଅଜ୍ଞ, ସେହିପରି ଆଜିର ଦୁନିଆରେ ସମସ୍ତେ ଗୁଣର କସ୍ତୁରୀକୁ ଭୁଲି ରୂପର କସ୍ତୁରୀ ପଛରେ । ଏଠି ସମସ୍ତେ ରୂପର ପସରା ପଛରେ ଅନ୍ଧଭଳି ଧାଉଁଛନ୍ତି । ଗୁଣର ମହତ୍ତ୍ୱ ରୂପର ପସରା ପଛରେ ଅନ୍ଧଭଳି ଧାଉଁଛନ୍ତି । ଗୁଣର ମହତ୍ତ୍ୱ ରୂପ ଆଉ ଅର୍ଥ ଆଗରେ ମୂଲ୍ୟହୀନ । ଏଠି ଯିଏ ଯାହା ଚାହେଁ ତାହା ସେ ପାଏ ନାହିଁ । ଆଉ ଯିଏ ଯାହା ପାଏ, ତାହା ସବୁବେଳେ ରୁଚିକର ହେବ ବୋଲି କହିହେବନାହିଁ ।

ଭୋଇନଗର, ଭୁବନେଶ୍ୱର ଦୂରଭାଷ - ୯୦୯୦୪୫୯୭୪୫

# ଡି.ଏନ୍.ରାଓ ଆଉ ନାହାନ୍ତି



ମୀନକେତନ ପଟ୍ଟନାୟକ

ଗତ କିଛି ମାସ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ କରି ଚାରି ଚାରୋଟି କିମ୍ବଦନ୍ତୀ ଚିତ୍ରକରଙ୍କୁ ହରେଇଛି ଓଡ଼ିଶାର ଶିଳ୍ପୀକୂଳ । ହରିଶ୍ଚନ୍ଦ୍ର ସିହ୍ନାବାବୁ (ଯାହାଙ୍କୁ କଲିକତାରେ କଳା ଶିକ୍ଷା ବେଳେ ପ୍ରତିକୃତି ଚିତ୍ରଣରେ ପ୍ରବଳ ଦକ୍ଷତା ଯୋଗୁଁ ସେଠାକାର ଜଣେ ଶିକ୍ଷକ ତାଙ୍କୁ "ପ୍ରାଚ୍ୟର ରାଫେଲ୍" ବା ରାଫେଲ୍ ଅଫ ଦ ଇଷ୍ଟ ବୋଲି ସମ୍ବୋଧନ କରୁଥିଲେ), ପରେ ଦେବରାଜ ସାହୁ (ଓଡ଼ିଶାର ସମୃଦ୍ଧ ଟେରିକୋଟା ପରମ୍ପରା ପ୍ରଚାର ଓ ପ୍ରସାରରେ ନିଜର ସାରାଜୀବନକୁ ଉତ୍ସର୍ଗ କରିଦେଇଥିଲେ ତଥା ନିଜର ପୋଡ଼ା ମାଟିର ଆଳଙ୍କାରିକ ଶିଳ୍ପ କଳା ପାଇଁ ଜାତୀୟ ସ୍ତରରେ ବେଶ୍ ସୁନାମ ପାଇଥିଲେ), ତା'ପରେ ଦିନନାଥ ପାଠୀ (ଏ ଅଂଚଳର କଳାଭ୍ୟାସରେ ଓଡ଼ିଆ ଅସ୍ମିତାକୁ ଗୁଣି ଓ ବଖାଣି ପରିବେଷଣ କରିଯାଇଛନ୍ତି ଅନେକ ଉପାଦେୟ ପୁସ୍ତକ ଆକାରରେ) ଏବଂ ଏବେ ରାଓ ସାର୍ ମାନେ ଦେବକୂଳ ନାରାୟଣ ରାଓ ବା ସଂକ୍ଷେପରେ ଡ଼ି. ଏନ୍. ରାଓ ଆମ ଗହଣରେ ଆଉ ନାହାନ୍ତି ।



ରାଓଙ୍କ ଜୀବନ ଯାତ୍ରା ଗଞ୍ଜାମ ଜିଲ୍ଲାର ଏକ ଛୋଟ ସହର

ଭଞ୍ଜନଗରରୁ ଆରମ୍ଭ ହୁଏ । ବାଲ୍ୟାବସ୍ଥାରେ କଳାପ୍ରତି ଥିବା ଆଗ୍ରହ ତାଙ୍କୁ କିଶୋରାବସ୍ଥାରେ ଖଲ୍ଲିକୋଟ ସ୍ଥିତ ସରକାରୀ କଳା ମହାବିଦ୍ୟାଳୟରେ ପହଞ୍ଚାଇଥିଲା କଳାଶିକ୍ଷା ଗ୍ରହଣ ପାଇଁ । ସେଠାରୁ ମୁଦ୍ରଣ କଳାର ଶିକ୍ଷା ଗ୍ରହଣ କରି ଭୁବନେଶ୍ୱରରେ ପହଞ୍ଚିଥିଲେ ଜୀବନ ଜୀବିକାର ସନ୍ଧାନରେ । ସେହି ସମୟରେ କିଛି ମାସ ପାଇଁ ବିଶିଷ୍ଟ ଶିଳ୍ପୀ ଗୋକୁଳ ବିହାରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ ଚିତ୍ର ଆଙ୍କିବାକୁ ଲାଗିଲେ । ତାଙ୍କର ଚାକିରି ଜୀବନ ଆରମ୍ଭ ହୁଏ ବିଜେବି କଲେଜରେ ଯେଉଁଠି ସେ ଆର୍ଟିଷ୍ଟ - କମ୍ - ଫଟୋଗ୍ରାଫର ରୂପେ ଯୋଗ ଦେଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବି. କେ. ଚିତ୍ରରୁ ଓ କାରୁକଳା ମହାବିଦ୍ୟାଳୟରେ ମୁଦ୍ରଣ କଳା ବିଭାଗର ଅଧ୍ୟାପକ ଭାବେ ଯୋଗ ଦେଇଥିଲେ । ସେଠାରୁ ଆରମ୍ଭ ହେଲା ତାଙ୍କ ଶିଳ୍ପୀ ଜୀବନର ଜୟଯାତ୍ରା ।

ଅଶୀ ଦଶକର ପ୍ରାରମ୍ଭରେ ଓଡ଼ିଶାରେ ଲଳିତ କଳା ଓ ବ୍ୟବହାରିକ କଳାର ମୂଳ ମୌଳିକତାରେ ଅନେକ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ମାନ ଦେଖିବାକୁ ମିଳିଥିଲା । ସେ ସମୟରେ ବାବୁଲା ସେନାପତି ବମ୍ବେରୁ ଆସି ଭୁବନେଶ୍ୱର ଟଙ୍କପାଣି ରୋଡ଼ସ୍ଥିତ ନିଜ ବାସଭବନରେ ଏକ ଡିଜାଇନ ଷ୍ଟୁଡ଼ିଓର ସ୍ଥାପନା କରି ନିଜର ଆଧୁନିକ ପ୍ରୟୋଗକଳାର ବ୍ୟବହାରିକ ଅନୁଭୂତିକୁ ଓଡ଼ିଶାର ମନ୍ଦିର ସ୍ଥାପତ୍ୟ, ଚିତ୍ରକଳା ଓ କାରୁକଳାର ଚିତ୍ରିତ ଚରିତ୍ରକୁ ସେରିଗ୍ରାଫି ମାଧ୍ୟମରେ ମୁଦ୍ରିତ କରିବା ଆରମ୍ଭ କରିଥିଲେ । ବାବୁଲା ସେନାପତି ଭାରତୀୟ ବିମାନବାହିନୀର ଜଣେ ଅବସରପ୍ରାପ୍ତ ଅଧିକାରୀ ଥିଲେ ଓ ସେ ବମ୍ବେର ବିଶିଷ୍ଟ କଳା ବଣିକ ଶ୍ୟାମ ଆହୁଜାଙ୍କର ଦୁର୍ଲ୍ଲଭ କଳାକୃତି ତଥା କାରୁକୃତିର ରପ୍ତାନୀ ବ୍ୟବସାୟରେ ସହଯୋଗ କରୁଥିଲେ । ସେଠାରେ ବାବୁ୍ଲା ବିଭିନ୍ନ ପ୍ରକାରର ଫ୍ୟାସନ୍ ଆସେସୋରିଜ୍ ଯଥା ଚମଡ଼ା ନିର୍ମିତ ହ୍ୟାଟ୍, ବେଲ୍ଟ, ବ୍ୟାଗ, ପର୍ସ ଇତ୍ୟାଦି ଉପରେ ଡ଼ିଜେଲ ପ୍ରଲେପ ସହ ହଟ୍ ପ୍ରେସ୍ର ଛାପେଇ ମାଧ୍ୟମରେ ବିଭିନ୍ନ ଡ଼ିଜାଇନ୍

ଆଦି ଅଳଙ୍କରଣ ଚିତ୍ରମାନ ଅନ୍ତଃଖୋଦିତ ଓ ଉଦ୍ଧ୍ୱର୍ଖୋଦିତ କରି ପ୍ରସ୍ତୁତ କରୁଥିଲେ । ଭୁବନେଶ୍ୱରକୁ ଫେରିଲା ପରେ ଓଡ଼ିଶାର ବିଭିନ୍ନ ଅଂଚଳର ମନ୍ଦିର ସ୍ଥାପତ୍ୟ କଳା, ମନ୍ଦିର କାନ୍ଥର ମୂର୍ତ୍ତି କଳା, ପିପିଲିର ଗ୍ୟାନ୍ଦୁଆ, ରଘୁରାଜପୁରର ଓଡ଼ିଶୀ ପଟ୍ଟଚିତ୍ର, ଢ଼ୋକରା ମୂର୍ତ୍ତି, ତନ୍ତକଳା, ପୋଡାମାଟିର ଟେରାକୋଟା, ମାଣବସା ଝୋଟି, ଆଦିବାସୀ ଇଡ଼ିତାଲର ଚିତ୍ର, ସଉରା ଚିତ୍ରକଳା ଆଦି ଅନେକ ପ୍ରକାରର ଶିଳ୍ପକଳା ସମ୍ଭାରକୁ ସେରିଗ୍ରାଫି ମାଧ୍ୟମରେ ମୁଦ୍ରିତ କରି କିଛି କର୍ପୋରେଟ ସଂସ୍ଥାର ବିଭିନ୍ନ ପ୍ରକାରର ଡ଼ିଜାଇନ୍ ଆବଶ୍ୟକତାକୁ ସଫଳତାର ସହିତ ପୂରଣ କରିପାରିଥିଲେ । ସେରିଗ୍ରାଫି ମାଧ୍ୟମରେ ଏପରି ବ୍ୟାପକ ସମ୍ଭାବନା ଥିବା ଦେଖିବା ପରେ ରାଓ ସାରଙ୍କ ମନରେ ଏହି ମୁଦ୍ରଣ ମାଧ୍ୟମ ପ୍ରତି ଆସକ୍ତି ବଢ଼ିବାରେ ଲାଗିଲା । ତେଣୁ ଏହାର କୌତୁହଳାତ୍ମକ ପ୍ରଭାବ ହେଉ କିମ୍ବା ନିଜର ପ୍ରବଳ ଇଚ୍ଛାଶକ୍ତି ଯୋଗୁଁ ହେଉ, ସେ ଶାନ୍ତିନିକେତନରୁ ସେରିଗ୍ରାଫିର ମୌଳିକ ପ୍ରୟୋଗ ବିଦ୍ୟା ସମ୍ବନ୍ଧୀୟ କିଛି ବହି ଦିନନାଥ ପାଠୀଙ୍କ ସହଯୋଗରେ ସଂଗ୍ରହ କରି ତାହା ଆଧାରରେ ବି. କେ. ଆର୍ଟ କଲେଜର ମୁଦ୍ରଣ କଳା ବିଭାଗରେ ଏକ ତାଲିମ ଶିବିରର ଆୟୋଜନ କରିଥିଲେ । ଏହି ଶିବିର ପରିଦର୍ଶନ କରିବାକୁ ବାବ୍ଲା ସେନାପତି ବିଶେଷ ଭାବେ ଆମନ୍ତ୍ରିତ ହୋଇ ଆସିଥାନ୍ତି । ଶିବିରରେ କାର୍ଯ୍ୟରତ ବିଭାଗୀୟ ଅଧ୍ୟାପକ ଡ଼ି. ଏନ୍. ରାଓ ତଥା ତାଙ୍କର ସହ ମିଶି ସେରିଗ୍ରାଫ ପ୍ରିଣ୍ଟ କରୁଥିବା ଛାତ୍ରଛାତ୍ରୀଙ୍କ ଉତ୍ସାହକୁ ଓ କାର୍ଯ୍ୟଶୈଳୀକୁ ବାବ୍ଲା ଚୁପ୍‌ଚାପ୍ ନିରୀକ୍ଷଣ କରୁଥିଲେ । ମୁଦ୍ରଣ ଶିବିର ସରିଲା ପରେ ରାଓ ଓ ବାବ୍ଲା ଦୁହେଁ ବସି ମୁଦ୍ରଣ ଗୁଡ଼ିକ ଅନୁଧ୍ୟାନ କରି ସେଗୁଡ଼ିକର କଳାତ୍ମକ ଦିଗ ବିଷୟରେ ମତର ଆଦାନପ୍ରଦାନ କଲେ । ଏପରି ଭାବେ ବି. କେ. ଆର୍ଟ କଲେଜରେ ମୁଦ୍ରଣ ବିଭାଗରେ ପତ୍ରିକା "ମୁଦ୍ରା" ର ପ୍ରଚଳନ ଘଟିଥିଲା ଓ ସେବେଠାରୁ ସେରିଗ୍ରାଫି ମୁଦ୍ରଣ ଶୈଳୀକୁ ଆର୍ଟ କଲେଜର ପାଠ୍ୟକ୍ରମରେ ସାମିଲ କରାଯାଇଥିଲା ।

ଗ୍ଓ ସାର୍ ଜଣେ ଭଲ ଫଟୋଗ୍ରାଫର ମଧ ଥିଲେ । ଡଃ ଦନନାଥ ପାଠୀଙ୍କ ଓଡ଼ିଶାର ଆଦବାସୀ ଚତ୍ରକଳା ସମ୍ବନ୍ଧୀୟ ଅନେକ ଗବେଷଣାତ୍ମକ କାର୍ଯ୍ୟକ୍ରମରେ ସେ ଫଟୋଗ୍ରାଫର ଭାବେ ବଭନ୍ନ ଆଦବାସୀ ଅଂଚଳକୁ ଭ୍ରମଣ କରଥିଲେ । ସେହ କ୍ରମରେ ଗ୍ଓ ସାର ସଉର୍ ଆଦବାସୀ ପ୍ରଜାତଙ୍କ ସାମାଜକ ଚଳଣୀ, ପୂଜାପାର୍ବଣ ତଥା ଚତ୍ରସତ୍ତାର ସଂପର୍କରେ ଆସିଥିଲେ ଯାହା ତାଙ୍କ ମନକୁ ଛୁଇଁଥିଲ୍ ଓ ଚର ଦନ ପାଇଁ ଲପିବଦ୍ଧ ହୋଇ ରହ ଯାଇଥିଲ୍ । ସଉର୍ ଆଦବାସୀଙ୍କ ପରଷ୍କାର ପରଛନ୍ନତା, ରୂପ ପରକଳ୍ପନା, ଚତ୍ରମନସ୍କତା ଓ କଳାସଂପୃକ୍ତି ଦ୍ୱାର୍ ସେ ବେଶ ପ୍ରଭ୍ବତ ହୋଇଥିଲେ, ଯାହା ଗ୍ଓଙ୍କର ନଜସ୍ୱ କଳାକୃତୀକୁ ଦୃଶ୍ୟଗତ ଭ୍ବେ ପ୍ରଭ୍ବତ କରଥିଲ୍ । ସେ ଜଣେ ପ୍ରିଣ୍ଟ ମେକର ଓ ପେଣ୍ଟର ଭ୍ବେ ୧୯୭୩ ମସିହାରୁ ଅଧିକ କ୍ରୟାଶୀଳ ଥିଲେ । ସମାଲୋଚନାତ୍ମକ ବଶ୍ଳେଷଣ ଦଗରୁ ଦେଖିଲେ ତାଙ୍କର ଗ୍ୱର ପାଞ୍ଚଟି ଛବ ବେଶ୍ କୌତୁହଳଜନକ ଲ୍ଗେ । ଗୋଟିଏ ଛବରେ ଦଗ୍ଧ ପିଙ୍ଗଳ, ଧୂମିଳ ଧୂସର ଓ ଇସତ୍ ବାଦମୀ ପିତ ରଙ୍ଗର ବନ୍ୟାସରେ ପ୍ରସ୍ତୁତ ଆକ୍ରଲକ୍ ମାଧମର କାନଭ୍ସ୍ ଛବଟିରେ ତନୋଟି ସଉର୍ କଳାର ଚତ୍ରତ ପାହାଡ଼ ଛନ୍ଦାଛନ୍ଦ ହୋଇ ଅର୍ଦ୍ଧ ବୃତ୍ତାକାର ପରଧିର ପଶ୍ଚାଭ୍ଗ ଦ୍ୱାର୍ ବେଷ୍ଟିତ କର ଆଙ୍କିଛନ୍ତ । ଛବଟିର ମୂଳ ପୃଷ୍ଠ ଭୂମିରେ ଜ୍ୟାମିତକ ପାହାଡ଼ମାଳା ସହ ତାହାର ଗ୍ଛାୟା ପ୍ରତଧ୍ୱନତ୍ୱ ମାୟ୍ଚା ଅତୀବ ଚମକ୍ରାର ଅଟେ, ଲ୍ଗେ ସତେ ଯେପର ସଉର୍ ସମାଜର କୌଣସି ଏକ ଅଜଣା ଅକୁହା କାହାଣୀକୁ ଶିଳ୍ପୀ ଚତ୍ରରୂପ ଦେଇଛନ୍ତ । ଶିଳ୍ପୀଙ୍କର ଅଧିକାଂଶ ଛବର ଶୀର୍ଷକ "ସଉର୍ ମୋଟିଫ୍ସ" ହୋଇଥିଲେ ହେଁ ଗତ କଛବର୍ଷ ହେଲ୍ ନଜ ଜୀବନୀ ଉପରେ ପର୍ଯ୍ୟବେକ୍ଷିତ କଛ ବଷୟବସ୍ତୁକୁ ମଧ ସ୍ୱ-ଚତ୍ର ସର୍ଜନାରେ





ସ୍ଥାନ ଦେଇଥିଲେ, ଯେପରକ ତାଙ୍କ ସହଧର୍ମିଣୀଙ୍କ କନ୍ଥା ସିଲେଇ କରବା ଅଭ୍ୟାସକୁ ନେଇ ୧୨. ୧୨. ୨୦୧୧ ମସିହାରେ ଏକ ଛବ ଆଙ୍କିଥିଲେ । ସେଥିରେ ଶିଳ୍ପୀ କନ୍ଥା ସିଲେଇରେ ଚତ୍ରତ ପରବେଶଟିଏ ସୃଷ୍ଟି କର ତା'ଉପରେ ସ୍ୱପ୍ନିଳ ତଥା ସାଙ୍କେତକ ସୂକ୍ଷ୍ମ ଗଢଣର ମସୃଣତାକୁ ରୂପବନ୍ତ କରଥିଲେ । ଛବଟିର ସମ୍ମୁଖବର୍ତ୍ତୀ ନମ୍ନାଂଶରେ ନଜ ସହଧର୍ମିଣୀଙ୍କ କନ୍ଥା ସିଲେଇ କରବାର ଏକ ଛାୟା ଚତ୍ର ଆଙ୍କି ଯାଇଛନ୍ତି । ଗତ ସାର ବ. କେ. ଆର୍ଟ କଲେଜର ମୁଦ୍ରଣ କଳା ବଭାଗର ଅଧ୍ୟାପକ ଦାୟିତ୍ୱରୁ ମୁକ୍ତ ହୋଇ ଖଲ୍ଲିକୋଟସ୍ଥିତ ସରକାରୀ ଗୁରୁ ଓ କାରୁକଳା ମହାବଦ୍ୟାଳୟରେ ଅଧକ୍ଷ ଭାବେ ଯୋଗଦେବା ଅବସରରେ ୨୦୦୨ ମସିହାରେ ନଜ ଉପରେ ଆଧାରତ "ପ୍ରମୋଶନ" ନାମକ ଏକ ଛବ ଆଙ୍କିଥିଲେ, ଯେଉଁଥିରେ ସେ ନଜର ପାର୍ଶ୍ୱ ପ୍ରତକୃତ ସହ ହାତରେ ପାଣଆଁ ଧରଥିବା (ସେ ଚନ୍ଦାପଣର ଶିକାର ହୋଇଥିଲେ ମଧ୍ୟ) ଓ ତତ୍ ସହତ ନୂଆ ଦାୟିତ୍ୱର ମୁକୁଟ ଭାବେ ସର୍ପରୂପୀ ପଗଡ଼ିକୁ ନଜ ମୁଣ୍ଡ ଉପରେ ସ୍ଥାପନା କରାଯାଉଥିବା ଦର୍ଶାଇଛନ୍ତି ।



ଏହ ଛବଟିକୁ ଦେଖିଲା ବେଳେ ମୋର କୌତୁହଳକୁ ଜାଣିପାର ସେ କହଥିଲେ ଯେ, "ଏହ କଲେଜରେ ମୁଁ ଦନେ ଛାତ୍ର ଥିଲ । ମୋର ଅନେକ ଗୁରୁ ତଥା ଓଡ଼ିଶାର ବହୁ ବରେଣ୍ୟ ଶିଳ୍ପୀମାନେ ଅତୀତରେ ଏହ ଅଧକ୍ଷ ଆସନକୁ ଅଳଙ୍କୃତ କରଛନ୍ତି । ତେଣୁ ମୋତେ ଏହ ଆସନରେ ବସିବା ବେଳେ ଭାର ଭୟ ଲାଗୁଛ ।



ସେମାନେ ଛାଡ଼ି ଯାଇଥିବା ଗୁରୁଦାୟିତ୍ୱ ଗୁଡ଼ିକୁ ମୁଁ ସୁଚାରୁରୂପେ ତୁଲାଇ ପାରବିତ ?" ଛବିଟିରେ ମୋଟ ତିନୋଟି ରଙ୍ଗ ଯଥା; ଆରକ୍ତ ଆଭା, ସ୍ୱର୍ଣ୍ଣିଳ ପିତାଭସ ଓ କଜଳ କଳାର ସମନ୍ୱୟରେ ନିଜର ଅଧିକ୍ଷ ଦାୟିତ୍ୱକୁ ଚିତ୍ରିତ କରିଛନ୍ତି ଆମ ଗିଉ ସାର । ତାଙ୍କର ଚିତ୍ରକର ଜୀବନର ଶେଷ ପର୍ଯ୍ୟାୟର ଏକ ଗୁରୁତ୍ୱପୂର୍ଣ୍ଣ ଛବିଟି ହେଲା ଡ଼ିଜିଟାଲ ପ୍ରିଣ୍ଟ "ଉଇଦନ୍ ଆଣ୍ଡ ବିୟଣ୍ଡ" । ଏଥିରେ ଥିବା ଛବିର ବିଷୟବସ୍ତୁକୁ ସେ ଦୁଇ ଭାଗରେ ବିଭକ୍ତ କରିଛନ୍ତି । ପ୍ରଥମ ଭାଗରେ ନିଜର ଯୁବକ ବେଳର କଳାଧଳା ପ୍ରତିକୃତି ସ୍ଥାନିତ କରି ପଶ୍ଚା ଭାଗରେ ସେ ସମୟର ପ୍ରଣୟ, ବିରହ, ଶିକ୍ଷାଦୀକ୍ଷା, ଚିତ୍ରାଭ୍ୟାସ ଆଦିର ଝଲକ ଦେଇଥିବା ବେଳେ ଦ୍ୱିତୀୟ ଭାଗରେ ନିଜର ବୃଦ୍ଧ ବୟସର କଳାଧଳା ପ୍ରତିକୃତିର ଫଟୋ ସ୍ଥାନୀତ କରିଛନ୍ତି ଓ ଏହାର ପଛରେ ପୁରୁଣା ସ୍ମୃତିକୁ ବହୁ ସ୍ତରଯୁକ୍ତ କୋଲାଜ୍ ଆକାରରେ ଏକ ସଜ୍ଜିକରଣ ଗଢ଼ିଛନ୍ତି । ଏଥିରେ ସେ ରଖିଛନ୍ତି ତାଙ୍କର କର୍ମମୟ ଜୀବନର ଚିତ୍ର, ନିଜର ବନ୍ଧୁଙ୍କ ସହ ମିଳନ, ବିଚ୍ଛେଦର ବାର୍ତ୍ତା ଏବଂ ଆହୁରି ଅନେକ ଅକୁହା କଥା ଓ ବ୍ୟଥା । ଆର୍ଟିଷ୍ଟ ଆସୋସିଏସନ୍ ଅଫ୍ ଓଡ଼ିଶା ଦ୍ୱାରା ଆୟୋଜିତ "ଶ୍ରଦ୍ଧାଞ୍ଜଳି - ୨୦୧୫" କଳା ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିବା ଏହି ଛବିଟି ପ୍ରକୃତ ପକ୍ଷେ ଏକ ବିଦ୍ରୋହର ପରିପ୍ରକାଶ ଥିଲା । କାରଣ ଶିଳ୍ପୀ ନିଜର ଅତି ଆପଣାର ଜଣେ ବନ୍ଧୁଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ଉକ୍ତ ଛବିଟିକୁ ଆଙ୍କିଥିଲେ ।

ଡ଼ି.ଏନ୍ ଗିଓଙ୍କ ଚିତ୍ରକର ଜୀବନର ଶେଷଭାଗ ବିଶେଷ କରି ୧୯୯୫ରୁ ୨୦୧୦ ସମୟରେ ଅଙ୍କିତ ଛବିରେ ରୂପ ପରିକଳ୍ପନା ଓ ସଜ୍ଜିକରଣ ଦିଗକୁ ଧ୍ୟାନ ଦେଲେ ସେ ଛବିରେ ଅନେକ ଟେକ୍ସଚର୍ ବ୍ୟବହାର କରିଥିବା ଦେଖାଯାଏ । ଯାହା





ପ୍ରାୟତଃ ମଧ ଭରତୀୟ ଚତ୍ରକଳା ମଣ୍ଡଳର ଯଥା ଅମୂର୍ତ୍ତ କଳା ଆନ୍ଦୋଳନର ସେ ଜଣେ ମୂର୍ତ୍ତିବନ୍ତ ସମର୍ଥକ ଥବା ସୂଚୃଏ । ତାଙ୍କ ଛବରେ ୟୁସୁଫ, ଅପର୍ଣ୍ଣା ଅନଲ, ଓମ୍ ପ୍ରକାଶ ଖେର ଆଦଙ୍କର କଳାଭ୍ୟାସରେ ଦୃଷ୍ଟିଗୋଚର ହେଉଥିବା ଚତ୍ରସଜ୍ଜାର ପ୍ରଭାବ ସ୍ପଷ୍ଟ ବାର ହୋଇପଡ଼େ । ସେ ଅଂଶଗ୍ରହଣ କରଥିବା ପ୍ରମୁଖ ଚତ୍ର ପ୍ରଦର୍ଶନୀଗୁଡ଼ିକ ମଧ୍ୟରୁ ଭୋପାଳସ୍ଥିତ ଭାରତ ଭବନ ଠାରେ ଆୟୋଜତ ୧୯୯୧, ୧୯୯୫ ଓ ୨୦୦୬ରେ ଆୟୋଜତ ଆନ୍ତର୍ଜାତୀୟ ଦ୍ୱି-ବାର୍ଷିକ ମୁଦ୍ରଣ ପ୍ରଦର୍ଶନୀ ଗୁଡ଼ିକ ବେଶ ଗୁରୁତ୍ୱ ବହନ ଅଟେ । ଏହାଛଡ଼ା କେନ୍ଦ୍ର ଲଳତକଳା ଏକାଡ଼େମୀ ଦ୍ୱାର ଆୟୋଜତ ଦ୍ୱତୀୟ ଫଟୋଗ୍ରାଫି ପ୍ରଦର୍ଶନୀ ୧୯୯୬ ଓ ଆନ୍ତର୍ଜାତୀୟ ମୁଦ୍ରଣ କଳା ଶିବର ୧୯୯୧ ରେ ଭାଗନେଇ ସେ ଉଚ୍ଚ ପ୍ରଂଶସିତ ହୋଇଥିଲେ । ବେସରକାରୀ ସ୍ତରର କଳା ଶିବର ଯଥା; ଟାଟା ଷ୍ଟିଲ୍ର ଆର୍ଟ ଆଣ୍ଡ ଇଣ୍ଡଷ୍ଟ୍ରି ୨୦୧୧, କେରଳରେ ଆୟୋଜତ ଜାତୀୟ କଳା ଶିବର ୨୦୧୧ ଓ ଜାମ୍ମୁ ଜାତୀୟ କଳା ଶିବର ୨୦୧୧ରେ ମଧ ସଫଳତାର ସହ ଅଂଶ ଗ୍ରହଣ କରଥିଲେ । ତା'ଛଡ଼ା ଆନ୍ଧ୍ରପ୍ରଦେଶର ଚତ୍ରକଳା ପରଷଦ ପୁରସ୍କାର ୧୯୭୪ ରୁ ୧୯୯୦ ଯାଏଁ, ଓଡ଼ିଶା ରାଜ୍ୟ ଲଳତ କଳା ପୁରସ୍କାର ୧୯୯୩, ଅଲ୍ ଇଣ୍ଡିଆ ଫାଇନ୍ ଆର୍ଟ ଆଣ୍ଡ କ୍ରାଫ୍ଟସ୍ ସୋସାଇଟି ନୂଆଦଲ୍ଲୀ ପୁରସ୍କାର ୨୦୦୦ ଇତ୍ୟାଦ ଚତ୍ରଶିଳ୍ପୀ ରାଓଙ୍କର ସଫଳ ଶିଳ୍ପୀ ଜୀବନର ମାଇଲଖୁଣ୍ଟମାନ ଅଟେ ।

ଜୀବନର ଅନ୍ତିମ ପର୍ଯ୍ୟାୟରେ ସେ ଓଡ଼ିଶା ରାଜ୍ୟ ଲଳତ କଳା ଏକାଡ଼େମୀର ଉପ-ସଭାପତ ରୂପେ କାର୍ଯ୍ୟରତ ଥିଲେ । ତାଙ୍କର ମହାପ୍ରୟାଣ ଓଡ଼ିଶାର ଶିଳ୍ପୀକୂଳ




ପାଇଁ ଏକ ଦୁଃଖଦ ଅନୁଭୂତ ଅଟେ । ବଶେଷ କର ସେ ଜଡ଼ିତ ଥିବା ବଭିନ୍ନ ଅନୁଷ୍ଠାନ ଯଥା, ବ. କେ. ଆର୍ଟ କଲେଜ, ଖଲ୍ଲିକୋଟ ଆର୍ଟ କଲେଜ, ୱାର୍କିଙ୍ଗ୍ ଆର୍ଟିଷ୍ଟ ଆସୋସିଏସନ୍, ଆର୍ଟିଷ୍ଟ ଆସୋସିଏସନ୍ ଅଫ୍ ଓଡ଼ିଶା ଓ ଓଡ଼ିଶା ରାଜ୍ୟ ଲଳତ କଳା ଏକାଡ଼େମୀରେ ଶୋକର ପରବେଶ ସୃଷ୍ଟି ହୋଇଛ । ଓଡ଼ିଶାରେ ସେରଗ୍ରାଫି ମୁଦ୍ରଣ କଳାର ପ୍ରଚାର ଓ ପ୍ରସାରରେ ତାଙ୍କର ଅବଦାନ ତାଙ୍କୁ ସଦା ଅମର କର ରଖିଥିବ । ତାଙ୍କର ଅମର ଆତ୍ମାର ସଦଗତ ହେଉ ଏତକ ଭଗବାନଙ୍କ ଠାରେ ପ୍ରାର୍ଥନା ।



ମୀନକେତନ ପଟ୍ଟନାୟକ

ଅଧ୍ୟାପକ, ବ.କେ.ଆର୍ଟ କଲେଜ, ଭୁବନେଶ୍ୱର

ଇମେଲ୍ : 2016mlpattnaik@gmail.com

ଦୂରଭାଷ : ୯୮୭୧୨୫୫୩୮୩

# ଭୀମ୍ : ମୁଦ୍ରାବହୀନ କାରବାର



ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ

*ମୁଦ୍ରାବହୀନ ଅର୍ଥ ଦେଣନେଣ : ଭୀମ୍ ଆପ୍*

ବଗତ ଦୁଇମାସରେ ଦେଶରେ ଅନେକ ପରବର୍ତ୍ତନ ଆସିଛ । ୫୦୦ ଏବଂ ୧୦୦୦ ଟଙ୍କାର ପୁରୁଣା ମୁଦ୍ରା ଅଚଳ ହେବାପରେ ସରକାରୀ ସ୍ତରରେ କ୍ୟାସଲେସ୍ ଟ୍ରାନ୍‌ଜାକ୍ସନ୍ ବା ମୁଦ୍ରାବହୀନ ଅର୍ଥ ଦେଣନେଣ ଉପରେ ଅଧିକ ଗୁରୁତ୍ୱ ଦଆଯାଉଛ । ଏହ ପରପ୍ରେକ୍ଷୀରେ ସରକାରଙ୍କ ଦ୍ୱାରା ଏକ ମୋବାଇଲ୍ ଆପ୍ ଉପସ୍ଥାପନ କରାଯାଇଛ, ଯାହାର ନାଁ ଦଆଯାଇଛ ଭୀମ୍ । ଭାରତ୍ ଇଣ୍ଟରଫେସ୍ ଫର ମନ (BHIM) ନାମରେ ଏହ ଆପକୁ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୩୦ ଡିସେମ୍ବର ଦନ ଉନ୍ମୋଚନ କରବାପରେ ଭାରତରେ ସର୍ବାଧିକ ଡାଉନଲୋଡ୍ ହୋଇଥିବା ବଭନ୍ନ ସମ୍ବାଦପତ୍ରରୁ ଜାଣିବାକୁ ମିଳଛ ।

ଏହ ଆପ୍ ଅନ୍ୟାନ୍ୟ ସମସ୍ତ ଏକକୃତ୍ ଦେଣନେଣ୍ ପଟ୍ଟଳ (Unified Payment Interface) ସହ ତାଳ ଦେଇ କାମ କରବ ଏବଂ ଏଥିରେ ସର୍ବାଧିକ ବ୍ୟାଙ୍କ ପଞ୍ଜୀକୃତ ହୋଇଥିବା ହେତୁ ଏହା ସମସ୍ତଙ୍କୁ ସହଜରେ ସେବା ଯୋଗାଇ ଦେଇପାରବ ବୋଲ ଆଶା କରାଯାଉଛ । ଏହ ଆପ୍ ସରକାରଙ୍କ ରାଷ୍ଟ୍ରୀୟ ଦେଣନେଣ ସଂସ୍ଥା (National Payments Corporation of India [NCPI]) ଦ୍ୱାରା ପ୍ରସ୍ତୁତ କରାଯାଇଛ ।

BHIM
Bharat
Interface of
Money
OdiaGURU.com

ଗୁଗୁଲ୍ ପ୍ଲେ ଷ୍ଟୋରରେ ଏହ ଆପ୍ ସହଜରେ ଉପଲବ୍ଧ ଅଛ ।

ଏହ ଆପ୍‌କୁ ଡାଉନଲୋଡ୍ କରବାପାଇଁ ନିମ୍ନରେ ଦଆଯାଇଥିବା ଲିଙ୍କ୍ ଉପରେ ଆପଣ କ୍ଲିକ୍ କରପାରବେ ।

https://play.google.com/store/apps/details ?id=in.org.npci.upiapp




ଏହ ଆପ୍ ମାଧ୍ୟମରେ ଆପଣ ନିଜ ମୋବାଇଲ୍ ଦ୍ୱାର ଅର୍ଥ କାରବାର କରପାରବେ । ଆପଣଙ୍କ ମୋବାଇଲ୍ ହିଁ ଆପଣଙ୍କ ମନିପର୍ସ୍ ପର କାମ କରବ । ଆପଣଙ୍କ ମୋବାଇଲକୁ ନେଇ ଏକ ଭର୍ଚୁଆଲ୍ ପେମେଣ୍ଟ ଆଡ୍ରେସ୍ ପ୍ରସ୍ତୁତ କରଯିବ । ଯାହା ଆପଣଙ୍କ ବ୍ୟାଙ୍କ ଏକାଉଣ୍ଟ ସହ ସଂଯୋଗ ହୋଇଥିବ । ଏହ ଆପରେ ଆପଣଙ୍କ ପାଇଁ ଏକ ଆଇଡ଼ି ପ୍ରସ୍ତୁତ ହେବ ଯାହା ଆପଣଙ୍କ ମୋବାଇଲ୍ ନମ୍ବର ସଂଯୁକ୍ତ ହୋଇଥିବ । (Mobile Number@upi / preferred user id@upi) ।

*ଭୀମ୍ ଆପ୍‌ର ବଶେଷତ୍ୱ :*

୧. ଏହା ଯେକୌଣସି ବ୍ୟକ୍ତି ବ୍ୟବହାର କରପାରବେ, ଯାହାଙ୍କ ପାଖରେ ଏକ କାର୍ଯ୍ୟକ୍ଷମ ମୋବାଇଲ୍ ଫୋନ ଥିବ ଏବଂ ସେହ ମୋବାଇଲ୍ ନମ୍ବର ତାଙ୍କର ବ୍ୟାଙ୍କ ଖାତା ସହ ପଞ୍ଜୀକୃତ ହୋଇଥିବ ।

୨. ଏହ ଆପ୍ ଆପଣ ଗୁଗୁଲ୍ ପ୍ଲେ ଷ୍ଟୋରରୁ ନିଃଶୁଳ୍କ ଡାଉନ୍‌ଲୋଡ୍ କରପାରବେ ।

୩. ବର୍ତ୍ତମାନ ସୁଦ୍ଧା ଏହ ଆପ ୩,୦୦୦,୦୦୦ରୁ ଅଧିକ ଫୋନରେ ଡାଉନଲୋଡ୍ ହୋଇସାରଥିବା କଥା ଗୁଗୁଲ୍ ପ୍ଲେ ଷ୍ଟୋରରୁ ଜଣାପଡ଼ିଛି ।

୪. ଏହ ଆପ୍ ଆପଣଙ୍କ ମୋବାଇଲ୍ ଫୋନ୍ ନମ୍ବରକୁ ଆଧାରକର ସ୍ୱୟଂକ୍ରିୟ ଭାବରେ ଆପଣଙ୍କ ବ୍ୟାଙ୍କ ଖାତା ସହ ସଂଯୋଗ କରପାରେ । ଆପଣ ଯଦ ଏକାଧିକ ଏକାଉଣ୍ଟ ରଖିବାକୁ ଚାହାନ୍ତି, ତା ହେଲେ ମଧ୍ୟ ଆପଣ ତାହା ନିଜେ




କରିପାରିବେ ।

୫. ଏହି ଆପ୍‌ରେ ଅର୍ଥ ଦେଣ ନେଣ ଅତ୍ୟନ୍ତ ସହଜ ହୋଇପାରେ, ଯାହାକୁ ଟଙ୍କା ଦେବାକୁ ଚାହାନ୍ତି, ଯଦି ସେ ମଧ୍ୟ ଏହି ଆପ୍ ବ୍ୟବହାର କରୁଥାନ୍ତି, ତେବେ ତାଙ୍କର ମୋବାଇଲ୍ ନମ୍ବରରେ ଟଙ୍କା ପଠାଇଲେ ସେ ସହଜରେ ପାଇ ପାରିବେ ।

୬. ମୋବାଇଲ୍ ନମ୍ବର ବ୍ୟବହାର ନ କରି ମଧ୍ୟ ଆପଣ ଏକ ଅତି ସୁରକ୍ଷିତ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରି ମଧ୍ୟ ଅର୍ଥ ଦେଣନେଣ କରିପାରିବେ ।

୭. ଅତ୍ୟଧିକ ମୂଲ୍ୟବାନ ସ୍ମାର୍ଟ୍ ଫୋନ ନଥିଲେ କିମ୍ବା ଇଣ୍ଟରନେଟ୍ ନଥିଲେ ସୁଦ୍ଧା ଆପଣ ଏହି ଆପର ସୁବିଧା ପାଇପାରିବେ । ନିଜ ଫୋନରୁ *୨୨# ନମ୍ବରରେ ଡାଇଲ୍ କରି ଆପଣ ଅର୍ଥ ଦେଣନେଣ କରିପାରିବେ ।

୮. ଏହି ଆପ୍‌କୁ ପ୍ରଥମଥର ବ୍ୟବହାର କରିବାପାଇଁ ଏକ ସମୟ ପାସୱାର୍ଡ୍ (One time password / OTP) ଦେବାକୁ ପଡ଼ିବ । ଅଧିକାଂଶ ସ୍ମାର୍ଟ୍ ଫୋନରେ ଏହି ପ୍ରକ୍ରିୟା ସ୍ୱୟଂକ୍ରିୟ ଭାବରେ ହୋଇଯାଏ । ବେଳେ ବେଳେ ଏହା କରିବା ସମୟରେ ଆପ୍ ବନ୍ଦ ହୋଇଯାଉଥିବା କଥା ଅନେକ ଅଭିଯୋଗ କରିଛନ୍ତି ।

୯. ବେଳେ ବେଳେ ଏହି ଆପ୍ କୌଣସି ପ୍ରକାର ପ୍ରତିକ୍ରିୟା ଦିଏ ନାହିଁ, ଏବଂ ଏହା

ଅତ୍ୟନ୍ତ ବ୍ୟଥାକାରକ ହୋଇପାରେ । ସେତେବେଳେ ଆପଣ ଏହି ଆପ୍‌କୁ ମୋବାଇଲରୁ ଡିଲିଟ୍ କରି ପୁଣିଥରେ ଇନ୍‌ଷ୍ଟାଲ୍ କରିଲେ ଏହା ସଠିକ ଭାବେ କାମ କରିବ ।

୧୦. ଏହି ଆପ୍ ଦ୍ୱାରା ଆପଣ ଦୈନିକ ୨୦,୦୦୦ ଟଙ୍କାର ଦେଣନେଣ କରିପାରିବେ ଏବଂ ଥରକୁ କେବଳ ୧୦,୦୦୦ ଟଙ୍କା ସର୍ବାଧିକ ଦେଣନେଣ କରିପାରିବେ । ଏହାଠାରୁ ଅଧିକ ଦେଣନେଣ ପାଇଁ ଆପଣ ନିଜର ଡେବିଟ୍ ବା କ୍ରେଡ଼ିଟ୍ କାର୍ଡ୍ ବ୍ୟବହାର କରିପାରିବେ କିମ୍ବା ଚେକ୍ ଦ୍ୱାରା ମଧ୍ୟ କରିପାରିବେ ।

*ଭୀମ୍ ଆପ୍ ଡାଉନ୍‌ଲୋଡ୍ ଏବଂ ପ୍ରତିଷ୍ଠାପନ କରିବେ କେମିତି*




୧. ଗୁଗୁଲ୍ ପ୍ଲେ ଷ୍ଟୋର୍ ଯାଆନ୍ତୁ ଏବଂ BHIM APK ଲେଖି ସର୍ଚ୍ଚ କରନ୍ତୁ । ଆପଣ ଟପ୍ ଲିଷ୍ଟ ଦେଖନ୍ତୁ ସେଠାରେ ଏହା ଏକ୍ ନମ୍ବରରେ ରହିଥିବ ।

୨. ଇନ୍‌ଷ୍ଟାଲ୍ ବଟନ୍ କ୍ଲିକ୍ କରି ଆପ୍ ଡାଉନ୍‌ଲୋଡ୍ ଏବଂ ଇନ୍‌ଷ୍ଟାଲ୍ ହେବାଯାଏଁ ଅପେକ୍ଷା କରନ୍ତୁ ।

୩. ଇନ୍‌ଷ୍ଟାଲ୍ ହେବାପରେ ଭାଷାର ପସନ୍ଦ କରନ୍ତୁ । ଏହା ହିନ୍ଦୀ ଏବଂ ଇଂରେଜୀ ଭାଷାରେ ଉପଲବ୍ଧ । ଏହାପରେ ସ୍କ୍ରିନରେ ଆପ୍ ବିଷୟରେ କିଛି କିଛି ସୂଚନା ଦେଖାଯିବ ।

୪. ଏହାପରେ ନେକ୍ସଟ୍ ବଟନ୍ କ୍ଲକ୍ କଲେ ଆପ୍ ଆପଣଙ୍କ ମୋବାଇଲକୁ ପଞ୍ଜୀକୃତ କରିବାକୁ କହିବ । ସେଠାରେ LET'S GET STARTED କ୍ଲକ୍ କରନ୍ତୁ ।




୫. ବର୍ତ୍ତମାନ ଆପଣ ନଜ ମୋବାଇଲ୍ ସିମକୁ ଚୟନ କରନ୍ତୁ ଯାହା ଆପଣଙ୍କ ବ୍ୟାଙ୍କ୍ ଏକାଉଣ୍ଟ ସହ ପଞ୍ଜୀକୃତ ହୋଇଥିବ । VERIFY MOBILE NUMBERରେ ନଜେ ପସନ୍ଦର ସିମ୍ ଚୟନ କରନ୍ତୁ ।

୬. ମୋବାଇଲ୍ ନମ୍ବର ଆପେ ଆପେ ପ୍ରସ୍ତାବିତ (VERIFY) ହୋଇଯିବ ।

୭. ବର୍ତ୍ତମାନ ଏକ ଗ୍ରଅଙ୍କ ବଶିଷ୍ଟ ସଂଖ୍ୟା ଦେଇ ନଜ ଆପ୍ର ପାସକୋଡ୍ ଦଅନ୍ତୁ ।

୭. ସେହ ପାସକୋଡ଼ ପୁଣିଥରେ ଭର୍ତ୍ତି କର ନଶ୍ଚିତ କରନ୍ତୁ ।

୮. ଉପସ୍ଥାପିତ ବ୍ୟାଙ୍କ ତାଲକାରୁ ନଜ ବ୍ୟାଙ୍କକୁ ଚୟନ କରନ୍ତୁ ।

୯. ଯେଉଁ ବ୍ୟାଙ୍କ ଖାତାରେ ଆପଣ ଦେଣନେଣ କରିବାକୁ ଚ୍ହାନ୍ତ ତାହା ଚୟନ କରନ୍ତୁ ।




୧୦. ଏହାପରେ ସେହ ବ୍ୟାଙ୍କ ଦ୍ୱାର ପାଇଥିବା ଏଟିଏମ୍ ବା ଡେବଟ୍ କାର୍ଡ଼ର ଶେଷ ଛଅଟି ସଂଖ୍ୟା ଲେଖନ୍ତୁ ଏବଂ କାର୍ଡ଼ର ଭ୍ୟାଲଡ଼ିଟି ଲେଖନ୍ତୁ ।

ଆପଣ ସଫଳତାର ସହ ପଞ୍ଜିକୃତ ହୋଇଯିବାପରେ ଆପଣଙ୍କ ନଜ ମୋବାଇଲ ଦ୍ୱାର ଟଙ୍କା ପଠାଇ ପାରିବେ କମ୍ବା

ପାଇପାରବେ ।

## *ଭୀମ୍ ଆପ୍ ଦ୍ୱାର ଟଙ୍କା ଦେଣନେଣ କରବେ କେମିତ ?*




### *ଅନ୍ୟ ବ୍ୟାଙ୍କକୁ ଟଙ୍କା ପଠାଇବା:*

ଏହ ଆପ୍ ଦ୍ୱାର ଆପଣ ଦୁଇଟି ପ୍ରଣାଳୀରେ ଅର୍ଥ ଦେଣନେଣ କରପାରବେ । ଯଦ ଟଙ୍କା ପାଇବାକୁ ଥିବା ବ୍ୟକ୍ତି ଏହ ଆପ୍ ବ୍ୟବହାର କରୁଥାନ୍ତ ତେବେ ତାଙ୍କର ମୋବାଇଲ୍ ନମ୍ବରରେ ଆପଣ ଅର୍ଥ ପଠାଇ ପାରବେ । କମ୍ବା ଯଦ ସେ ଏହ ଆପ୍ ବ୍ୟବହାର କରୁନଥାନ୍ତ, ତେବେ ଆପଣ ପ୍ରାପକଙ୍କ ନାମ, ଖାତା ସଂଖ୍ୟା, ବ୍ୟାଙ୍କ IFSC CODE ଦେଇ ମଧ ଟଙ୍କା ପଠାଇ ପାରବେ ।

### *ଅନ୍ୟଠାରୁ ଟଙ୍କା ପାଇବା:*

ଆପଣ ନଜ ମୋବାଇଲ୍ ନମ୍ବରରେ ଟଙ୍କା ପଠାଇବାକୁ କହପାରବେ କମ୍ବା ଆପଣ ଏକ ସୁରକ୍ଷିତ କ୍ୟୁଆର୍ କୋଡ୍ ସୃଷ୍ଟି କର ପଠାଇବେ, ଯାହାକୁ ସ୍କାନ୍ କର ଆପଣଙ୍କୁ ଟଙ୍କା ପଠାଇହେବ ।

### *ସ୍କାନ୍ ଏବଂ ସେଣ୍ଡ କରବେ କେମିତ:*

ଭୀମ୍ ଆପ୍‌ରେ ଥିବା ବଶେଷ ବ୍ୟବସ୍ଥା ଦ୍ୱାର ଆପଣ ନଜେ ଏକ ଅତ ସୁରକ୍ଷିତ କ୍ୟୁଆର୍ କୋଡ୍ ସୃଷ୍ଟି କରପାରବେ ଏବଂ ଏହା ଦ୍ୱାର ଅର୍ଥ ଦେଣନେଣ କରପାରବେ ।




### *କେଉଁ ବ୍ୟାଙ୍କ ଭୀମ୍ ଆପ୍ ଦ୍ୱାର ଅର୍ଥ ଦେଣନେଣ କରବେ:*




ଆଲ୍ଲାବାଦ୍ ବ୍ୟାଙ୍କ, ଆନ୍ଧ୍ରବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, କ୍ୟାନାରା ବ୍ୟାଙ୍କ, କ୍ୟାଥୋଲିକ୍ ସିରଆନ୍ ବ୍ୟାଙ୍କ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଡିସିବ ବ୍ୟାଙ୍କ, ଦେନା ବ୍ୟାଙ୍କ, ଫେଡ଼େରାଲ୍ ବ୍ୟାଙ୍କ, ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଆଇଡ଼ିବଆଇ ବ୍ୟାଙ୍କ, ଆଇଡ଼ିଏଫ୍‌ସି ବ୍ୟାଙ୍କ, ଇଣ୍ଡିଆନ୍ ବ୍ୟାଙ୍କ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ, କର୍ଣ୍ଣାଟକ ବ୍ୟାଙ୍କ, କରୁର୍ ବୈଶ୍ୟ ବ୍ୟାଙ୍କ, କୋଟାକ୍ ମହନ୍ଦ୍ରା ବ୍ୟାଙ୍କ, ଓରଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ, ପଞ୍ଜାବ୍ ନ୍ୟାସନାଲ୍ ବ୍ୟାଙ୍କ, ଆର୍‌ବଏଲ୍ ବ୍ୟାଙ୍କ, ସାଉଥ ଇଣ୍ଡିଆନ୍ ବ୍ୟାଙ୍କ, ଷ୍ଟାଣ୍ଡାର୍ଡ଼ ଗ୍ଚାର୍ଟ୍ଡ଼ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ, ସିଣ୍ଡିକେଟ୍ ବ୍ୟାଙ୍କ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁନାଇଟେଡ୍ ବ୍ୟାଙ୍କ ଅଫ ଇଣ୍ଡିଆ, ବିଜୟା ବ୍ୟାଙ୍କ

ଆହୁରି ଅନେକ ବ୍ୟାଙ୍କ ଧିରେ ଧିରେ ଏହି ଆପ୍‌ରେ ସମ୍ମିଳୀତ ହେବେ ।

https://youtu.be/D9h66ZTBSuI

ଅଧିକ ଜାଣିବା ପାଇଁ ଏହି ଭିଡ଼ିଓ ଦେଖନ୍ତୁ ।

# ବିମୁଦ୍ରୀକରଣ ଓ ଭାରତ



ଅନାମ ଚରଣ ସାହୁ

### ମୁଦ୍ରା ବିମୁଦ୍ରୀକରଣ ଓ ଭାରତର ସାମ୍ପ୍ରତିକ ଅବସ୍ଥା

ନଭେମ୍ବର ମାସ ୮ ତାରିଖ ସଂନ୍ଧ୍ୟା ୮ଟା'ରେ ସମସ୍ତ ଜାତୀୟ ସ୍ତରର ଗଣମାଧ୍ୟମରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ଦାମୋଦାର ଭାଇ ମୋଦୀ ଜାତି ଉଦ୍ଦେଶ୍ୟରେ ଭାଷଣ ଦେବା, ସାରା ଭାରତବାସୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରି ଦେଇଥିଲା । କାରଣ ଏହି ଦିନଟି ସେମିତି କୌଣସି ଉଲ୍ଲେଖନୀୟ ଦିବସ ବା ଜାତୀୟ ଦିବସ ନଥିଲା । ସମସ୍ତଙ୍କ ମନରେ ଅନେକ ଉତ୍କଣ୍ଠା ଓ ଆଶଙ୍କା ଜାତ ହେବା ସ୍ୱାଭାବିକ । କାରଣ ଗତ କେଇଦିନ ମଧ୍ୟରେ ଭାରତର ସୈନ୍ୟ ବାହିନୀ ଦ୍ୱାରା ପାକ୍ ଅଧିକୃତ କାଶ୍ମୀରରେ ସର୍ଜିକାଲ୍ ଷ୍ଟ୍ରାଇକ୍ ପରେ ଭାରତ ଓ ଚିରଚରିତ ଶତ୍ରୁ ପାକିସ୍ଥାନ ମଧ୍ୟରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା । ଏହିପରି ପରିସ୍ଥିତିରେ ଏକ ସମ୍ଭାବ୍ୟ ଯୁଦ୍ଧର ଆହ୍ୱାନକୁ ଏଡ଼ାଇ ଦିଆଯାଇ ପାରେନା । କିନ୍ତୁ ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ, ଶ୍ରୀ ମୋଦୀ ଆମ ଦେଶକୁ କଳାଧନ ଓ ଦୁର୍ନୀତିରୁ ମୁକ୍ତ କରିବା ଉଦ୍ଦେଶ୍ୟ ନେଇ ଏକ ବିଶାଳ ପଦକ୍ଷେପ ନେବା ସ୍ୱରୂପ ୫୦୦ ଏବଂ ୧୦୦୦ ଟଙ୍କିଆ ଭାରତୀୟ ମୁଦ୍ରାକୁ ସରକାରୀ ଭାବରେ ଅଚଳ ବୋଲି ଘୋଷଣା କରିଦେଲେ । ଯାହାକୁ ଅର୍ଥନୀତିଜ୍ଞଙ୍କ ଭାଷାରେ ବିମୁଦ୍ରୀକରଣ ବୋଲି କୁହାଯାଏ ।

### ମୁଦ୍ରା ବିମୁଦ୍ରୀକରଣର ଉଦ୍ଦେଶ୍ୟ:

୧. କଳାଧନର ବିଲୁପ୍ତି ଘଟାଇବା

୨. ନଗଦ ଅର୍ଥବିହୀନ କାରବାରକୁ ପ୍ରୋତ୍ସାହନ ଦେବା

୩. ଆତଙ୍କବାଦକୁ ନିରୁତ୍ସାହିତ କରିବା

ନବବର୍ଷର ଶୁଭକାମନା ୨୦୧୭



## ମୁଦ୍ରା ବମୁଦ୍ରୀକରଣ କଣ ?

ମୁଦ୍ରା ଅର୍ଥନୀତର ବାହକ । ଆର୍ଥିକ ବଧିବ୍ୟବସ୍ଥା ମଧ୍ୟରେ ଏହା ପ୍ରଚଳତ ହେଲେ ଦେଶର ପ୍ରଗତ ଘଟେ । ମୁଦ୍ରା ଯେତେବେଳେ କଳାଧନରେ ପରଣତ ହୁଏ, ତାହା ଅର୍ଥନୀତପାଇଁ ବପତ୍ତିକୁ ସ୍ୱାଗତ କରେ । ଏହା ଏକ ସମାନ୍ତରାଳ ଅର୍ଥନୀତକୁ ଜାତକରେ । ସେ ଅସାଧୁ, ଶିଳ୍ପପତ, ବ୍ୟବସାୟୀ, ବ୍ୟକ୍ତି ବଶେଷ, ଆତଙ୍କବାଦୀ, ଅସାମାଜକ ତତ୍ତ୍ୱଙ୍କୁ ଗଣ୍ଠିଧନରେ ପରଣତ ହୁଏ । ଦେଶପାଇଁ ଏହା ଅହତକାରକ । ସେହ ସମୟରେ ଦେଶର ମଙ୍ଗଳପାଇଁ ବମୁଦ୍ରାୟନ ପର କଠିନ ଅଥଚ ଅତ୍ୟନ୍ତ ଜରୁରୀ ପଦକ୍ଷେପ ନେବାକୁ ପଡ଼େ । ଅଧିକାଂଶ ସରକାର ଏହ ପ୍ରକାରର ପଦକ୍ଷେପ ନେବାକୁ ସାହାସ କରନ୍ତ ନାହିଁ । ଯେତେବେଳେ କୌଣସି ଏକ ନର୍ଦ୍ଦିଷ୍ଟ ମୂଲ୍ୟର ମୁଦ୍ରାକୁ ସରକାରୀ ଭାବରେ ଅଚଳ କରଦଆଯାଏ, ତାହାକୁ ମୁଦ୍ରା ବମୁଦ୍ରୀକରଣ କୁହାଯାଏ ।

## ଭାରତରେ ମୁଦ୍ରା ବମୁଦ୍ରୀକରଣର ଆବଶ୍ୟକତା ?

ଭାରତ ବଶ୍ୱର ଏକ ବୃହତ୍ତ ଅର୍ଥନୀତ ଅଟେ । ଭାରତର ଅର୍ଥନୀତରେ ପ୍ରାୟ ୩୦ ଲକ୍ଷ କୋଟି ନଗଦ ଅର୍ଥ ଥିବାର ଆକଳନ କରାଯାଏ । ବଭିନ୍ନ ସୂତ୍ରରୁ ଏହ ଅର୍ଥନୀତରେ ପ୍ରଚୁର କଳାଧନ ଥିବାର ଆଶଙ୍କା କରାଯାଏ । ଏହ ଅର୍ଥନୀତ ବାହାରକୁ ହୃଷ୍ଟପୁଷ୍ଟ ଦେଖାଗଲେ ସୁଦ୍ଧା ଭବଷ୍ୟତରେ ଅର୍ଥନୀତକୁ ପଙ୍ଗୁ କରବାପାଇଁ କ୍ଷମତା ରଖେ । ସେଇଥି ପାଇଁ ଏହ ଗଚ୍ଛିତ ବା ସଞ୍ଚିତ କଳାଧନକୁ ଅର୍ଥନୀତରୁ ଦୂର କରବା ପାଇଁ ଭାରତରେ ବମୁଦ୍ରୀକରଣର ଆବଶ୍ୟକତା ପଡ଼ିଲା ।

## କଳାଧନ କଣ ?

ଦେଶର ପ୍ରତ୍ୟେକ ନାଗରକ ନଜର ଯୋଗ୍ୟତା ମୁତାବକ ସରକାରୀ ବା ବେସରକାରୀ ସଂସ୍ଥାରେ ଚାକରୀକର, ଚାଷୀମାନେ ଚାଷରୁ, ବ୍ୟବସାୟୀମାନେ ବ୍ୟବସାୟରୁ, ଠିକାଦାରମାନେ ଠିକାଦାରୀରୁ, ବଦେଶାଗତ ନାଗରକମାନେ ବଦେଶରୁ ଅର୍ଥ ଉପାର୍ଜନ କର ପରବାର ପ୍ରତପୋଷଣ କରଥାନ୍ତ । ଜଣେ ନାଗରକ ବର୍ଷକ ମଧ୍ୟରେ କରୁଥିବା ଆୟ ସରକାରୀସ୍ତିରୀକୃତ ଆୟଠାରୁ ଅଧିକ

ହେଲେ, ସେହି ଅଧିକ ଅର୍ଥ ଉପରେ ସରକାରଙ୍କ ନିୟମାନୁସାରେ କର ପ୍ରଦାନ କରିବା ବାଧ୍ୟତାମୂଳକ ଅଟେ । ଯେଉଁ କର ନେଇ ସରକାର ଦେଶର ବିଭିନ୍ନ ଜନହିତକର କାର୍ଯ୍ୟରେ ବିନିଯୋଗ କରିଥାନ୍ତି । ଯାହାଦ୍ୱାରା ଦେଶର ସର୍ବାଙ୍ଗୀନ ଉନ୍ନତି ହେବା ସଙ୍ଗେ ସଙ୍ଗେ ଜନକଲ୍ୟାଣ ସାଧିତ ହୋଇଥାଏ ।

କେତେକ କ୍ଷେତ୍ରରେ ଉପରୋକ୍ତ ଆୟକାରୀମାନେ ଟିକସଯୁକ୍ତ ଆୟକୁ ଲୁଚେଇ ଅନେକ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥାନ୍ତି । ସେହି ଆୟ ବହିର୍ଭୂତ ସମ୍ପତ୍ତିକୁ କଳାଧନ କୁହାଯାଏ ।

*ବିମୁଦ୍ରୀକରଣର ଲାଭ:*

୧. ଆର୍ଥିକ ବ୍ୟବସ୍ଥାର ଗତି - ୫୦୦ ଓ ୧୦୦୦ ଟଙ୍କିଆ ନୋଟର ପ୍ରଚଳନ ବନ୍ଦ କରିଦେବା ଫଳରେ ତତ୍କାଳ ଭାବେ ଅର୍ଥ ବ୍ୟବସ୍ଥାରେ ରହିଥିବା ତ୍ରୁଟି (କଳାଧନ, ନକଲି ନୋଟ୍, ଛାୟା ବ୍ୟାଙ୍କିଂ) ସଂଶୋଧିତ ହେବ । ଆର୍ଥିକ ବିକାଶ ହାର ବୃଦ୍ଧି ପାଇବ ।

୨. ନୋଟ୍ ବିହୀନ ଅର୍ଥନୀତି - ଡେବିଟ୍, କ୍ରେଡ଼ିଟ୍ କାର୍ଡ୍ ଏବଂ ଇ-ପେମେଣ୍ଟ ଜରିଆରେ କାରବାର ବୃଦ୍ଧିପାଇବା ଫଳରେ ଅର୍ଥକାରବାରରେ ସ୍ୱଚ୍ଛତା ଆସିବ ।

୩. ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା - ନିର୍ବାଚନରେ କଳାଧନର ପରିମାଣ କମିଯିବ । ଟିକେଟ୍ ବାଣ୍ଟିବା ଠାରୁ ଆରମ୍ଭ କରି ମତଦାତାଙ୍କୁ ଅର୍ଥ ବଣ୍ଟନ କରିବା ଇତ୍ୟାଦିକୁ ବନ୍ଦ କରିହେବ । ଏହା ଫଳରେ ନିଷ୍ପକ୍ଷ ନିର୍ବାଚନ ପ୍ରକ୍ରିୟା ସମ୍ଭବ ହୋଇପାରିବ ।

୪. ଗୃହନିର୍ମାଣ ସଂସ୍ଥାରେ ସ୍ୱଚ୍ଛତା - ଗୃହ ନିର୍ମାଣ ସଂସ୍ଥାମାନେ ଆଉ ଅନୈତିକ ଭାବରେ ଅଧିକ ଅର୍ଥ ଦାବୀ କରିପାରିବେ ନାହିଁ । ଗୃହନିର୍ମାଣ ଶସ୍ତା ହେବ, ଗୃହଋଣ ଶସ୍ତା ହେବାଦ୍ୱାରା ଲୋକମାନଙ୍କର ଗୃହ ନିର୍ମାଣ ସ୍ୱପ୍ନ ସାକାର ହୋଇପାରିବ ।

୫. ନକଲି ନୋଟ ସଂପୂର୍ଣ୍ଣଭାବରେ ବନ୍ଦ ହୋଇଯିବ । ଅନ୍ତତଃ ପାକିସ୍ତାନଦ୍ୱାରା ଆୟୋଜିତ ନକଲି ନୋଟ୍ କାରବାର ବନ୍ଦ ହୋଇଯିବ ।

୬. ଆତଙ୍କବାଦ ଉପରେ ପ୍ରଭାବ - ଆତଙ୍କବାଦୀ ଓ ମାଓବାଦୀ ମାନେ ସଞ୍ଚୟ କରି

ରଖିଥିବା ଅର୍ଥ ସବୁ ଅଚଳ ହୋଇଗଲେ, ସେମାନଙ୍କ କାର୍ଯ୍ୟ ପ୍ରଭାବିତ ହେବ ।

୭. ପରିବେଶ ସୁରକ୍ଷା - ନୋଟ୍ ବିହୀନ କାରବାର ଦ୍ୱାରା, ଟଙ୍କା ଛାପିବା ପାଇଁ ଆଉ ଗଛ କାଟିବାର ଆବଶ୍ୟକତା ରହିବ ନାହିଁ ।

୮. ଛାୟା ବ୍ୟାଙ୍କିଂ ହ୍ରାସ ପାଇବ - ଭାରତୀୟ ରିଜର୍ଭ ବ୍ୟାଙ୍କର ନୀତିନିୟମ ବାହାରେ ରହି ଅର୍ଥ ଦେଣନେଣ କରୁଥିବା ବ୍ୟବସ୍ଥାକୁ ଛାୟା ବ୍ୟାଙ୍କିଂ କୁହାଯାଏ । ତେବେ ନୂତନ ବ୍ୟବସ୍ଥାରେ କେବଳ ବ୍ୟାଙ୍କ ମାନଙ୍କ ମାଧ୍ୟମରେ କାରବାର ହେବା ହେତୁ ଅର୍ଥ ବ୍ୟବସ୍ଥାରେ ସ୍ଥିରତା ଆସିବ ।

୯. କଳାଧନ ପରିମାଣ କମିବ - ବ୍ୟାଙ୍କ ମାଧ୍ୟମରେ କାରବାର ହେତୁ କଳାଧନ ଉପରେ ଅଙ୍କୁଶ ଲାଗିବ । ଲୋକମାନେ ଆଉ ଧନ ଗଚ୍ଛିତ କରି ରଖିବେ ନାହିଁ ।

୧୦. ସମୟ ବଞ୍ଚିବ - ବ୍ୟାଙ୍କ ଓ ଏଟିଏମ୍ ସାମନାରେ ଅଯଥା ସମୟ ଅପଚୟ ହେବନାହିଁ ।

୧୧. ଦରଦାମ ନିୟନ୍ତ୍ରଣ ହେବ - ବିଭିନ୍ନ କ୍ଷେତ୍ରରେ ଦରଦାମ୍ ନିୟନ୍ତ୍ରଣ ହେବ । ଫଳରେ ସ୍ୱଳ୍ପ ଆୟକାରୀ ଓ ମଧ୍ୟବିତ୍ତ ପରିବାରର ଲୋକମାନେ ଉପକୃତ ହେବେ ।

୧୨. ଅର୍ଥନୈତିକ ହେରଫେର କମ ହେବ - ନଗଦବିହୀନ କାରବାର ହେତୁ ଅର୍ଥନୈତିକ ହେରଫେର କମ ହେବ । ଲୁଗ୍ଗେଜ୍ବରରେ ଆଉ କେହି କାହାକୁ ନଗଦ ଅର୍ଥ ଦେଇ ପାରିବେ ନାହିଁ ।

*ବିମୁଦ୍ରୀକରଣର ପ୍ରଭାବ -*

ନଭେମ୍ବର ମାସ ୮ ତାରିଖ ପରଠାରୁ ବିମୁଦ୍ରୀକରଣ ପରେ ଏହା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଜାତୀୟ ଜନଜୀବନକୁ ପ୍ରଭାବିତ କରିଛି ।

*ସକାରାତ୍ମକ ପ୍ରଭାବ :*

୧. ବୈଦ୍ୟୁତିକ ମାଧ୍ୟମରେ ଦେଣନେଣ ଆଶାତୀତ ଭାବରେ ବୃଦ୍ଧି ପାଇଛି । ଯେପରି ଇ-ୱାଲେଟ୍, ଇ-ପେମେଣ୍ଟ ଓ ଅନଲାଇନ୍ କାରବାର ବୃଦ୍ଧିପାଇଛି ।

୨. କେତେକ ଦ୍ରବ୍ୟ ଓ ସେବାର ମୂଲ୍ୟ କମିଛି । ଫଳରେ ମୁଦ୍ରାସ୍ଫୀତି ହ୍ରାସ

ପାଇଛି ।

୩. କେତେକ ସ୍ଥାନରୁ କଳାଧନ ଓ ସୁନା ଜବତ କରାଯାଇଛି ।

୪. ସରକାରୀ ରାଜସ୍ୱ ଆୟରେ ବୃଦ୍ଧି ହୋଇଛି ।

୫. ଆତଙ୍କବାଦ ଓ ନକ୍ସଲବାଦ ଉପରେ ପ୍ରଭାବ ପଡ଼ିଛି ।

*ନକାରାତ୍ମକ ପ୍ରଭାବ:*

୧. ଲୋକମାନେ ଅନେକ ସମୟଧରି ବ୍ୟାଙ୍କର ଲମ୍ବା ଧାଡ଼ିରେ ଛିଡ଼ା ହେବାପାଇଁ ବାଧ୍ୟ ହୋଇଛନ୍ତି ।

୨. ଅର୍ଥ ଉଠାଣରେ ବାଧକ ହେତୁ ଅନେକ ବିବାହ ବ୍ରତାଦି କର୍ମ ବନ୍ଦ ହୋଇଛି, ଚାଷୀମାନେ ପ୍ରଭାବିତ ହୋଇଛନ୍ତି, ସ୍ୱାସ୍ଥ୍ୟସେବା ପାଇଁ ଅର୍ଥାଭାବ ଦେଖାଦେଇଛି ।

୩. ସ୍ୱଳ୍ପ ଆୟକାରୀ ବା ଯେଉଁମାନଙ୍କର ବ୍ୟାଙ୍କରେ ଖାତା ନାହିଁ, ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଅଧିବାସୀ ମାନେ ଦଲାଲ୍ ମାନଙ୍କ ଦ୍ୱାରା ଶୋଷଣର ଶୀକାର ହୋଇଛନ୍ତି ।

୪. ଆଦିବାସୀ ବହୁଳ ହାଟ ବଜାର ମାନଙ୍କରେ ଦ୍ରବ୍ୟବଦଳରେ ଦ୍ରବ୍ୟ ଆଦାନ ପ୍ରଦାନର ପୁରାତନ ଧାରା ଦେଖିବାକୁ ମିଳିଛି ।

ଅବଶ୍ୟ ନକାରାତ୍ମକ ପ୍ରଭାବ ସବୁ କ୍ଷଣସ୍ଥାୟୀ ଏବଂ ସମୟାନୁସାରେ ଏହା ସବୁ ଧିରେ ଧିରେ ବନ୍ଦ ହେବାରେ ଲାଗିଛି ।

କଳାଧନ ମହଜୁଦ୍‌କାରୀ, ମଧ୍ୟସ୍ଥି ବା ଦଲାଲ ଏବଂ ବ୍ୟାଙ୍କ କର୍ମଚାରୀଙ୍କ ମଧ୍ୟରେ ଅସାଧୁମେଣ୍ଟ

ଗତ ଏକ ମାସର ବିମୁଦ୍ରାୟନ ପରବର୍ତ୍ତୀ ଘଟଣାବଳୀକୁ ଅନୁଧ୍ୟାନ କଲେ ଏହା ପରିଷ୍କାର ଭାବରେ ଜାଣିହୁଏ ଯେ ଆମ ଦେଶ ଭାରତ କଳାଧନର ବିଷ ବଳୟରେ କବଳିତ । ଯାହାର ପଞ୍ଜାରୁ ମୁକ୍ତ ହେବା ସହଜ ନୁହେଁ । ଏହା ଆମର ଅର୍ଥନୀତିକୁ ନିୟନ୍ତ୍ରଣରେ ରଖିଛି । ସେଥିରୁ ମୁକ୍ତ ହେବାକୁ ହେଲେ ଆମ ସମସ୍ତଙ୍କୁ କଳାଧନ ଓ ଦୁର୍ନୀତି ବିପକ୍ଷରେ ଆଉ ଏକ ସ୍ୱାଧୀନତା ସଂଗ୍ରାମ ଲଢ଼ିବାକୁ ହେବ । ଖଟିଖିଆ ଗରିବର ଅକ୍ଲାନ୍ତ ପରିଶ୍ରମରେ ଅର୍ଜିତ ଧନକୁ ଲୁଟିନେଇ ଅୟସ କରୁଥିବା

ସେହି କତିପୟ କଳାବଜାରୀ ମାନଙ୍କୁ ଓ ଦୁର୍ନୀତିଗ୍ରସ୍ତ ଅଫିସର ମାନଙ୍କୁ କୋର୍ଟର କାଠଗଡ଼ାରେ ଠିଆ କରାଇବାକୁ ସରକାରଙ୍କୁ ସାହାଯ୍ୟ କରିବାକୁ ହେବ ।

ନିମ୍ନୋକ୍ତ କେତୋଟି ଉଦାହରଣରୁ କଳାଧନ ମହଜୁଦ୍‌କାରୀ, ଦଲାଲ ଓ ବ୍ୟାଙ୍କ କର୍ମଚାରୀଙ୍କ ମଧ୍ୟରେ ଥିବା ଅସାଧୁ ମେଣ୍ଟ ହୋଇଥିବାର ସୂଚନା ମିଳିଛି । ଯେପରିକି;

୧. ଓଡ଼ିଶାର ସମ୍ବଲପୁର ଜିଲ୍ଲାରେ ଜନୈକ ମଦ ବେପାରୀଙ୍କ ଠାରୁ ୧.୪୨ କୋଟି ଟଙ୍କା ଜବତ ହୋଇଛି ଏବଂ ଏଥିରେ ନୂଆ ୨୦୦୦ ଟଙ୍କା ନୋଟ ରହିଥିବା ଜଣାପଡ଼ିଛି । ଏହି ମାମଲାରେ ସ୍ଥାନୀୟ ଏକ ବ୍ୟାଙ୍କର ଶାଖା ପ୍ରବନ୍ଧକ ସମେତ ଆଠଜଣ ଗିରଫ ହୋଇଛନ୍ତି ।

୨. ମୁଦ୍ରା ବିମୁଦ୍ରୀକରଣ ସମୟରେ ସମସ୍ତେ ଅସୁବିଧାରେ ଚାଲୁଥିବା ସମୟରେ ମହାରାଷ୍ଟ୍ରର ଜନୈକ ଖଣିମାଫିଆ ନିଜର ଝିଅ ବାହାଘରରେ ପାଞ୍ଚଶହ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ।

୩. ନଭେମ୍ବର ମାସ ୮ ତାରିଖ ରାତିରେ ସୁନା ଗହଣା ଦୋକାନରେ ପ୍ରବଳ ଭିଡ଼ ଓ ସୁନା ଗହଣା କ୍ରୟରେ ଅହେତୁକ ଅଭିବୃଦ୍ଧି ଏବଂ ଅଧିକ ଦାମରେ ସୁନା ବିକ୍ରୀ ହୋଇଥିବାର ସୂଚନା ମିଳିଛି ।

୪. କଲିକତାର ଜନୈକ ଡାକ୍ତରଙ୍କ ଠାରୁ ୧୦ ଲକ୍ଷ ଟଙ୍କାର କେବଳ ନୂଆ ୫୦୦ ଓ ୨୦୦୦ ଟଙ୍କା ନୋଟ୍ ଜବତ ହୋଇଛି ।

୫. ପଞ୍ଜାବର ଜଣେ ଟ୍ୟାକ୍ସି ଚାଳକ ବଳବିନ୍ଦର ସିଂହଙ୍କ ଜନଧନ ଖାତାରେ ପ୍ରାୟ ୯୮୦୬ କୋଟି ଟଙ୍କା ଜମା ଓ ଉଠାଣ ହୋଇଛି ।

୬. ଦିଲ୍ଲୀର ଏକ ବ୍ୟାଙ୍କରେ ୪.୫ କୋଟି ଟଙ୍କା କଳାଧନକୁ ଧଳା କରିବା ଅଭିଯୋଗରେ ଶାଖା ପରିଚାଳକ ଗିରଫ ହୋଇଛନ୍ତି ।

୭. କର୍ଣ୍ଣାଟକର ବିଭିନ୍ନ ସ୍ଥାନରୁ ୨.୮୯ କୋଟି ମୂଲ୍ୟର ନୂଆ ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍ ଦବତ ହୋଇଛି ।

୮. ମହାରାଷ୍ଟ୍ରରେ ମାତ୍ର ଚାରିଦିନରେ କୋ-ଅପରେଟିଭ ବ୍ୟାଙ୍କରେ ୫୦୦୦ କୋଟି

ଟଙ୍କାର ଅର୍ଥ ପୈଠ କରାଯାଇଛି ।

୯. କେତେକ ବ୍ୟାଙ୍କରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଖାତାକୁ ଅପବ୍ୟବହାର କରି କଳାଧନକୁ ଧଳା କରିବାକୁ ପ୍ରୟାସ କରାଯାଇଛି ।

୧୦. ଦିଲ୍ଲୀର ଏକ ବେସରକାରୀ ବ୍ୟାଙ୍କରେ ୨୦ଟି ବେନାମୀ କମ୍ପାନୀ ନାମରେ ଖାତା ଖୋଲାଯାଇ ପ୍ରାୟ ୬୦ କୋଟି ଟଙ୍କାର ଅର୍ଥ ପୈଠ କରାଯାଇଛି ।

ଏହିପରି ଅନେକ ଘଟଣା କଳାଧନର ବିଶାଳତା ଏବଂ ଏହାକୁ ସୁରକ୍ଷିତ କରିବାପାଇଁ ଅସାଧୁମାନଙ୍କୁ ସର୍ବଜନବିଦିତ କରିଛି ।

*ମୁଦ୍ରାବିମୁଦ୍ରୀକରଣକୁ ସଫଳ କରାଇବାପାଇଁ ସରକାରୀ ପଦକ୍ଷେପ:*

୧. ମୁଦ୍ରାବିହୀନ କାରବାରକୁ ପ୍ରୋତ୍ସାହନ ବ୍ୟବସ୍ଥା : ସରକାରୀ ସ୍ତରରେ ଡିଜିଟାଲ୍ କାରବାର ବା ନଗଦବିହୀନ କାରବାରକୁ ପ୍ରୋତ୍ସାହନ ଦେବାପାଇଁ ସାଧାରଣ ଲୋକ ଓ ବ୍ୟବସାୟୀ ମାନଙ୍କୁ ଲକି ଡ୍ରରେ ସାମିଲ କରାଯାଇଛି । ଯାହା ଡିସେମ୍ବର ୨୫ ତାରିଖରୁ ଆରମ୍ଭ ହୋଇଛି ।

୨. ରେଳ ଟିକେଟ୍ ବୁକିଂ, ଇନ୍ସୁରାନ୍ସ ଓ ପେଟ୍ରୋଲ ଆଦି ଦ୍ରବ୍ୟ ପାଇଁ ଡିଜିଟାଲ୍ କାରବାର ଉପରେ ରିହାତି ଦିଆଯାଇଛି ।

୩. କ୍ରେଡ଼ିଟ୍ ଓ ଡେବିଟ୍ କାର୍ଡ଼ ଦ୍ୱାରା ଅର୍ଥଦେଣନେଣ ଉପରେ ଲାଗୁଥିବା ସେବାକରକୁ ସାମୟିକ ଭାବରେ ପ୍ରତ୍ୟାହାର କରାଯାଇଥିଲା ।

୪. ସମସ୍ତ ସରକାରୀ କାର୍ଯ୍ୟାଳୟରେ ଇ-ପେମେଣ୍ଟ ବ୍ୟବସ୍ଥା ବାଧ୍ୟତା ମୂଳକ କରାଯାଇଛି ।

ବିମୁଦ୍ରୀକରଣ ପରେ ଅନେକ ଅସୁବିଧା ମଧ୍ୟ ଦେଖାଦେଇଛି । ସମ୍ପୂର୍ଣ୍ଣ ଭାବରେ ଡିଜିଟାଲ୍ କାରବାର ଉପରେ ନିର୍ଭରଶୀଳ ହେବା ଦ୍ୱାରା ସେଥିରେ ମଧ୍ୟ ଅସୁବିଧା ଦେଖାଦେଇପାରେ । ସେଥିପାଇଁ କିଛି ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି ।

୧. ସାଇବର ସୁରକ୍ଷାକୁ ସୁନିଶ୍ଚିତ କରିବା - ଅନଲାଇନ୍ ଦ୍ରବ୍ୟ ଓ ସେବା କ୍ରୟ କରିବା ସମୟରେ ଡିଜିଟାଲ୍ କାରବାର ସଫ୍ଟୱେର୍ ଦ୍ୱାରା ହେଉଥିବା ହେତୁ

ଏହାକୁ ସାଇବର ଅପରାଧୀମାନେ କପି କରିନେଇ ଆପଣଙ୍କ ସମ୍ପୂର୍ଣ୍ଣ ତଥ୍ୟ ହାସଲ କରିପାରନ୍ତି । ତେଣୁ ସରକାର ସାଇବର ଭିତ୍ତିଭୂମିର ସୁରକ୍ଷାପାଇଁ ଆବଶ୍ୟକ ପଦକ୍ଷେପ ନେବା ଦରକାର ।

୨. ଦେଶର ସର୍ବସାଧାରଣଙ୍କୁ ଡିଜିଟାଲ୍ କାରବାର ସମ୍ବନ୍ଧରେ ସଚେତନ କରିବାପାଇଁ ବିଶେଷ କାର୍ଯ୍ୟକ୍ରମ ହାତକୁ ନେବାକୁ ହେବ ।

୩. ବଡ଼ମୂଲ୍ୟର ନୋଟ୍ ପ୍ରଚଳନ ବନ୍ଦ କରିବା - କଳାଧନ ସଞ୍ଚିତ କରି ରଖିବା ପାଇଁ ବଡ଼ମୂଲ୍ୟ ଯୁକ୍ତ ନୋଟ ସର୍ବଶ୍ରେଷ୍ଠ ମାଧ୍ୟମ । ତେଣୁ ଏହି ସବୁ ନୋଟକୁ ଅଚଳ କରିଦିଆଯିବା ଉଚିତ ।

୪. ବିପର୍ଯ୍ୟୟ ସମୟରେ ଅର୍ଥାଭାବ ଦୂର କରିବା - ଯେହେତୁ ସାଧାରଣଙ୍କୁ ନିଜ ପାଖରେ ଅର୍ଥ ଗଚ୍ଛିତ ରଖିବାକୁ ନିରୁତ୍ସାହିତ କରାଯାଉଛି, ତେଣୁ ବ୍ୟାଙ୍କମାନେ ଯଥେଷ୍ଟ ପରିମାଣର ଅର୍ଥ ଗଚ୍ଛିତ କରି ରଖିବା ଉଚିତ । ଯେମିତି ବନ୍ୟା, ବାତ୍ୟା ଓ ଭୂକମ୍ପ ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାଧାରଣ ଲୋକମାନେ କୌଣସି ପ୍ରକାର ଅସୁବିଧାର ଶୀକାର ହୁଅନ୍ତି ନାହିଁ ।

ତେଣୁ ଆମେ ସମସ୍ତେ ଭାରତୀୟ କଳାଧନ ଓ ଦୁର୍ନୀତିକୁ ସମୂଳେ ବିନାଶ କରିବାପାଇଁ ଐକ୍ୟବଦ୍ଧ ହୋଇ ନିଜକୁ ଏଥିରେ ସାମିଲ୍ କରିବା ସହ ଅନ୍ୟ ମାନଙ୍କୁ ମଧ୍ୟ ସାମିଲ୍ କରିବା ପାଇଁ ଚେଷ୍ଟା କରିବା ଉଚିତ । ତା'ସହ ଏକ ଉନ୍ନତ ଜାତୀୟ ଚରିତ୍ର ସୃଷ୍ଟି କରିବା ଉଚିତ ।

ବିଭୁତିପୁର, କାକଟପୁର, ପୁରୀ
ଦୁରଭାଷ - ୯୯୩୭୨୧୦୨୬୦

# କାଞ୍ଚିକାବେରୀ ଓ ରାମଶଙ୍କର ରାୟ



ଗବେଷିକା ରଞ୍ଜିତା ପାତ୍ର

*ପ୍ରଥମ ଐତିହାସିକ ନାଟକ 'କାଞ୍ଚି କାବେରୀ' ଓ ରାମଶଙ୍କର ରାୟ*

ଜଗମୋହନ ଲାଲ୍ଙ୍କ ପରେ ରାମଶଙ୍କର ରାୟଙ୍କ ନାଟକ ସୃଷ୍ଟି, ଓଡ଼ିଆ ନାଟକ ରଚନାର ଅଭାବକୁ ଦୂର କରିବାରେ ସକ୍ଷମ ହୁଏ । ଐତିହାସିକ, କାଳ୍ପନିକ, ପୌରାଣିକ, ସାମାଜିକ ବିଷୟକୁ ନେଇ ସର୍ବମୋଟ ୧୪ ଖଣ୍ଡ ନାଟକ ଲେଖିଛନ୍ତି । ଯଥା -

ଐତିହାସିକ ନାଟକ – 'କାଞ୍ଚି କାବେରୀ' (୧୮୮୦) ।

କାଳ୍ପନିକ ନାଟକ – 'କଳିକାଳ' (୧୮୮୩), 'ବୁଢ଼ାବର' (୧୮୯୨), 'ବନବାଳା' (ଗ୍ରନ୍ଥାନୁସରଣ), 'ବଡ଼ଲୋକ' (୧୯୧୩), 'ବିଶ୍ୱଯଜ୍ଞ' (୧୯୧୬) ।

ପୌରାଣିକ ନାଟକ - 'ରାମ ବନବାସ' (୧୮୯୧), 'କଂସବଧ' (୧୮୯୬), 'ଚୈତନ୍ୟ ଲୀଳା' (୧୯୦୬), 'ରାମାଭିଷେକ' (୧୯୧୭) ।

ସାମାଜିକ ନାଟକ - 'ବିଷମୋଦକ' (୧୯୦୦), 'ଯୁଗଧର୍ମ' (୧୯୦୨), 'କାଞ୍ଚନମାଳୀ' (୧୯୦୪), 'ଲୀଳାବତୀ' (୧୯୧୨) ।

୧୮୮୦ ମସିହାରୁ ୧୯୧୭ ମସିହା ପର୍ଯ୍ୟନ୍ତ ଦୀର୍ଘ ୩୭ ବର୍ଷକାଳ ନାଟକ ରଚନା ଓ ପରିଚାଳନାରେ ତାଙ୍କ ଅବଦାନ ଅତୁଳନୀୟ । ୧୮୮୦ ମସିହାରେ ରାମଶଙ୍କର ରାୟ 'କାଞ୍ଚିକାବେରୀ' ନାଟକ ଲେଖି ଅଭିନୟ କଲେ । ମାତ୍ର ଏହା ୧୮୮୨ ମସିହା ଅଗଷ୍ଟ

ମାସ ୧୨ ତାରିଖ ଦିନ ପୁସ୍ତକ ପ୍ରକାଶିତ ହେଲା । ଇତିହାସର ଘଟଣାକୁ ନେଇ ନାଟକ ରଚନା କରିବାରେ ସେ ନବଜାଗରଣର ଆଲୋକବର୍ତ୍ତିକା କହିଲେ ଅତ୍ୟୁକ୍ତି ହେବନାହିଁ । 'କାଞ୍ଚିକାବେରୀ' ନାଟକର 'ପରିଭାଷା'ରେ ନାଟ୍ୟକାର ରାମଶଙ୍କର ଲେଖିଛନ୍ତି - "କାଞ୍ଚି ଅଭିଯାନ ବିଷୟ କୌଣସି ପୁରାଣରେ ବର୍ଣ୍ଣିନା କରାଯାଇ ନାହିଁ । ଏହା ପୁରୁଷୋତ୍ତମ ଦାସଙ୍କର ଓଡ଼ିଆ 'କାଞ୍ଚିକାବେରୀ' (ଷୋଡ଼ଶ / ସପ୍ତଦଶ ଶତାବ୍ଦୀ) ଓ ରଙ୍ଗଲାଲ ବନ୍ଦୋପାଧ୍ୟାୟଙ୍କ ରଚିତ ବଙ୍ଗଳା 'କାଞ୍ଚିକାବେରୀ' କାବ୍ୟ (ଖ୍ରୀଃ ୧୮୮୦)ରେ ବର୍ଣ୍ଣିନା କରାଯାଇଛି । ଦାସ ସୁଆରଙ୍କ କମଳା ଲେମ୍ବୁ ପୂଜା ଓ ସେଥିପାଇଁ କାରାରୁଦ୍ଧ ହେବା, ରାଜାଙ୍କର ସ୍ୱପ୍ନଦର୍ଶ ଓ ଦାସସୁଆରଙ୍କୁ ମୁକ୍ତି ପ୍ରଦାନ, ଜଗନ୍ନାଥ ଓ ବଳଭଦ୍ରଙ୍କର ଅଶ୍ୱାରୋହଣ ପୂର୍ବକ କାଞ୍ଚିଯାତ୍ରା, ମାଣିକଠାରୁ ଦଧିପାନ, ମାଣିକପାଟଣା ସ୍ଥାପନ, ଭଣ୍ଡ ଗଣେଶ ଓ ସାକ୍ଷୀ ଗୋପୀନାଥଙ୍କୁ ପୁରୀ ଆନୟନ, ଚଣ୍ଡାଳକୁ ପଦ୍ମାବତୀ ପ୍ରଦାନ ଆଦେଶ, ରଥଯାତ୍ରା ଦିନ ଛେରାପହଁରା ବେଳେ ମନ୍ତ୍ରୀଙ୍କର ନିର୍ଦ୍ଦେଶରେ କାଞ୍ଚି ରାଜଜେମା ଗଜପତିଙ୍କୁ ବରମାଲ୍ୟ ଅର୍ପଣ କରିବା ଘଟଣା ପୁରୁଷୋତ୍ତମ ଦାସଙ୍କର 'କାଞ୍ଚିକାବେରୀ' ନାଟକରୁ ସଂଗୃହୀତ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସାକ୍ଷୀ ଗୋପୀନାଥ ପ୍ରଥମେ କଟକରେ ଥିଲେ ଏବଂ ମୁସଲମାନ ଆକ୍ରମଣ ଯୋଗୁଁ କଟକରୁ ପୁରୀ ଜିଲ୍ଲାର ସତ୍ୟବାଦୀ ଗ୍ରାମକୁ ସ୍ଥାନାନ୍ତରିତ ହେଲେ ।"

ଇତିହାସ ଘଟଣା ସାଙ୍ଗକୁ ଆଧୁନିକ ଶୈଳୀରେ ସ୍ୱତନ୍ତ୍ର ନାଟକ ସୃଷ୍ଟିରେ 'କାଞ୍ଚିକାବେରୀ' ନାଟକ ପ୍ରଥମ । ଏହା ପ୍ରଥମ ନାଟକ ଗୌରବରେ ଗୌରବାନ୍ୱିତ ହେବାରେ ମତ ଦ୍ୱୈତ ଥିଲେ ମଧ୍ୟ ପ୍ରଥମ ଐତିହାସିକ ନାଟକର ଗୌରବୋଜ୍ଜ୍ୱଳ ମୁକୁଟ କାଞ୍ଚିକାବେରୀ ହିଁ ପିନ୍ଧିଛି । ଫକୀରମୋହନଙ୍କ 'ଉତ୍କଳ ଭ୍ରମଣ' ଗ୍ରନ୍ଥରେ ଲେଖିଛନ୍ତି -

"ହେ ରାମଶଙ୍କର ମୋ ମାନୁଛି ମନକୁ,

ହୋଇପାରି ଭାଇ ତୁମ୍ଭେ ଗଉରୀ ପଛକୁ ।

ଓଡ଼ିଆ ନାଟକ ଆଉ ନଭେଲର ଲେଖା,

ପ୍ରଥମରେ ତୁମ୍ଭଠାରେ ଗଲାସିନା ଦେଖା ।"

ଗିରିଜାଶଙ୍କର ରାୟଙ୍କ 'ଓଡ଼ିଆ ନାଟ୍ୟକଳା' ଗ୍ରନ୍ଥରେ, ଫକିରମୋହନଙ୍କ 'ଉତ୍କଳ ଭ୍ରମଣ' ଗ୍ରନ୍ଥରେ, ଜାନକୀବଲ୍ଲଭ ଓ ପ୍ରିୟରଂଜନ ସେନ୍ ଆଦି ବିଶିଷ୍ଟ ସମାଲୋଚକଗଣ ରାମଶଙ୍କର ରାୟଙ୍କୁ ପ୍ରଥମ ନାଟ୍ୟକାରର ଗୌରବ ପ୍ରଦାନ କରିଛନ୍ତି ।

ଇତିହାସ ଓ ଐତିହାସିକ - ନାଟକ ଏକା କଥା ନୁହେଁ । ଇତିହାସ ଅତୀତର ଘଟିଯାଇଥିବା ସତ୍ୟ ଘଟଣାବଳୀକୁ ନେଇ ରଚିତ ହୋଇଥିବା ବେଳେ ଐତିହାସିକ ନାଟକ ସତ୍ୟ ଓ କଳ୍ପନାର ସମ୍ମିଶ୍ରଣରେ ରଚିତ । ଦର୍ଶକ ତଥା ପାଠକକୁ ଆକର୍ଷିତ କଲାପରି ବିଷୟବସ୍ତୁ ରହିଥାଏ ନାଟକରେ । ମାତ୍ର ଇତିହାସରେ କଳ୍ପନାର ସ୍ଥାନ ନଥାଏ । ଐତିହାସିକ ନାଟକ ସବୁବେଳେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ବାର୍ତ୍ତାବହ । ଇତିହାସରେ ବୈଜ୍ଞାନିକ ଅନୁଶୀଳନର ଆବଶ୍ୟକତା ଥିବାବେଳେ ଐତିହାସିକ ନାଟକରେ ମାନବିକ ଆବେଦନକୁ ଗୁରୁତ୍ୱ ଦିଆଯାଇଥାଏ । ଇତିହାସକୁ ନେଇ ନାଟକ ରଚନା ହୋଇପାରେ ମାତ୍ର ଐତିହାସିକ ନାଟକକୁ ନେଇ ଇତିହାସ ରଚିତ ହୋଇପାରେ ନାହିଁ । ଇତିହାସର ଶୁଷ୍କ ଚରିତ୍ର ମଧ୍ୟରେ ଐତିହାସିକ ନାଟ୍ୟକାର ଜୀବନ ସଂଚାର କରେ ।

ଇତିହାସରୁ ନାଟକର ବିଷୟବସ୍ତୁ ଆହରିତ ହେଲା ପରି କିମ୍ବଦନ୍ତୀରୁ ମଧ୍ୟ ନାଟକର ବିଷୟବସ୍ତୁ ଆହରଣ କରାଯାଇଥାଏ । ଇତିହାସ ସତ୍ୟ ଘଟଣାକୁ ନେଇ ପୁଷ୍ଟ ହୋଇଥିବା ବେଳେ କିମ୍ବଦନ୍ତୀରେ ଲୋକବିଶ୍ୱାସର ସମ୍ମିଶ୍ରଣ ଘଟିଥାଏ । ମାତ୍ର ଉଭୟ ଅତୀତର ଘଟଣାର ପୁନରାବୃତ୍ତି କରିବାକୁ ଚେଷ୍ଟା କରିଥାନ୍ତି । ଇତିହାସ

ବୈଜ୍ଞାନିକ ସତ୍ୟତା ଉପରେ ପର୍ଯ୍ୟବେକ୍ଷିତ ଥିବାବେଳେ କିମ୍ବଦନ୍ତୀରେ ତାହା ନଥାଏ । ଐତିହାସିକ ଘଟଣାକୁ ନେଇ ରଚିତ ନାଟକକୁ ଇଂରାଜୀରେ Historical Drama ବା Chronicle Play ଏବଂ କିମ୍ବଦନ୍ତୀ ଘଟଣାକୁ ନେଇ ରଚିତ ନାଟକକୁ Folk – Historical Drama ବା Quasi Historical Drama କୁହାଯାଇ ଥାଏ । ଇତିହାସ କିମ୍ବା କିମ୍ବଦନ୍ତୀରୁ ଆହରିତ ନାଟକଟି ସତ୍ୟତା ରକ୍ଷା କରିବା ନିତ୍ୟାନ୍ତ ଆବଶ୍ୟକ । ନଚେତ୍ ଐତିହାସିକ ନାଟକ ଜନସାଧାରଣକୁ ପ୍ରଭାବିତ କରିବା ପରିବର୍ତ୍ତେ ସମାଲୋଚିତ ହୋଇଉଠିବ । କେବଳ ସେତିକି ନୁହେଁ ଚରିତ୍ର ଚିତ୍ରଣ ଓ ବେଶ ପରିପାଟୀରେ ମଧ୍ୟ ନାଟ୍ୟକାରକୁ ସଚେତନ ହେବାକୁ ପଡ଼ିଥାଏ । ଓଡ଼ିଆ ନାଟକର ସୃଷ୍ଟି ସମ୍ପର୍କରେ କହିବାକୁ ଯାଇ କଳାଦ୍ରି ଭୂଷଣ ହରିଚନ୍ଦନ ତାଙ୍କ 'ଓଡ଼ିଆ ନାଟକର ଇତିହାସ' ଗ୍ରନ୍ଥରେ ଲେଖିଛନ୍ତି- "୧୯୨୦ ପୂର୍ବବର୍ତ୍ତୀ ଓଡ଼ିଆ ନାଟକର ବିକାଶ ପର୍ଯ୍ୟାୟ ପ୍ରାୟ ଶିଥିଳ । ନାଟକର ସଂଖ୍ୟାତ୍ମକ ଅଭିବୃଦ୍ଧିର ମୁଖ୍ୟ ପ୍ରତିବନ୍ଧକ ଥିଲା ରଙ୍ଗମଞ୍ଚର ଅଭାବ । ପୁଣି ନାଟ୍ୟକାର ମାନେ ନାଟକର ମଞ୍ଚ-ସାଫଲ୍ୟ ଅପେକ୍ଷା ସାହିତ୍ୟିକ ମୂଲ୍ୟ ପ୍ରତି ଥିଲେ ଅଧିକ ଯତ୍ନଶୀଳ । ସମସାମୟିକ ଲୋକରୁଚି ନାଟ୍ୟକାରଙ୍କୁ ପୌରାଣିକ ନାଟକ ରଚନା ଦିଗରେ ବିଶେଷ ଅନୁପ୍ରେରିତ କରିଥିଲା । ଏଇ ପରିସ୍ଥିତିରେ ଓଡ଼ିଆ ନାଟକ ବିଶେଷତଃ ଐତିହାସିକ ନାଟକର ସୃଷ୍ଟି ସମ୍ଭାବନା ଥିଲା ଏକାନ୍ତ କ୍ଷୀଣ ।"

'କାଞ୍ଚିକାବେରୀ' ନାଟକ ଏକ ନୂତନ ସାଂସ୍କୃତିକ ଚେତନାର ବାର୍ତ୍ତାବହ । ଉତ୍କଳ ଇତିହାସର ଏକ ଗୌରବମୟ ବିଷୟକୁ ନେଇ ଏହା ଅନୁପ୍ରାଣିତ ହୋଇଛି । 'କାଞ୍ଚିକାବେରୀ' ନାଟକକୁ ଆଜି ୧୩୫ ବର୍ଷ ଅତିକ୍ରମ ହୋଇଗଲାଣି । ଇତି ମଧ୍ୟରେ ଅନେକ ଐତିହାସିକ ନାଟକ ରଚିତ ହୋଇ ସାରିଛି । ମାତ୍ର କାଞ୍ଚିକାବେରୀର ସ୍ଥାନ ଅକ୍ଷୁର୍ଣ୍ଣ ରହିଛି । ତତ୍କାଳୀନ ସମୟରେ ଓଡ଼ିଶା ପରାଧୀନ ଥିଲା । ଇଂରେଜ ସରକାରଙ୍କ ଅନ୍ୟାୟ ଅତ୍ୟାଚାର ସାଙ୍ଗକୁ ଖାଦ୍ୟାଭାବ, ଶିକ୍ଷାର

ଅଭାବ, ଦୁର୍ଭିକ୍ଷ ଫଳରେ ଓଡ଼ିଶାର ମେରୁଦଣ୍ଡ ଭାଙ୍ଗି ପଡ଼ିଥିଲା । ଏହାପରେ ଏକ ଜଟିଳ ସମୟରେ 'କାଞ୍ଚିକାବେରୀ'ର ଆର୍ବିଭାବ ।

ଦେଶବାସୀଙ୍କ ମନରେ ଗୌରବାନ୍ୱିତ ମନୋଭାବ ଜାଗ୍ରତ କରିବା ସଂଗେ ସଂଗେ ବୀରତ୍ୱପୂର୍ଣ୍ଣ ଭାବଧାରା ପ୍ରତ୍ୟେକ ଦର୍ଶକଙ୍କୁ ପ୍ରଭାବିତ କରେ । ପୁରୁଷୋତ୍ତମ ଦେବଙ୍କ କାଞ୍ଚିବିଜୟ ଓଡ଼ିଶା ଇତିହାସରେ ଏକ ରୋମାଞ୍ଚକର ବିଷୟ । ଏହି ବିଷୟକୁ ନେଇ  ନାଟକ ରଚନା ଓ ପରିବେଷଣ ବେଶ୍ ସଫଳ ହୋଇପାରିଛି ।

ଅଧ୍ୟାପିକା

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ

(ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ)

# ମେଲିଆପୁଟି ରାଧାଗୋବିନ୍ଦ ମନ୍ଦିର



ଲିଙ୍ଗରାଜ ପ୍ରସାଦ ପଟ୍ଟନାୟକ

ଉତ୍ତର ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲା ଅଧୀନସ୍ଥ ମେଲିଆପୁଟି ଠାରେ ଥିବା ଶ୍ରୀ ରାଧାଗୋବିନ୍ଦ ସ୍ୱାମୀମନ୍ଦିର ଏକ ସ୍ଥାପତ୍ୟକଳାର ଅଦ୍ଭୁତ ଉଦାହରଣ । ପ୍ରତିବର୍ଷ ମାର୍ଚ୍ଚ ମାସରେ ଏଠାରେ ଆୟୋଜିତ ଦୋଳ ଉତ୍ସବ ଦେଖିବାକୁ ହଜାର ହଜାର ଜନସମାଗମ ହୋଇଥାଏ । ବର୍ଷ ସାରା ଏହି ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ରାଧାଗୋବିନ୍ଦକୁ ପୂଜାର୍ଚ୍ଚନା କରନ୍ତି ।

*ଏହି ମନ୍ଦିରର ଇତିହାସ:*

ଅଷ୍ଟାଦଶ ଶତାବ୍ଦୀରେ ଏହି ମନ୍ଦିରର ନିର୍ମାଣ ମହାରାଣୀ



ଶ୍ରୀମତି ବିଷ୍ଣୁପ୍ରିୟା ଦେବୀଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ମହାରାଜା ଶ୍ରୀ ବୀର ବୀରେନ୍ଦ୍ର ପ୍ରତାପରୁଦ୍ର ଗଣପତିଙ୍କ ସହଧର୍ମିଣୀ ବିଷ୍ଣୁପ୍ରିୟା ଦେବୀ ଭଗବାନ କୃଷ୍ଣଙ୍କର ଭକ୍ତ ଥିଲେ । ସେମାନେ ତତ୍କାଳୀନ ଓଡ଼ିଶାର ପାରଳାଖେମୁଣ୍ଡି ରାଜ୍ୟର ଅଧିବାସୀ ଥିଲେ । ନିଜର



ବିବାହ ସମୟରେ ପିତାମାତାଙ୍କ ଦ୍ୱାରା ଦିଆଯାଇଥିବା ଅର୍ଥକୁ ବ୍ୟବହାର କରି ସେ ଏହି ମନ୍ଦିର ନିର୍ମାଣ କରାଇଥିଲେ । ଏହି ମନ୍ଦିର ତିନିଦଶନ୍ଧି ଧରି ରହିଥିଲା ।

ଏହି ମନ୍ଦିରରେ ଗୋଦାମ ଘର, ଗୋଶାଳା ସମେତ ତିରିଶି ଗୋଟି ବଖରା ରହିଛି । ମନ୍ଦିର ସଂଲଗ୍ନ ଦେଢ ଶହ ଗ୍ରାମର ଚାଷୀମାନେ ଅମଳ କରୁଥିବା ଶସ୍ୟକୁ ଏଠାରେ ରଖାଯିବା ଭଳି ବ୍ୟବସ୍ଥା ରହିଥିଲା । ମନ୍ଦିରର ଗୋଶାଳାରେ ହଜାର ହଜାର ସଂଖ୍ୟାରେ ଗୋଧନ ରହୁଥିଲେ । ଶୁଣାଯାଉଥିଲା ଏଠାରେ ସାଧାରଣ ଲୋକ ଏବଂ ସେବକ ମାନଙ୍କୁ ମାସିକ ପାଉଣା ଧାନ ଆକାରରେ ଦିଆଯାଉଥିଲା । ମହାରାଣୀଙ୍କ ରାଜତ୍ୱ ସମୟରେ ପ୍ରତିଦିନ ମନ୍ଦିରରେ ପୂଜାର୍ଚ୍ଚନା ହେଉଥିଲା ।

### *ମନ୍ଦିରର କାରୁକଳା*

ଏହି ମନ୍ଦିରର ମନଲୋଭା ସୁନ୍ଦରତା ଓ କାରୁକଳା ପ୍ରତିବର୍ଷ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମେତ ଅନେକ ପର୍ଯ୍ୟଟକଙ୍କୁ ମଧ୍ୟ ଆକର୍ଷିତ କରିଥାଏ । ମନ୍ଦିର ନିର୍ମାଣରେ ଉତ୍କଳୀୟ ସ୍ଥାପତ୍ୟ ଓ ଦାକ୍ଷିଣାତ୍ୟର ମନ୍ଦିର ନିର୍ମାଣ କଳାର ସଂଗମ ଦେଖିବାକୁ ମିଳିଥାଏ । ମନ୍ଦିର ଭିତରେ ଗୋଟିଏ ପ୍ରସ୍ତରରେ ଖୋଦିତ ରାଧା, କୃଷ୍ଣ ସହିତ ସେବିକା ଲଳିତାଙ୍କ ମୂର୍ତ୍ତି ରହିଛି । ମନ୍ଦିର ବେଢ଼ାରେ କୃଷ୍ଣଙ୍କ ଜୀବନର ବିଭିନ୍ନ ଲୀଳା ମୁଦ୍ରିତ ହୋଇଛି । ବିଷ୍ଣୁ ଅବତାର, ୬୪ କଳାର ମୂର୍ତ୍ତି, ୩୨ଟି ପ୍ରସ୍ତର ସ୍ତମ୍ଭ ଏବଂ ସେହି ସ୍ତମ୍ଭରେ ୫୨ଟି କମଳ ଦେଖିବାକୁ ଅତ୍ୟନ୍ତ ସୁନ୍ଦର ଲାଗେ ।



ପାଞ୍ଚପ୍ରକାରର ଧାତୁରେ ନିର୍ମିତ ରାଧା, କୃଷ୍ଣ ଓ ଲଳିତାଙ୍କ ପ୍ରତିମୂର୍ତ୍ତିକୁ ଦୋଳ ସମୟରେ କଲ୍ୟାଣ ଉତ୍ସବ



ପାଳନ ହେତୁ ଏବଂ ବିଶେଷ ଅବସର ମାନଙ୍କରେ ପରିକ୍ରମାରେ ନିଆଯାଇଥାଏ । ଗ୍ରାମର ପ୍ରତି ଗୃହ ସମ୍ମୁଖରେ ଦୋଳ ରହି ରହିଯାଏ, ଏବଂ ଦେବତାମାନଙ୍କର ପୂଜାର୍ଚ୍ଚନା କରାଯାଏ ।

ସାଂପ୍ରତିକ ସମୟରେ ମନ୍ଦିରର ଅବସ୍ଥିତି ଦୁର୍ବଳ ହୋଇପଡ଼ିଥିବା ହେତୁ ଏଇ ମନ୍ଦିରର ରକ୍ଷଣାବେକ୍ଷଣ ପାଇଁ ଜନସାଧାରଣ ଦାବୀ କରି ଆସୁଛନ୍ତି ।

### ଆରସାବଲ୍ଲୀ

ଉତ୍ତର ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ ଶ୍ରୀକାକୁଲମ୍ ଜିଲ୍ଲା ସଦର ମହକୁମାଠାରେ ଅବସ୍ଥିତ ଆରସାବଲ୍ଲୀ, ସୂର୍ଯ୍ୟ ଦେବତାଙ୍କ ଉଦ୍ଦେଶ୍ୟରେ ନିର୍ମିତ ଏକ ଅନନ୍ୟ ମନ୍ଦିର । ଏହାର ପ୍ରକୃତ ନାମ ହର୍ଷବଲ୍ଲୀ ଅର୍ଥାତ ସୂର୍ଯ୍ୟଙ୍କ ସ୍ଥାନ । ଏହି ମନ୍ଦିରରେ ସୂର୍ଯ୍ୟନାରାୟଣ ସ୍ୱାମୀଙ୍କୁ ପୂଜା କରାଯାଏ ।

### ମନ୍ଦିରର ଇତିହାସ

ସପ୍ତମ ଖ୍ରୀଷ୍ଟାବ୍ଦରେ ତତ୍କାଳୀନ କଳିଙ୍ଗ ସମ୍ରାଟ ଦେବେନ୍ଦ୍ର ବର୍ମାଙ୍କ ଦ୍ୱାରା ଏହି ମନ୍ଦିର ନିର୍ମାଣ ହୋଇଥିବା ଐତିହାସିକମାନେ ମତ ଦିଅନ୍ତି । ଏହି ଅଞ୍ଚଳରେ ଓଡ଼ିଶାର ଶାସକ ମାନଙ୍କ ଦ୍ୱାରା ନିର୍ମିତ ମୁଖଲିଙ୍ଗମ୍, ଶ୍ରୀକୂର୍ମନାଥ ସ୍ୱାମୀ ମନ୍ଦିର ମଧ୍ୟ ଅବସ୍ଥିତ ।

ପୌରାଣିକ ମତବାଦ ଅନୁଯାୟୀ ଦେବତାଙ୍କ ରାଜା ଇନ୍ଦ୍ର ଦିନେ ଶିବାଳୟ କୋଟିଶ୍ୱର ମନ୍ଦିରରେ ବଳପୂର୍ବକ ପ୍ରବେଶ କରିବା ସମୟରେ ମହାଦେବଙ୍କ ସେବକ ନନ୍ଦୀ ଦ୍ୱାରା ପରାହତ ହୋଇଥିଲେ ଏବଂ ଏହାର ପ୍ରତିଶୋଧ ନେବାପାଇଁ ସେ ଆରସାବଲ୍ଲୀ ଠାରେ ସୂର୍ଯ୍ୟଙ୍କ ମନ୍ଦିର ସ୍ଥାପନା କରି ପୂଜା କରିଥିଲେ ।



କଳା ମୁଗୁନି ପଥରରେ ନିର୍ମିତ କମଳ ଉପରେ ଧ୍ୟାନାବସ୍ଥାରେ ଠିଆ ହୋଇଥିବା ସୂର୍ଯ୍ୟଙ୍କ ସାଢ଼େ ପାଞ୍ଚଫୁଟ ଉଚ୍ଚ



ମୂର୍ତ୍ତି ଏଠାରେ ପୂଜାପାଏ । ଏହ ମୂର୍ତ୍ତି ପାର୍ଶ୍ୱରେ ପଦ୍ମ, ଉଷା ଏବଂ ଛାୟା ରହଛନ୍ତ ଏବଂ ସମସ୍ତେ ସୂର୍ଯ୍ୟଙ୍କ ସାତଟି ଘୋଡ଼ା ଉପରେ ଅବସ୍ଥିତ ଅଛନ୍ତ । ମୂର୍ତ୍ତି ସମ୍ମୁଖରେ ନମ୍ନରେ ଦ୍ୱାରପାଳ ପିଙ୍ଗଳ ଆଉ ଦଣ୍ଡ ସମେତ ଋଷି ସନକ ଏବଂ ସାନନ୍ଦ ଉପସ୍ଥିତ ଅଛନ୍ତ । ରଥର ଚାଳକ ଅରୁଣ ମଧ୍ୟ ଏଥି ମୂର୍ତ୍ତିରେ ଅଛନ୍ତ ।

ଆରସାବଲ୍ଲୀ ମନ୍ଦିର ପୂର୍ବ କଳଙ୍ଗର ଶାସକମାନଙ୍କ ଦ୍ୱାରା ପରଚାଳତ ହେଉଥିଲା । ଚତୁର୍ଥରୁ ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହ ଶାସକମାନେ ଏହ ମନ୍ଦିରର ପରଚାଳନା ହେତୁ ସହାୟତା କରୁଥିବା କଥା ଶିଳାଲେଖ ମାନଙ୍କରୁ ଜଣାପଡ଼େ । ଆଦତ୍ୟ ବଷ୍ଣୁ ଶର୍ମା ଏବଂ ଭନୁ ଶର୍ମା ଆଦ ଶାସକ ମାନେ ଏହ ମନ୍ଦିରକୁ ଅନେକ ସାହାଯ୍ୟ କରଥିବା ଜଣାପଡ଼େ ।



ଏହମନ୍ଦିର ପଞ୍ଚାୟତନ ଆକାରର ଏବଂ ଏଥିରେ କେନ୍ଦ୍ରରେ ଆଦତ୍ୟ ରହଥିବା ବେଳେ କୋଣମାନଙ୍କରେ ଗଣେଷ, ଶିବ, ପାର୍ବତୀ, ବଷ୍ଣୁ ଆଦ ଦେବତା ଚତୁର୍କୋଣରେ ଅବସ୍ଥିତ ଅଛନ୍ତ । ମନ୍ଦିରରେ ଇନ୍ଦ୍ରଙ୍କ ଛବ ମଧ୍ୟ ରହଛ ।

## ମନ୍ଦିରରେ ପାଳତ ହେଉଥିବା ଉତ୍ସବ

ମନ୍ଦିରରେ ପାଳତ ହେଉଥିବା ରଥ ସପ୍ତମୀ ସବୁଠାରୁ ମୁଖ୍ୟ ଉତ୍ସବ । ଚକ୍ଷୁ ଏବଂ ଚର୍ମ ରୋଗ ବ୍ୟାଧିଗ୍ରସ୍ତ ଭକ୍ତମାନେ ଭଗବାନଙ୍କ ଚମତ୍କାର ଆଶାରେ ଏହ ମନ୍ଦିରରେ ପୂଜାର୍ଚ୍ଚନା କରଥାନ୍ତ ।

## ମନ୍ଦିରର ସ୍ଥାପତ୍ୟ

ମନ୍ଦିରର ନର୍ମାଣ କଳା ବଶ୍ୱକର୍ମା ଶିଳ୍ପୀମାନଙ୍କ ସ୍ଥାପତ୍ୟ କଳାର ନଦର୍ଶନ । କୁହାଯାଏ ଯେ ତତ୍କାଳୀନ ଓଡ଼ିଆ ବ୍ରାହ୍ମଣ ବଶ୍ୱକର୍ମା ବା ମହାରଣା ମାନଙ୍କ ଦ୍ୱାରା ଏହ ମନ୍ଦିରର ପରକଳ୍ପନା ଓ ନର୍ମାଣ ହୋଇଥିଲା । ମନ୍ଦିରକୁ ଏହପର ନର୍ମାଣ କରାଯାଇଛ ଯେ ବର୍ଷରେ ଅନ୍ତତଃ ଦୁଇଦନ (ଫେବୃଆରୀ ଏବଂ ଜୁନ୍ ମାସରେ)



ସୂର୍ଯ୍ୟଙ୍କ କିରଣ ସିଧା ସୂର୍ଯ୍ୟ ଦେବତାଙ୍କ ପ୍ରତିମୂର୍ତ୍ତିର ଚରଣରେ ପଡ଼ିଥାଏ । ମନ୍ଦିର ପାଞ୍ଜୋଟି ଦ୍ୱାର ବନ୍ଦ ରହିବା ସତ୍ତ୍ୱେ ଏହି କିରଣ ମାତ୍ର କେଇ କ୍ଷଣପାଇଁ ମୂର୍ତ୍ତିର ଚରଣ ଉପରେ ପଡ଼ିଥାଏ । ମନ୍ଦିରରେ ପାଞ୍ଜୋଟି ମୂର୍ତ୍ତି ଗୋଟିଏ ସ୍ଥାନରେ ଉପସ୍ଥିତ ଯଥା, ଆଦିତ୍ୟ, ଅମ୍ବିକା, ବିଷ୍ଣୁ, ଗଣେଶ ଏବଂ ମହେଶ୍ୱର । ମୁଖ୍ୟ ଦେବତା ସୂର୍ଯ୍ୟ ସାତଟି ଅଶ୍ୱଖଚିତ ରଥରେ ଅରୁଣଙ୍କ ଦ୍ୱାରା ପରିଚାଳିତ ହେଉଥିବା ମୁଦ୍ରାରେ ଦେଖାଯାଆନ୍ତି । ଏହି ସମସ୍ତ ପ୍ରତିମୂର୍ତ୍ତି ଗୋଟିଏ ଗୋଟିଏ କଳା ମୁଗୁନି ପଥରରେ ନିର୍ମିତ । ପ୍ରତିବର୍ଷ ମାଘମାସର ପ୍ରତ୍ୟେକ ରବିବାର ଦିନ ଏହି ମନ୍ଦିରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ ।

୧୯୨୯ ମସିହାରେ ଜକ୍କମ୍‌ସେଟ୍ଟୀ ଭେଙ୍କଣାଙ୍କ ଦ୍ୱାରା ମନ୍ଦିରରେ ଏକ ସ୍ତମ୍ଭର ସ୍ଥାପନା କରାଯାଇଥିଲା ଏବଂ ମନ୍ଦିରର ତଳେ ଅନେକ ମୂଲ୍ୟବାନ ଧାତୁକୁ ସମ୍ଭାଳିକରି ରଖାଯାଇଥିଲା ।

ମୂଳ ଆଲେଖ୍ୟ (ଇଂରେଜୀ) : ଶ୍ରୀ ଲିଙ୍ଗରାଜ ପ୍ରସାଦ ଅମୂଲ୍ୟ ପଟ୍ଟନାୟକ
ଭାଷାନ୍ତରଣ ଓ ଉପସ୍ଥାପନ : ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# କୁରୀତି ଓ ସଂସ୍କୃତି



ବାଲ୍ମୀକି ନାୟକ

ହେତୁବାଦୀମାନେ ଯେତେବେଳେ କୌଣସି ଧର୍ମ ଉପରେ ଆଲୋଚନା କରନ୍ତି, ଆସ୍ତିକବାଦୀମାନେ କହନ୍ତି - ଧର୍ମକୁ ଆକ୍ଷେପ କରିବା ଭୁଲ କିନ୍ତୁ ସେଥିରେ ଥିବା କୁରୀତି ଗୁଡ଼ିକ ବର୍ଜନୀୟ ବୋଲି କହିପାରନ୍ତି ।

ଏଇଠି ପ୍ରଶ୍ନ ଉଠୁଛି - ଧର୍ମରେ କୁରୀତି ରହୁଛି କାହିଁକି ? ସେଥିରେ କୁରୀତି ସୃଷ୍ଟି କରୁଛି କିଏ ? ତଥାକଥିତ ଭଗବାନ ନା ମଣିଷ ? କୁରୀତି ପାଇଁ ଧର୍ମ କଣ ଦାୟୀ ନୁହେଁ ?

ଏହି ସବୁ ପ୍ରଶ୍ନର ଉତ୍ତର ପାଇବା ପାଇଁ ଆମେ କିଛି କୁରୀତିର ଉଦାହରଣ ଉପରେ ବିଚାର କରିବା । 'ସତୀ ପ୍ରଥା' ଧାର୍ମିକ ମାନ୍ୟତା ଅନୁସାରେ ବହୁକାଳରୁ ଆମ ସମାଜରେ ଚାଲି ଆସୁଥିଲା । ଧାର୍ମିକ ଗୁରୁ କରପାତ୍ରୀ ଏହାକୁ ସମର୍ଥନ କରୁଥିଲେ । ରାଜସ୍ଥାନରେ ଏବେ ବି ସତୀମନ୍ଦିର ଅଛି ଏବଂ ହଜାର ହଜାର ଲୋକ ପୂଜା କରିବା ପାଇଁ ଯାଉଛନ୍ତି । ରାଜା ରାମମୋହନ ରାୟ ଅକ୍ଲାନ୍ତ ପରିଶ୍ରମ କରି ଇଂରେଜ ସରକାରଙ୍କ ସହାୟତାରେ ଏହି ଘୃଣିତ ପ୍ରଥାକୁ ଆଇନ ବଳରେ ବନ୍ଦ କରାଇ ପାରିଥିଲେ । ଏକ ଧାର୍ମିକ କୁରୀତିର ସମାପ୍ତି ହେଲା । 'ଯୌତୁକ ପ୍ରଥା' ଆଦିମ କାଳରୁ ଧାର୍ମିକ ମାନ୍ୟତା ପାଇଛି । ପୁରାଣ ଯୁଗରୁ ଆଧୁନିକ ଯୁଗ ଯାଏଁ ଏହି ପ୍ରଥା ରହିଛି । ଯୌତୁକ ଦାବୀ ଯୋଗୁଁ ଅନେକ ବଧୂ ହତ୍ୟା ବା ଆତ୍ମହତ୍ୟା ଘଟଣା ସମାଜର

ଚନ୍ତାର ବିଷୟ ହେବାରୁ ଭାରତୀୟ କାନୁନ ବ୍ୟବସ୍ଥାରେ ଯୌତୁକ ବିରୋଧୀ ଆଇନ ଲାଗୁ ହେଲା । ଏହି କାନୁନ ବଳରେ ଅନେକ ଯୌତୁକ ନିର୍ଯ୍ୟାତିତା ମହିଳା ମାନଙ୍କୁ ନ୍ୟାୟ ମିଳିଲା । (ଏହି ଆଇନର ଦୂରୁପଯୋଗ ଯୋଗୁଁ ଆଜି ଭାରତୀୟ ସମାଜ ଭୟ ଓ ଆତଙ୍କରେ କାଳ କାଟୁଛି । ହଜାର ହଜାର ନରନାରୀ ବିନା ଦୋଷରେ ଜେଲ ଦଣ୍ଡ ଭୋଗୁଛନ୍ତି । ଏହା ଏକ ଅଲଗା ବିଚାରଣୀୟ ବିଷୟ ।)

ଯୌତୁକ ପ୍ରଥା ଆଜି ଧାର୍ମିକ କୁରୀତିର ତାଲିକାର ଅନ୍ତର୍ଭୂକ୍ତ । 'ବାଲ୍ୟ ବିବାହ' - ଧାର୍ମିକ ପ୍ରଥା ଯୋଗୁଁ ଅନେକ ଦମ୍ପତିଙ୍କ ଜୀବନ କଷ୍ଟ ଭୋଗକରି ନଷ୍ଟ ହେଉଥିଲା । ଭାରତୀୟ ଆଇନ ବ୍ୟବସ୍ଥା ଦ୍ୱାରା ତାହାକୁ ବିରୋଧ କରାଯାଇ ବନ୍ଦ କରାଯାଇଛି । 'କନ୍ୟାଦାନ ପ୍ରଥା' - ଧାର୍ମିକ ମାନ୍ୟତା ପାଇଥିଲା । କନ୍ୟାପିତା, ବର ହାତରେ କନ୍ୟା ଦାନ କରୁଥିଲେ । ଆଜିର ଶିକ୍ଷିତ ଓ ସଚେତନ ନାରୀ ସମାଜ ଏହାର ପ୍ରତିବାଦ କରି କହୁଛନ୍ତି - କନ୍ୟା କ'ଣ ପଶୁ ନା ବସ୍ତୁ ? କନ୍ୟାକୁ ଦାନ କରାଯିବ କାହିଁକି ? 'ଓଢ଼ଣା ବା ପରଦା ପ୍ରଥା' - ସ୍ତ୍ରୀ ମାନଙ୍କୁ ସମାଜରେ ଲୁଚେଇ ରଖିବା ପାଇଁ ଏକ ଧାର୍ମିକ ମାନ୍ୟତା ପ୍ରାପ୍ତ ନିୟମ ଥିଲା, କାରଣ ସେତେବେଳେ ସ୍ତ୍ରୀମାନଙ୍କୁ ଶିକ୍ଷାରୁ ଦୂରେଇ ରଖାଯାଉଥିଲା । କେବଳ ଗୃହକର୍ମ କରିବା, ସ୍ୱାମୀ ଓ ପରିବାର ଲୋକଙ୍କ ସେବା କରିବା ହିଁ ସ୍ତ୍ରୀର କର୍ତ୍ତବ୍ୟ ବୋଲି କୁହାଯାଉଥିଲା । ସମୟାନୁକ୍ରମେ ସ୍ତ୍ରୀ ମାନଙ୍କୁ ଘରୁ ବାହାରକୁ ଯିବାର ସୁଯୋଗ ଦିଆଗଲା । ପାଠପଢ଼ି ପୁରୁଷ ମାନଙ୍କ ଭଳି ଉଚ୍ଚଶିକ୍ଷା ପ୍ରାପ୍ତ ହେଲେ ସେମାନେ । ଆଜି ପ୍ରତ୍ୟେକ କ୍ଷେତ୍ରରେ ସ୍ତ୍ରୀମାନେ କାମ କରି ସଫଳ ହେଲେଣି । ଓଢ଼ଣା ପ୍ରଥାକୁ ପାଳନ କରିବା କ'ଣ ଆଜି ସମ୍ଭବ ? ବିଧବା ବିବାହକୁ ଧର୍ମ ନିଷିଦ୍ଧ ଘୋଷଣା କରିଥିଲା । ସେଥିପାଇଁ ଲକ୍ଷ ଲକ୍ଷ ବିଧବା ସ୍ତ୍ରୀ ନାରକୀୟ ଜୀବନ ଅତିବାହିତ କରୁଥିଲେ । ଆଜି ମଧ୍ୟ ବାରଣାସୀର ବିଧବା ଗୃହରେ ଶହ ଶହ ଅସହାୟା ସ୍ତ୍ରୀ ଲୋକ କଷ୍ଟ

ଭୋଗୁଛନ୍ତି । ସମାଜର ଦୃଷ୍ଟିକୋଣରେ ପରିବର୍ତ୍ତନ ଆସିବାରୁ ଆଜି ବିଧବା ମାନଙ୍କୁ ଯୋଗ୍ୟ ବରପାତ୍ର ମିଳିଲେ, ପୁନର୍ବିବାହ ପାଇଁ ଆପତ୍ତି ହେଉନି । ଶିକ୍ଷିତା ଓ ରୋଜଗାରିଆ ସ୍ତ୍ରୀମାନେ ଅତି ସହଜରେ ବିଧବା ହେବାପରେ ଦ୍ୱିତୀୟ ବିବାହ କରି ସୁଖରେ ଦାମ୍ପତ୍ୟ ଜୀବନ ଉପଭୋଗ କରୁଛନ୍ତି । ପ୍ରେମ ବିବାହର ଶହ ଶହ ଉଦାହରଣ ପୁରାଣ ଗ୍ରନ୍ଥ ମାନଙ୍କରେ ଉଲ୍ଲେଖ ଅଛି । ସେ ଗୁଡ଼ିକ କେବଳ ଦେବୀ, ଦେବତା କିମ୍ବା ମୁନିଋଷିଙ୍କ କାହାଣୀ । ସାଧାରଣ ମଣିଷ ପାଇଁ ପ୍ରେମ ବିବାହ ଧର୍ମ ସମ୍ମତ ନଥିଲା । ଏହାର କାରଣ ସମାଜରେ ବର୍ଣ୍ଣବ୍ୟବସ୍ଥା ଯୋଗୁଁ ଉଚ୍ଚ ଓ ନୀଚ ଜାତି ଭିତରେ ପ୍ରେମ ବିବାହକୁ ସମର୍ଥନ ମିଳୁନଥିଲା । ସମୟାନୁକ୍ରମେ ସେହି ପ୍ରଥାକୁ ଉପେକ୍ଷା କରି ଆଜି ହଜାର ହଜାର ସଂଖ୍ୟାରେ ସ୍ତ୍ରୀ ଓ ପୁରୁଷ ଧର୍ମ, ଜାତି ଓ ବର୍ଣ୍ଣ ନିର୍ବିଶେଷରେ ବଡ଼ ସହଜରେ ଆଇନ ସହାୟତାରେ ପ୍ରେମ ବିବାହ କରୁଛନ୍ତି ଏବଂ ସୁଖରେ ଜୀବନ ଅତିବାହିତ କରୁଛନ୍ତି । 'ଜାତି ପ୍ରଥା' ହିଁ ସମାଜ ପାଇଁ ଏକ ଘୃଣିତ ଧାର୍ମିକ ବ୍ୟବସ୍ଥା ରହିଛି । ଅନ୍ୟାନ୍ୟ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଘଟିଥିଲେ ସୁଦ୍ଧା ଜାତିବାଦର ମାନସିକତାରୁ ଭାରତୀୟ ସମାଜମୁକ୍ତ ହୋଇପାରିନାହିଁ । ସେଥିପାଇଁ ଦେଶର ବିଭିନ୍ନ ଅଞ୍ଚଳରେ ଜାତି ଆଧାରରେ ନିଜର ଅଧିକାର ଦାବୀ କରି ସଂଘର୍ଷ ଲାଗି ରହିଛି । ଜାତିବାଦକୁ ଜୀଇଁ ରଖିବାପାଇଁ ଧାର୍ମିକ ବ୍ୟବସ୍ଥା କୋହଳ ହୋଇ ପଡ଼ିଥିଲେ ବି ଆଜି ରାଜନୈତିକ ଦଳମାନେ ପୂର୍ଣ୍ଣ ସମର୍ଥନ କରୁଛନ୍ତି ।

ଉପରୋକ୍ତ ସମସ୍ତ ଉଦାହରଣରେ ଜଣାପଡୁଛି - ଧର୍ମରେ ହିଁ ସବୁ କୁରୀତି ଭରି ରହିଛି । ଚଳନ୍ତି ଜୀବନ ଶୈଳୀରେ ଆମେ ଯଦି ପ୍ରତ୍ୟେକ ରୀତିକୁ ବିଶ୍ଳେଷଣ ପୂର୍ବକ ପରିବର୍ତ୍ତନ କରିବାକୁ ଚାହିଁବା ତେବେ ସମସ୍ତ ଧାର୍ମିକ ନୀତି ବଦଳି ଯାଉଛି । ଧର୍ମ ନାମରେ ଯାହା ବଦଳି ପାରୁନି ସେ ଗୁଡ଼ିକ ହେଉଛି - ଭିତ୍ତିହୀନ ବିଶ୍ୱାସ ଓ

ଅହେତୁକ ଭୟ ।

ଏଇଠି ଆମେ ସଂଗଠିତ ଧର୍ମ ଓ ସଂସ୍କୃତି ଭିତରେ ରହୁଥିବା ପ୍ରଭେଦକୁ ବୁଝିବାକୁ ହେବ । ସଂଗଠିତ ଧର୍ମ ବ୍ୟବସ୍ଥା ହେଉଛି - ସମାଜକୁ ନିୟନ୍ତ୍ରଣ କରିବାପାଇଁ କିଛି କଠୋର ନୀତି ବା ନିୟମ । ସେହି ସବୁ ନିୟମ ମାନି ଚଳିବା ପାଇଁ ଧର୍ମର ମୋହର ଲଗି ହଜାର ହଜାର ବର୍ଷ ଧରି ସମାଜରେ ପ୍ରଚଳିତ ହୋଇ ଆସିଛି । ଏହି ବ୍ୟବସ୍ଥା ତଥାକଥିତ ଧାର୍ମିକ ଗୋଷ୍ଠୀର ମଣିଷମାନେ ସାଧାରଣ ମଣିଷ ମାନଙ୍କୁ ଶୋଷଣ କରିବା ଉଦ୍ଦେଶ୍ୟରେ, ନିଜ ସ୍ୱାର୍ଥସାଧନ ପାଇଁ ବନେଇଥିଲେ । ସେହି ସବୁ ଧାର୍ମିକ ବ୍ୟବସ୍ଥାକୁ କେହି ସଂଶୋଧନ ବା ପରିବର୍ତ୍ତନ କରି ପାରିବେନି । ସେଥିପାଇଁ ଆଜି ବି ଗୀତା କିମ୍ବା କୋରାନରେ ଯାହା ଲେଖା ଅଛି ତାହା ହିଁ ରହିଛି । ଏହା ହିଁ ହେଉଛି, ଯଥାସ୍ଥିତିବାଦ । ଏହି ବ୍ୟବସ୍ଥା ସମାଜକୁ ଜଡ଼ ବା ସ୍ଥାଣୁ ବନେଇ ଦେଇଛି ।

ଏହାର ବିପରୀତ ସଂସ୍କୃତିର ଅର୍ଥ ସାମାଜିକ ପରିବେଶ । ଯେଉଁଠି ଜନସମୁହର ବିଗ୍ଭରଧାର ପ୍ରବାହିତ ହେଉଛି । ସଂସ୍କୃତି କିନ୍ତୁ ଧର୍ମଭଳି ସ୍ଥିର ନୁହେଁ । ସେ ସଦା ପରିବର୍ତ୍ତନଶୀଳ । ଧର୍ମର ସମସ୍ତ ବନ୍ଧନ ସତ୍ତ୍ୱେ ମଣିଷ ନିଜର ଜୀବନଶୈଳୀରେ ପରିବର୍ତ୍ତନ କରିଗ୍ଭଲିଛି । ବିଗତ ଯୁଗର ଧାର୍ମିକ ପରମ୍ପରା ଗୁଡ଼ିକ କୁରୀତି ଭଳି ଅସଂଗତ ଲାଗୁଥିବାରୁ ପାଳନ କରିବା ସମ୍ଭବ ହେଉନି । ଆଧୁନିକ ଯୁଗର ସାଂସ୍କୃତିକ ପରିବେଶରେ ଚଳିବା ପାଇଁ ସମସ୍ତେ ବ୍ୟାକୁଳ । ନିଜର ତର୍କ ବୁଦ୍ଧି ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ପ୍ରତ୍ୟେକ ଧାର୍ମିକ ନୀତିନିୟମକୁ ପରୀକ୍ଷା କରି ଦେଖାଯାଉଛି । ଆବଶ୍ୟକ ସ୍ଥଳେ ସେହି ନୀତି ବା ନିୟମକୁ ତ୍ୟାଗ କରିଦେଲେ ଧର୍ମ ବା ଭଗବାନଙ୍କ କୌଣସି କ୍ଷତି ହେଉନି । କୌଣସି ଦେବୀ ବା ଦେବତା ଅସନ୍ତୁଷ୍ଟ ହେଉଥିବାର ପ୍ରମାଣ ବି ମିଳୁନି । କିନ୍ତୁ ଅସନ୍ତୁଷ୍ଟ ହେଉଛନ୍ତି - ଦେବୀ,

ଦେବତାଙ୍କ ନାମରେ ଧାର୍ମିକ କୁରୀତି ପାଳନ କରିବାପାଇଁ ବାଧ୍ୟ କରୁଥିବା ସ୍ୱାର୍ଥପର ତଥାକଥିତ ଧର୍ମଗୁରୁମାନେ । ମଜା କଥା ହେଉଛି - ଆଧୁନିକ ଜୀବନ ଶୈଳୀକୁ ଉପଭୋଗ କରୁଥିବା ଭଣ୍ଡ ସାଧୁ ସନ୍ଥମାନେ ଚିତ୍କାର କରୁଛନ୍ତି - "ଆମର ଧର୍ମ ବୁଡ଼ିଗଲା । ଆମର ସଂସ୍କୃତି ନଷ୍ଟ ହୋଇଗଲା ।" ସେହିମାନେ କାହିଁକି ସମସ୍ତ ଧାର୍ମିକ ନୀତିନିୟମକୁ ମାନି ଚଳି ପାରୁନାହାନ୍ତି, ଏହି ପ୍ରଶ୍ନର ଉତ୍ତର ସେମାନେ ଦେବାକୁ ଚାହୁଁ ନାହାନ୍ତି । ପାଠକେ ବିଚାର କରନ୍ତୁ, କୁରୀତିର ଜନ୍ମଦାତା କିଏ ? ଆମକୁ କଣ ତ୍ୟାଗ କରିବାକୁ ପଡ଼ିବ ?

ବାଙ୍ଗାଲୋର,
ଦୂରଭାଷ : ୦୯୪୮୨୦୧୬୨୬୦

# ପୁସ୍ତକ ସମୀକ୍ଷା




*ପୁସ୍ତକ ସମୀକ୍ଷା : ଯୌନ ଜୀବନର ସମସ୍ୟା ଓ ସମାଧାନ*

ଭରତ ପର ଏକ ରକ୍ଷଣଶୀଳ ସମାଜରେ ଯୌନ ସଂପର୍କିତ କୌଣସି ବଗ୍ଚରବମର୍ଷ ସ୍ୱାଗତଯୋଗ୍ୟ ମନେ ହୁଏ ନାହିଁ । ଅଧିକନ୍ତୁ ଅନେକ ବ୍ୟକ୍ତି ଏହ କାରଣରୁ ଅନେକ ଯୌନରୋଗର ଶିକାର ହୋଇ ଅଣ/ଅଳ୍ପ ଶିକ୍ଷିତ କ୍ୱାକ ମାନଙ୍କ ଦ୍ୱାର ଚକତ୍ସିତ ହୋଇ ଅଯଥା ଖର୍ଚ୍ଚାନ୍ତ ହେବା ସହ ଅନେକ ଅସୁବଧାରେ ପଡ଼ନ୍ତ । ସେଇଥିପାଇଁ ଏହ ସବୁ ବଷୟ ସମ୍ବଳତ ଏକ ପୁସ୍ତିକାର ପ୍ରକାଶନ କରଛନ୍ତ ଓଡ଼ିଶାର ଯୁବ ଡାକ୍ତର ଶ୍ରୀ ସୌମ୍ୟରଞ୍ଜନ ମିଶ୍ର ।

ଯୌନ ଜୀବନ ପର ଗୁପ୍ତ ବଷୟରେ ସମସ୍ତଙ୍କ ସହତ ବଗ୍ଚର ବମର୍ଷ କରଯାଇ ନ ପାରେ । ସେଥିପାଇଁ ବପକ୍ଷଲୋକ ଅତ୍ୟନ୍ତ ବଶ୍ୱାସଭାଜନ ହେବା ଜରୁରୀ । ଆଉ ଜୀବନମରଣ ସମସ୍ୟାରେ ଡାକ୍ତରଙ୍କ ଠାରୁ ଅଧିକ ବଶ୍ୱାସୀ କଏ ହୋଇପାରେ । ଦାମ୍ପତ୍ୟ ଜୀବନରେ ଦେଖାଯାଉଥିବା ସାଧାରଣ ଯୌନ ସମସ୍ୟା ସବୁର କାରଣ, ଲକ୍ଷଣ ଏବଂ ସମାଧାନ ବଷୟରେ ବହରେ ଆଲୋଚନା କରଯାଇଛ ।

ପୁସ୍ତିକାର ପ୍ରଚ୍ଛଦକୁ ଡା ଶ୍ରୀ ମିଶ୍ର ଅତ୍ୟନ୍ତ ଚମତ୍କାର ଭବରେ ଚତ୍ରଣ କରଛନ୍ତ । ୬୪ ପୃଷ୍ଠା ସମ୍ବଳତ ଏହ ପୁସ୍ତିକାରେ ଯୌନ ସମସ୍ୟା ମାନଙ୍କ ବଷୟରେ ବଶଦ ବର୍ଣ୍ଣନା ସମେତ, ପ୍ରାଥମିକ ଉପଗ୍ଚର ବା ଉପାୟ ଆଦ ବଷୟରେ ଉଲ୍ଲେଖ କରଯାଇଛ, ଯାହା

ଅଧିକାଂଶ ବ୍ୟକ୍ତି ନିଜେ ପଢ଼ି ବୁଝିପାରିବେ । ଯୌନତା ବିଷୟରେ ସାମାନ୍ୟ ସୂଚନା ମଧ୍ୟ ଦିଆଯାଇଛି, ଏହା ସହ ଯୌନ ଅକ୍ଷମତା, ଉଦ୍‌ବେଗ, ସ୍ୱଳ୍ପ ଯୌନାକାଂକ୍ଷା, ଯୌନ ବିମୁଖତା, ଲିଙ୍ଗ ଉତ୍‌ଥାନ ସମସ୍ୟା, ଶୀଘ୍ର ସ୍ଖଳନ ଆଦି ଅନେକ ସମସ୍ୟା ବିଷୟରେ ସବିଶେଷ ଚର୍ଚ୍ଚା କରାଯାଇଛି, ଯାହାକୁ ପଠନ କରି ପାଠକପାଠିକା ମାନେ ଲାଭବାନ ହୋଇପାରିବେ ।

ଯୌନଜୀବନରେ ସମସ୍ୟାର ସମ୍ମୁଖୀନ ହେଉଥିବା ସମସ୍ତ ଦମ୍ପତ୍ତିଙ୍କ ପାଇଁ ଏହା ଏକ ଉପାଦେୟ ପୁସ୍ତିକା । ସ୍ୱର୍ଣ୍ଣାଶ୍ରୀ ପ୍ରକାଶନ ଦ୍ୱାରା ପ୍ରକାଶିତ ଏହି ପୁସ୍ତିକାଟି ଓଡ଼ିଶାର ବିଭିନ୍ନ ସହରରେ ଥିବା ପ୍ରମୁଖ ପୁସ୍ତକାଳୟ ମାନଙ୍କରେ ସହଜରେ ଉପଲବ୍ଧ ରହିଛି । ମାତ୍ର ୭୦ ଟଙ୍କା ମୂଲ୍ୟରେ ଏକ ଅତ୍ୟନ୍ତ ମୂଲ୍ୟବାନ ପୁସ୍ତକ ପାଇବାପାଇଁ ଆପଣ ପ୍ରକାଶକଙ୍କ ସହ ଯୋଗାଯୋଗ କରିପାରିବେ ।

ସ୍ୱର୍ଣ୍ଣଶ୍ରୀ,

ମଧ୍ୟଖଣ୍ଡୀ, ଶ୍ରୀ ବଳଦେବ ଜୀଉ,

କେନ୍ଦ୍ରାପଡ଼ା, ୭୫୪୨୧୨, ଓଡ଼ିଶା ।

ଦୂରଭାଷ : ୯୮୫୩୧୧୭୭୨୦,

ଇମେଲ୍ - dr.srmishra@gmail.com

ଆହ୍ୱାନର ଆଗାମୀ ସଂସ୍କରଣ ଫେବୃଆରୀ ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରେସିପି, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com

ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବୀମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୦୧, ଓଡ଼ିଶା

ଫୋନ : ୯୦୪୦୯୮୫୪୬୩ / ୭୦୦୮୫୬୭୦୮୫

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇ ପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବା ପରେ ସ୍କାନ୍ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ

ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବୀମା ନଗର - ୨ୟ ଗଳି

ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦

ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

# ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ, ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।




ଆହ୍ୱାନ ଇପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାରର ହ୍ୱାଟ୍ସଆପ୍ ଗ୍ରୁପର ସଦସ୍ୟ ହେବାପାଇଁ ଆମ ହ୍ୱାଟ୍ସଆପ୍ ନମ୍ବରକୁ ନିଜ ମୋବାଇଲରେ ସ୍ଥାପିତ (Save) କରନ୍ତୁ । ଏବଂ ଆମକୁ ସନ୍ଦେଶ (Message) ଦିଅନ୍ତୁ ।

ଆମ ହ୍ୱାଟ୍ସଆପ୍ ଗ୍ରୁପ୍ର ନମ୍ବର ହେଉଛି :

# 9040985463